



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ◆ISSUE-72 ◆SATURDAY ◆5 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୭୨ ◆ଶନିବାର ◆୫ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


ଭିତର ପୃଷ୍ଠାରେ...


ରାଉରକେଲା ଆଦର୍ଶ ଷ୍ଟେସନ୍‌ରେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ

ସିମୁଳିଆରେ ଦୁର୍ଦ୍ଦାନ୍ତ ବିହାରୀ ଡକାୟତକୁ ପୁଲିସ୍‌ର ଏନ୍‌କାଉଣ୍ଟର୍

ମାର୍ଶାଘାଇରେ କାନ୍ଥ ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର


# କାହା ସାହସରେ ଏଫ୍‌ସିଆଇର ମନମାନି

## ଗତବର୍ଷ ଉଠାଇ ନ ଥିଲା ୧୩ ଲକ୍ଷ ଟନ୍ ଚାଉଳ ■ ଏବର୍ଷ ଏପର୍ଯ୍ୟନ୍ତ ଉଠିନାହିଁ ୨୨.୭୨ ଲକ୍ଷ ଟନ୍



**ବାକି ପଡ଼ିଛି ଧାନ କିଣା ବକେୟା ୮ ହଜାର କୋଟି**

**ସଂସଦରେ ଶୁଭୁନାହିଁ ୨୫ ବିଜେପି ସାଂସଦଙ୍କ ସ୍ୱର**

■ ଭୁବନେଶ୍ୱର, ୪।୯ (ସମିସ): ଓଡ଼ିଶାରୁ ଚାଉଳ ଉଠାଇବା ପାଇଁ ରାଜ୍ୟ ଯୋଗାଣ ମନ୍ତ୍ରୀ ଦିଲ୍ଲୀରେ ଯାଇ ଦାବି କରୁଛନ୍ତି, ତତ୍‌କାଳୀନ କେନ୍ଦ୍ରମନ୍ତ୍ରୀ ସହଯୋଗୀ କେନ୍ଦ୍ର ଯୋଗାଣମନ୍ତ୍ରୀଙ୍କୁ ଚିଠି ଲେଖୁଛନ୍ତି, ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରୁଛନ୍ତି। ମାତ୍ର ଏଫ୍‌ସିଆଇ ଏହାକୁ କର୍ଣ୍ଣପାତ କରୁନାହିଁ। ମିଲରମାନଙ୍କ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଥିବାରୁ ସେମାନେ ଧାନ ନ କିଣିବାକୁ ଧମକ ଦେଉଛନ୍ତି; ତଥାପି ଏଫ୍‌ସିଆଇ ଏହାକୁ ଶୁଣୁନାହିଁ। ଏକ ସଂଘୀୟ ବ୍ୟବସ୍ଥାରେ ଏ ପ୍ରକାର ଅବହେଳା ଓ ଉପେକ୍ଷା କେବଳ ସାଂଘାତିକ ନୁହେଁ, ଅତ୍ୟନ୍ତ ସ୍ପର୍ଶକାତର। କାହା ସାହସରେ ଏଫ୍‌ସିଆଇ ଏପରି ମନମାନି କରୁଛି ତାହା ବି ସ୍ପଷ୍ଟ ନୁହେଁ। ଗତ ବର୍ଷ ଏଫ୍‌ସିଆଇ ୧୩ ଲକ୍ଷ ଟନ୍ ଚାଉଳ ଉଠାଇ ନ ଥିବା ଖୋଦ୍ ଯୋଗାଣମନ୍ତ୍ରୀ ବିଧାନସଭାରେ ବିଜେଡି ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନରେ ଉତ୍ତର ରଖିଥିଲେ। ୬୩ ଲକ୍ଷ ଟନ୍ ଚାଉଳରୁ ୫୦ ଲକ୍ଷ ଟନ୍ ଚାଉଳ ଉଠାଇଥିବାବେଳେ ବଳକା ୧୩ ଲକ୍ଷ ଟନ୍ ଉଠାଇ ନ ଥିବା ସେ ସ୍ୱୀକାର କରିଥିଲେ। ଚଳିତ ବର୍ଷ ଲକ୍ଷ୍ୟ ଥିବା ୩୦ ଲକ୍ଷ ଟନ୍ ଚାଉଳରୁ ମାତ୍ର ୭.୨୮ ଲକ୍ଷ ଟନ୍ ଚାଉଳ ଏଫ୍‌ସିଆଇ ଉଠାଇଛି, ବଳକା ୨୨.୭୨ ଲକ୍ଷ ଟନ୍ ଏବେ ବି ମିଲରଙ୍କ ଗୋଦାମରେ ଖୁନ୍ଦି ହୋଇଛି। ଯାହାକୁ ନେଇ ଯୋଗାଣମନ୍ତ୍ରୀ ଅସହାୟତା ସହ କ୍ଷୋଭ ପ୍ରକାଶ ▶ପୃଷ୍ଠା-୭

ଇସ୍ରୋର ବଡ଼ ସଫଳତା

# ମହାକାଶରେ 'ଇଓଏସ୍-୦୫'

■ ଶ୍ରୀହରିକୋଟା, ୪।୯ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମହାକାଶ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଶୁକ୍ରବାର ଭୋର ୨ଟା ୫୫ ମିନିଟ୍‌ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧବନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଉତ୍‌କ୍ଷେପଣ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୭ ରକେଟ୍ ଉତ୍‌କ୍ଷେପଣ କରାଯାଇଛି। ଏହି ରକେଟ୍ ଭାରତର ଅତ୍ୟାଧୁନିକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ 'ଇଓଏସ୍-୦୫'କୁ ଉପଭୂସମକାଳୀନ ସ୍ଥାନାନ୍ତରଣ କକ୍ଷରେ ସ୍ଥାପିତ କରିଛି। ▶ପୃଷ୍ଠା-୭



ଭୂସମକାଳୀନ କକ୍ଷରୁ ପୃଥିବୀର ଚିତ୍ର ଉତ୍ତୋଳନ କରିବ ଭାରତର ପ୍ରଥମ ଉପଗ୍ରହ

## ଓଲଟ ପାଲଟ



ଅଢେଇ ବରଷ କାଳ ବିତି ଗଲା
ଉଡ଼ା ଜାହାଜରେ ବୁଲି
ଚବିଶ ବରଷ ବିଜେଡି ଶାସନ
ଏତେ ଶୀଘ୍ର ଗଲ ଭୁଲି
ଉଡ଼ା ଜାହାଜରେ ଟଙ୍କା ଉଡ଼ାଇଲେ
ମାମଲାଟେ ଦେଲ ଠେଲି
ସତ୍ୟରେ ଥିଲେ ବୋଲି
ମାନ୍ୟବର କୋର୍ଟ ଖାରଜ କରିଲେ
ଫୁସୁକି ଗଲାଟି ଗୁଳି

-ଯାଯାବର

# ବର୍ଷାରେ ବୁଡ଼ିଲା ଦିଲ୍ଲୀ ବିମାନବନ୍ଦର

**୯ଟି ବିମାନର ଗତିପଥ ପରିବର୍ତ୍ତନ**

**ଦିଲ୍ଲୀରେ ରେଡ୍ ଆଲର୍ଟ ଜାରି**



■ ନୂଆଦିଲ୍ଲୀ,୪।୯(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀରେ ଶୁକ୍ରବାର ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ) ଭିତର ପରିସର ବର୍ଷା ପାଣିରେ ବୁଡ଼ିଛି। ଅତ୍ୟଧିକ ବର୍ଷା ହେତୁ ବିମାନବନ୍ଦରର ଟର୍ମିନାଲ୍-୨ ଏବଂ ଟର୍ମିନାଲ୍-୩ ର ପ୍ରବେଶ ପଥ ଏବଂ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇଛି। ଫଳରେ ଦିଲ୍ଲୀ ଆସୁଥିବା ୯ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି। ଅନ୍ୟପଟେ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀ ପାଇଁ ପ୍ରବଳ ବର୍ଷା, ଘଡ଼ଘଡ଼ି ନେଇ ରେଡ୍ ଆଲର୍ଟ'ଜାରି କରିଛି। ସୂଚନା ଅନୁଯାୟୀ, ଆଜି ସକାଳୁ ପ୍ରବଳ ବର୍ଷା ହୋଇଥିଲା। ▶ପୃଷ୍ଠା-୭

## ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ପ୍ରଦାନକଲେ ମୁଖ୍ୟମନ୍ତ୍ରୀ

# କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶା ପ୍ରଗତିର ମୂଳଦୁଆ

**୪୧.୩୫ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୩୩ କୋଟି**

■ ଭୁବନେଶ୍ୱର, ୪।୯ (ସମିସ): ନୂଆଖାଇ ପୂର୍ବରୁ ଜନ୍ମାଷ୍ଟମୀରେ ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ହସ୍ତାନ୍ତର କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସିଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଓ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାମକ ▶ପୃଷ୍ଠା-୭





10001/513/2627




ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା




ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ କେତେକ ଜାଣିବା କଥା

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର ଏବଂ ଫ୍ରିଜର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୋଳୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚାରିତ ମଶାରି ବ୍ୟବହାର କରନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡ଼ାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0048

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

ପାଆନ୍ତୁ ନିଜର
CKYC ନମ୍ବର,
ଏହା ଆକାଉଣ୍ଟ ଖୋଲିବା
ଏବଂ ପୁନଃ-KYC କରିବାରେ
ସାହାଯ୍ୟ କରେ



ଏହା କିପରି କାମ କରେ:
- ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କର KYC ସୂଚନାକୁ ସେଣ୍ଟ୍ରାଲ KYC ରେକର୍ଡ ରେଜିଷ୍ଟ୍ରି (CKYCR)ରେ ଗ୍ରହଣ କରନ୍ତି ଏବଂ ଅପଲୋଡ୍ କରନ୍ତି
- ଗ୍ରାହକଙ୍କୁ ଏକ 14-ଅଙ୍କ ବିଶିଷ୍ଟ ନମ୍ବର ଦିଆଯାଇଛି
- ଏହି 14-ଅଙ୍କ ବିଶିଷ୍ଟ ନମ୍ବରକୁ ଅନ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଆକାଉଣ୍ଟ ଖୋଲିବା ପାଇଁ ଗ୍ରାହକଙ୍କ ପୂର୍ବରୁ ଥିବା KYC ରେକର୍ଡକୁ ପୁନରୁଦ୍ଧାର ଏବଂ ପୁନଃ-KYC କରିବା ପାଇଁ ବ୍ୟବହାର କରିପାରିବେ




ଆପଣଙ୍କ CKYC ନମ୍ବର ପାଇବା ପାଇଁ:
ନିଜ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ **କିମ୍ବା** 7799022129 ରେ ମିସ୍‌ଡ କଲ ଦିଅନ୍ତୁ **କିମ୍ବା** https://ckycindia.in ଭିଜିଟ୍ କରନ୍ତୁ

ଅଧିକ ସୂଚନା ପାଇଁ, ଭିଜିଟ୍ କରନ୍ତୁ https://rbikehtahai.rbi.org.in/CKYCR
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର
99990 41935 / 99309 91935


ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

# ସିକିମ୍‌ରେ ୪୦ଟି ବରଫ ହ୍ରଦ ଚିହ୍ନଟ

● ୧୬ଟି ଅତି ବିପଦଜନକ ସ୍ଥିତିରେ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ହିମାଳୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ଓ ବରଫ ତରଳିବା ପ୍ରକ୍ରିୟା ବୃଦ୍ଧି ପାଉଥିବାବେଳେ ସିକିମ୍ ସରକାର ଏନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ସିକିମ୍‌ରେ ମୋଟ ୪୦ଟି ବରଫ ହ୍ରଦ (ଗ୍ଲାସିଆଲ୍ ଲେକ୍)କୁ ବନ୍ୟା ଆଶଙ୍କା ଥିବା ବିପଦପୂର୍ଣ୍ଣ ହ୍ରଦ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୧୬ଟି ହ୍ରଦକୁ ସର୍ବାଧିକ ବିପଦଜନକ ବା କାଟାଗୋରି-ଏ ତାଲିକାରେ ରଖାଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟକୁ ରୋକିବା ପାଇଁ ରାଜ୍ୟ ସରକାର ବର୍ତ୍ତମାନ ସାଟେଲାଇଟ୍ ମନିଟରିଂ, ପ୍ରାଥମିକ ଚେତାବନୀ ବ୍ୟବସ୍ଥା ଏବଂ ହ୍ରଦ-ଭିତ୍ତିକ ସ୍ୱତନ୍ତ୍ର ଯୋଜନା ଆପଣାଇଛନ୍ତି। ଗତ ଅଗଷ୍ଟ ୨୬ ରେ ନେପାଳ-ତିବ୍ବତ ସୀମାରେ ଗ୍ଲାସିଅର ଭୁଶୁଡ଼ିବା ଫଳରେ ହଠାତ୍ ଆସିଥିବା ବନ୍ୟାରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ନିଖୋଜ ହୋଇଯାଇଥିଲେ। ଏହା ସମଗ୍ର ହିମାଳୟ ଅଞ୍ଚଳ ପାଇଁ ବିପଦର କାରଣ ପାଲଟିଛି। ବରଫ ତରଳିବା କାରଣରୁ ନୂତନ ହ୍ରଦ ସୃଷ୍ଟି ହେଉଛି ଏବଂ ପୁରୁଣା ହ୍ରଦଗୁଡ଼ିକର ଆକାର ବଢୁଛି, ଯାହାଫଳରେ ନଦୀର ନିମ୍ନପ୍ରବାହରେ ବଡ଼ଧରଣର ବନ୍ୟା ଆସିବାର ଆଶଙ୍କା ରହିଛି। ସିକିମ୍ ପୂର୍ବରୁ ମଧ୍ୟ ଏପରି ପ୍ରଳୟଙ୍କରୀ ବନ୍ୟାର ସମ୍ମୁଖୀନ ହୋଇସାରିଛି। ୨୦୨୩ ଅକ୍ଟୋବରରେ ବନ୍ୟାରେ ୬୦ ଜଣଙ୍କର ଜୀବନ ଯାଇଥିଲା। ମଙ୍ଗନ, ଗ୍ୟାଙ୍ଗଟକ, ପାକ୍ୟୋଙ୍ଗ ଏବଂ ନାମଚି ଜିଲ୍ଲାରେ ବ୍ୟାପକ ଭିତ୍ତିଭୂମି ନଷ୍ଟ ହେବା ସହ ଏକ ପ୍ରମୁଖ ଜଳବିଦ୍ୟୁତ୍ ପ୍ରକଳ୍ପର ଚୁଙ୍ଗଥାମ ଡାମ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ସମସ୍ତ ହ୍ରଦ ପାଇଁ ଏକା ପ୍ରକାରର ସମାଧାନ ପ୍ରଯୁଜ୍ୟ ନୁହେଁ ବୋଲି ଅଧିକାରୀମାନେ ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶାକୋ ଛୋ, ଲୋନାକ କମ୍ପ୍ଲେକ୍ସ ଏବଂ ଗୁରୁଡୋଙ୍ଗମାର କମ୍ପ୍ଲେକ୍ସ ପାଇଁ ପୃଥକ୍ ଯୋଜନା ପ୍ରସ୍ତୁତ କରାଯାଇଛି। ସିକିମ୍‌ର ସବୁଠାରୁ ସମ୍ବେଦନଶୀଳ ହ୍ରଦ ଭାବେ ଚିହ୍ନଟ ହୋଇଥିବା 'ଶାକୋ ଛୋ' ନେଇ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍ଏ) ନିକଟକୁ ଦାଖଲ କରାଯାଇଛି। ସେହିପରି ଲୋନାକ ଏବଂ ଗୁରୁଡୋଙ୍ଗମାର ପାଇଁ ମଧ୍ୟ ସୁରକ୍ଷା କାନ୍ଥ ଓ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗକୁ ଏହି ବିପଦ ଆକଳନ ଓ ହ୍ରାସ କରିବା ପାଇଁ ନୋଡାଲ୍ ବିଭାଗ ଭାବେ ଘୋଷଣା କରାଯାଇଛି।

# ଶ୍ରୀନଗର ବିମାନବନ୍ଦରରେ ପାର୍କିଂବେଳେ ଖୁଣ୍ଟିରେ ପିଟିହେଲା ଇଣ୍ଡିଗୋ ବିମାନ



**୨୦୦ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ**

ଶ୍ରୀନଗର, ୪।୯(ଏଜେନ୍ସି): ଶ୍ରୀନଗର ବିମାନବନ୍ଦରରେ ପାର୍କିଂ କରାଯାଉଥିବା ସମୟରେ ଇଣ୍ଡିଗୋର ଏକ ବିମାନ ଖୁଣ୍ଟିରେ ଧକ୍କା ଖାଇଛି। ଶୁକ୍ରବାର ସକାଳ ପ୍ରାୟ ୯ଟାରେ ବେ-୬ରେ ଏହି ଘଟଣା ଘଟିଥିଲା। ବିମାନର ସାମ୍ନା ଅଂଶ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏଥିରେ ଥିବା ପ୍ରାୟ ୨୦୦ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ ଅଛନ୍ତି। କାହାରି ଆହତ ହେବାର ଖବର ନାହିଁ। ଇଣ୍ଡିଗୋର ୬ଇ ୨୨୫ ବିମାନଟି ନଭି ମୁମ୍ବାଇରୁ ଶ୍ରୀନଗରରେ ପହଞ୍ଚିଥିଲା। ପାର୍କିଂ ସମୟରେ ବିମାନଟି ବିମାନକୁ ସଠିକ୍ ସ୍ଥାନରେ ପାର୍କ କରିବାରେ ସହାୟତା କରୁଥିବା ଭିଡିଜିଏସ୍ ଖୁଣ୍ଟିରେ ଧକ୍କା ଦେଇଥିଲା। ଧକ୍କା ପରେ ବିମାନର ସାମ୍ନା ଅଂଶ ପ୍ରାୟ ଏକ ଫୁଟ୍ ଭିତରକୁ ଦବିଯାଇଥିବା ଜଣାପଡ଼ିଛି। ଘଟଣା ପରେ ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କୁ ହାତଚାଳିତ ସିଡ଼ି ସାହାଯ୍ୟରେ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ବିମାନବନ୍ଦରରେ ଅନ୍ୟ ବିମାନ ଚଳାଚଳ ସ୍ୱାଭାବିକ ରହିଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି। ପାର୍କିଂ ସମୟରେ ବିମାନର ଦିଗରେ ସାମାନ୍ୟ ତ୍ରୁଟି, ନିର୍ଦ୍ଦେଶନ ପ୍ରଣାଳୀରେ ସମସ୍ୟା କିମ୍ବା ଅନ୍ୟ କୌଣସି ଯାନ୍ତ୍ରିକ କାରଣ ଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

● ଏୟାର ଇଣ୍ଡିଆର ଫୁକେଟ-ଦିଲ୍ଲୀ ବିମାନ

# ପାଇଲଟ୍ ଡ୍ରଗ୍ସ ପରୀକ୍ଷାରେ ବିଫଳ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନର ମୁଖ୍ୟ ପାଇଲଟ୍ ଡ୍ରଗ୍ସ ପରୀକ୍ଷାରେ ପଜିଟିଭ୍ ଜଣାପଡ଼ିଛନ୍ତି। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ପ୍ରାଥମିକ ତଦନ୍ତରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅଗଷ୍ଟ ୪ ତାରିଖରେ ଘଟିଥିବା ଏହି ଘଟଣା ସମୟରେ ବିମାନଟିର ତିନୋଟି ଯାକ ହାଇଡ୍ରୋଲିକ୍ ସିଷ୍ଟମରେ ତ୍ରୁଟି ଦେଖାଦେଇଥିଲା ଏବଂ ଭୁବନେଶ୍ୱର ନିକଟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହି ଘଟଣାରେ ଜାହାଜରେ ଥିବା ଯାତ୍ରୀ ଏବଂ କ୍ରୁ ସଦସ୍ୟମାନେ ଆହତ ହୋଇଥିଲେ। ପ୍ରାରମ୍ଭିକ ଅବସ୍ଥାରେ ଏହାକୁ ଖରାପ ପାଗ ବା ଟର୍ବୁଲାନ୍ସ ବୋଲି କୁହାଯାଉଥିବାବେଳେ ବର୍ତ୍ତମାନ ଏହାକୁ ଏକ 'ଦୁର୍ଘଟଣା' ଭାବେ ବର୍ଗୀକରଣ କରାଯାଇଛି। ରିପୋର୍ଟ ଅନୁଯାୟୀ, ଅବତରଣ ପରେ କରାଯାଇଥିବା ପରୀକ୍ଷାରୁ କ୍ୟାପ୍‌ଟେନଙ୍କ ଶରୀରରେ ନିଶାଦ୍ରବ୍ୟ ଥିବା ଜଣାପଡ଼ିଛି। ଘଟଣା ଘଟିବା ସମୟରେ ପ୍ରଥମେ କୋ-ପାଇଲଟ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଏବଂ ପରେ କ୍ୟାପ୍‌ଟେନ୍ ନିୟନ୍ତ୍ରଣ ନିଜ ହାତକୁ ନେଇଥିଲେ। କିଛି ସମୟ ପାଇଁ ହାଇଡ୍ରୋଲିକ୍ ସିଷ୍ଟମ ଫେଲ୍ ହୋଇଥିଲେ ମଧ୍ୟ ପରେ ଚାପ ପୁନଃସ୍ଥାପିତ ହୋଇଥିଲା ଏବଂ ବିମାନଟି ସୁରକ୍ଷିତ ଭାବେ ଦିଲ୍ଲୀରେ ଅବତରଣ କରିଥିଲା। ଏହି ଘଟଣା ପରେ ଏୟାର ଇଣ୍ଡିଆ ଏହାର ସମସ୍ତ ପାଇଲଟମାନଙ୍କର ଶତକଡ଼ା ଶହେ ଭାଗ ସ୍ୱେଚ୍ଛାକୃତ ଯାଞ୍ଚ ଆରମ୍ଭ କରିଥିବା କହିଛି।

**ନେପାଳ ଜଳ ପ୍ରଳୟ**

# ୯ ଦିନ ପରେ ସୁଡ଼ଙ୍ଗରୁ ଦୁଇ ଶ୍ରମିକ ଉଦ୍ଧାର

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ନେପାଳର ତ୍ରିଶୂଳୀ ୩ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଏକ ବଡ଼ଧରଣର ସଫଳତା ମିଳିଛି। ଭୟଙ୍କର ବନ୍ୟାର ନଅ ଦିନ ପରେ ଏକ ସୁଡଙ୍ଗ ଭିତରୁ ଦୁଇ ଜଣ ଶ୍ରମିକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ଦଳ ସୁଡଙ୍ଗ ଭିତରୁ ଆହୁରି ଅଧିକ ଲୋକଙ୍କ ସ୍ୱର ଶୁଣିବାକୁ ପାଇଛନ୍ତି, ଯାହାକି ଅଧିକ ଜୀବିତ ଲୋକଙ୍କୁ ଉଦ୍ଧାର କରିବାର ଆଶାକୁ ଦ୍ୱିଗୁଣିତ କରିଛି। ଉଦ୍ଧାର ହୋଇଥିବା ଦୁଇ ଜଣ କର୍ମଚାରୀ ହେଲେ ମେକାନିକାଲ୍ ଫୋରମ୍ୟାନ୍ ସଞ୍ଜୟ ସାହା ଏବଂ ମେକାନିକାଲ୍ ସୁପରଭାଇଜର କବୀର ମହାରଜନ। ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସାଂସଦ ତଥା ଇଞ୍ଜିନିୟର୍ ଶ୍ରୀରାମ ନେଉପାନେ ସୋସିଆଲ ମିଡିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ନେପାଳ ସେନା ପକ୍ଷରୁ ସେମାନଙ୍କୁ ସୁଡଙ୍ଗରୁ ବାହାର କରାଯାଉଥିବାର ଏକ ଭିଡିଓ ମଧ୍ୟ ଜାରି କରାଯାଇଛି। ଉଦ୍ଧାର ପରେ ସଞ୍ଜୟ ସାହା କହିଛନ୍ତି ଯେ ଯେତେବେଳେ ବନ୍ୟା ଆସିଲା, ସେତେବେଳେ ସେ କଣ୍ଟ୍ରୋଲ୍ ରୁମ୍‌ରେ ଥିଲେ। ଅନ୍ୟମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଚେତାବନୀ ଦେବା ଚକ୍କରରେ ସେ ନିଜେ ସମୟ ଗଡ଼ାଇ ଦେଇଥିଲେ ଏବଂ ଶେଷରେ ସୁଡଙ୍ଗ ଭିତରେ ଫସି ରହିଥିଲେ। ସେ ସେହି ଦିନଗୁଡ଼ିକରେ କେବଳ ଭଗବାନଙ୍କ ମନ୍ତ୍ର ଜପ କରି ସମୟ କାଟିଥିଲେ ବୋଲି ପ୍ରକାଶ କରିଛନ୍ତି। ସୁଡଙ୍ଗର ଗଭୀର ଅଞ୍ଚଳରେ ଏବେ ବି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ, ରାସୁଆ ଲାଙ୍ଗଟାଙ୍ଗ ଖୋଲା ଜଳବିଦ୍ୟୁତ୍ ପ୍ରକଳ୍ପରୁ ସେନା ଦୁଇଟି ମୃତଦେହ ଉଦ୍ଧାର କରିଛି। ଏହି ପ୍ରକଳ୍ପରେ ଏବେ ବି ୪୧ ଜଣ କର୍ମଚାରୀ ନିଖୋଜ ଅଛନ୍ତି। ନେପାଳରେ ବନ୍ୟା ଏବଂ ଭୂସ୍ଖଳନ କାରଣରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବାବେଳେ ହଜାର ହଜାର ଲୋକ ନିଖୋଜ ରହିଛନ୍ତି। ଶେଷରେ, ଖରାପ ପାଗ ଏବଂ ଭଙ୍ଗା ପରିବହନ ବ୍ୟବସ୍ଥା ସତ୍ତ୍ୱେ ନେପାଳ ସେନା ଏବଂ ସଶସ୍ତ୍ର ପୁଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଛି। ସୁଡଙ୍ଗ ଭିତରୁ ଆସୁଥିବା ସ୍ୱର ଉଦ୍ଧାରକାରୀ ଦଳଙ୍କ ମନୋବଳକୁ ବଢ଼ାଇ ଦେଇଛି ଏବଂ ଆଗାମୀ ଦିନରେ ଆହୁରି ଅଧିକ ଜୀବିତ ଲୋକଙ୍କୁ ଉଦ୍ଧାର କରାଯିବ ବୋଲି ଆଶା କରାଯାଉଛି।



## ମୃତ୍ୟୁସଂଖ୍ୟା ୧୨୮୭କୁ ବୃଦ୍ଧି, ୫ ହଜାରରୁ ଅଧିକ ନିଖୋଜ

ନେପାଳରେ ଭୟଙ୍କର ବନ୍ୟା ଯୋଗୁଁ ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। ରିପୋର୍ଟ ପ୍ରକାଶ ପାଇବା ବେଳକୁ ମୃତ୍ୟୁସଂଖ୍ୟା ୧୨୮୭ କୁ ବୃଦ୍ଧି ପାଇଛି ଏବଂ ୫ ହଜାରରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି। ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଦଶମ ଦିନରେ ପହଞ୍ଚିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୩ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ସଙ୍କଟଜନକ ପରିସ୍ଥିତିର ମୁକାବିଲା ପାଇଁ ଭାରତୀୟ ସେନା, ଏନ୍‌ଡିଆର୍‌ଏଫ୍, ନେପାଳୀ ସେନା, ନେପାଳ ପୁଲିସ ସମେତ ଚୀନ୍ ଏବଂ ଅଷ୍ଟ୍ରେଲିଆର ବିଶେଷଜ୍ଞ ଦଳ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ତ୍ରିଶୂଳୀ ଜଳବିଦ୍ୟୁତ୍ ପ୍ରକଳ୍ପର ସୁଡଙ୍ଗ ଭିତରୁ ପ୍ରାୟ ୭୦ ରୁ ୮୦ ମିଟର ଖୋଳି ଦୁଇ ଜଣ ଜୀବିତ ଶ୍ରମିକଙ୍କୁ ଉଦ୍ଧାର କରାଯିବା ଏକ ବଡ଼ ସଫଳତା ସାଜିଛି। ବନ୍ୟା କାରଣରୁ ରାସ୍ତାଘାଟ ଏବଂ ପୋଲ ଭାଙ୍ଗି ଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରଶାସନ ପକ୍ଷରୁ ହେଲିକପ୍ଟର ଏବଂ ଦଉଡି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି**

# ଅଭିଷେକଙ୍କ କାର୍ଯ୍ୟାଳୟ ଖାଲି କରିବାକୁ ନିର୍ଦ୍ଦେଶ

କୋଲକାତା, ୪।୯(ଏଜେନ୍ସି): ପଶ୍ଚିମବଙ୍ଗର କେନ୍ଦ୍ରୀୟ କୋଲକାତାରେ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଥିବା ଏକ ବହୁତଳ କୋଠାର ତଳ ମହଲା ସମେତ ତିନୋଟି ମହଲା ଖାଲି କରିବାକୁ ରାଜ୍ୟ ଅଗ୍ନିଶମ ବିଭାଗ ନିର୍ଦ୍ଦେଶ ଦେଇଛି। ଅଗ୍ନିନିରାପତ୍ତା ବ୍ୟବସ୍ଥାରେ ଗୁରୁତର ଅଭାବ ଥିବା ଯାଞ୍ଚରେ ଜଣାପଡ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି। ଅଗ୍ନିଶମ ବିଭାଗର ଅଧିକାରୀଙ୍କ ଅନୁସାରେ, କୋଠାର ତଳ ମହଲାରେ କୌଣସି ପ୍ରଭାବୀ ଅଗ୍ନିନିରାପତ୍ତା ବ୍ୟବସ୍ଥା ମିଳିନଥିଲା। ଏହାକୁ ନେଇ କୋଠା ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇ ୪୮ ଘଣ୍ଟା ମଧ୍ୟରେ ଜବାବ ଦେବାକୁ କୁହାଯାଇଥିଲା। ନିର୍ଦ୍ଧାରିତ ସମୟରେ ଜବାବ ନମିଳିବା ପରେ ତଳ ମହଲା, ଷଷ୍ଠ ଓ ସପ୍ତମ ମହଲା ଖାଲି କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ବିଭାଗ କହିଛି, ପରିସରର ଅଗ୍ନିନିରାପତ୍ତା ପ୍ରମାଣପତ୍ରର ବୈଧତା ଅଗଷ୍ଟ ୧୦ରେ ଶେଷ ହୋଇଥିଲା। ଏହା ପରେ ମଧ୍ୟ ପ୍ରମାଣପତ୍ର ନବୀକରଣ କରାଯାଇନଥିଲା। ନିୟମ ଅନୁସାରେ ଆବଶ୍ୟକ ତ୍ରୁଟି ସୁଧାରି ନୂଆ ବୈଧ ଅଗ୍ନିନିରାପତ୍ତା ପ୍ରମାଣପତ୍ର ନମିଳିବା ପର୍ଯ୍ୟନ୍ତ ଏହି ତିନିଟି ମହଲା ବ୍ୟବହାର କରାଯାଇପାରିବ ନାହିଁ। ଏହାର କିଛି ଦିନ ପୂର୍ବରୁ ଏହି କୋଠାରୁ ତୃଣମୂଳ କଂଗ୍ରେସର ଏକ 'ଅବୈଧ' ବିଜ୍ଞାପନ ଫଳକକୁ କର୍ତ୍ତୃପକ୍ଷ ହଟାଇଥିଲେ। ସେହି ସମୟରେ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟର ବ୍ୟକ୍ତିଗତ ସୁରକ୍ଷାକର୍ମୀ, ସମର୍ଥକ ଓ କିଛି ଦଳୀୟ ନେତାଙ୍କ ସହ ପୁଲିସ ଏବଂ କୋଲକାତା ମହାନଗର ନିଗମ କର୍ମଚାରୀଙ୍କ ଧସ୍ତାଧସ୍ତି ହୋଇଥିଲା।

● ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ

# ୱାଇ ୱାଇ ଭୁଜିଆକୁ ନେଇ ବଡ଼ ଅଭିଯୋଗ, ଉତ୍ପାଦନ ବନ୍ଦ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ପ୍ରସିଦ୍ଧ ୱାଇ ୱାଇ ନୁଡୁଲ୍ସ ନିର୍ମାତା କମ୍ପାନୀର ରାଜସ୍ଥାନସ୍ଥିତ କାରଖାନାରେ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ ଆସିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ଯାଞ୍ଚ ବେଳେ କାରଖାନା ଚଟାଣରେ ପଡ଼ିଥିବା ଭଙ୍ଗା ନୁଡୁଲ୍ସ ସଂଗ୍ରହ କରି ତାହାରୁ ଭୁଜିଆ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ଯାଞ୍ଚରେ ଭଙ୍ଗା ନୁଡୁଲ୍ସକୁ ତାପ ଦେଇ ପ୍ରକ୍ରିୟାକରଣ ନ କରି ଭୁଜିଆ ତିଆରିରେ ବ୍ୟବହାର କରାଯାଉଥିବା ଅଧିକାରୀମାନେ ଦେଖିଥିଲେ। ଏହାପରେ ନିର୍ଦ୍ଦିଷ୍ଟ ୱାଇ ୱାଇ ଭୁଜିଆ ଉତ୍ପାଦର ନିର୍ମାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯାନ ସମୟରେ କାରଖାନାରୁ ପ୍ରାୟ ୩୨ ହଜାର କିଲୋଗ୍ରାମ ମାଲ ଜବତ କରାଯାଇଥିବା ବେଳେ ୧, ୯୨୫ ବାକ୍ସ ମିଆଦ ପୂର୍ଣ୍ଣ ଉତ୍ପାଦ ମଧ୍ୟ ମିଳିଥିଲା। ଅଧିକାରୀମାନେ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି ଏବଂ କମ୍ପାନୀ ବିରୋଧରେ ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କାରଖାନା ସିଜି ଫୁଡ୍ସ ଇଣ୍ଡିଆର ହୋଇଥିବା ବେଳେ ଏହା ନେପାଳର କୋଟିପତି ବ୍ୟବସାୟୀ ବିନୋଦ ଚୌଧୁରୀଙ୍କ ନେତୃତ୍ୱାଧୀନ ସିଜି କର୍ପ ଗ୍ଲୋବାଲ୍‌ର ଅଂଶ। ଦେଶବ୍ୟାପୀ ଖାଦ୍ୟ ଗୁଣବତ୍ତା ଓ ସ୍ୱଚ୍ଛତା ଯାଞ୍ଚ ଅଭିଯାନ ମଧ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଚର୍ଚ୍ଚାକୁ ଆସିଛି। କାରଖାନାରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ ପରେ ଭୁଜିଆ ଉତ୍ପାଦନ ଉପରେ କଟକଣା ଲାଗିଛି ଏବଂ ବହୁ ପରିମାଣର ମାଲ ଜବତ ହୋଇଛି।

**ଏୟାରବସ୍ କିଣା ଦୁର୍ନୀତି**

# ମହିନ୍ଦା ରାଜପାକ୍ଷେଙ୍କ ପୁଅ ଗିରଫ

କଲମ୍ବୋ, ୪।୯(ଏଜେନ୍ସି): ଶ୍ରୀଲଙ୍କାର ଦୁର୍ନୀତି ନିବାରଣ ସଂସ୍ଥା (ସିଆଇଏବିଓସି) ଶୁକ୍ରବାର ଦେଶର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ଷେଙ୍କ ସାଂସଦ ପୁଅ ନାମଲ ରାଜପାକ୍ଷେଙ୍କୁ ଗିରଫ କରିଛି। ୨୦୧୩ର ବିବାଦୀୟ ୨.୩ ବିଲିୟନ ଡଲାର ଏୟାରବସ ବିମାନ କ୍ରୟ ମାମଲାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ୪୦ ବର୍ଷୀୟ ନାମଲଙ୍କୁ ପଚରାଉଚରା ପାଇଁ ଡକାଯିବା ପରେ ଗିରଫ କରାଯାଇଛି। ଶ୍ରୀଲଙ୍କା ଏୟାରଲାଇନ୍ସର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ କପିଳ ଚନ୍ଦ୍ରସେନା ତଦନ୍ତକାରୀଙ୍କ ନିକଟରେ ସ୍ୱୀକାର କରିଥିଲେ ଯେ ସେ ନାମଲ ରାଜପାକ୍ଷେଙ୍କୁ ପ୍ରାୟ ୫ ଲକ୍ଷ ଡଲାର ଲାଞ୍ଚ ଦେଇଥିଲେ। କିନ୍ତୁ ପରେ ଚନ୍ଦ୍ରସେନା ନିଜ ବୟାନରୁ ଓହରି ଯାଇଥିଲେ। ଏହାପରେ ଗତ ମେ ମାସରେ ତାଙ୍କୁ ସନ୍ଦେହଜନକ ଭାବେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ଏକ ମିଳିତ ତଦନ୍ତରୁ ଜଣାପଡ଼ିଛି ଯେ ଏୟାରବସ ଶ୍ରୀଲଙ୍କାରେ ପ୍ରାୟ ୧୬ ନିୟୁତ ଡଲାର ଲାଞ୍ଚ ପ୍ରଦାନ କରିବାକୁ ସହମତି ପ୍ରକାଶ କରିଥିଲା।

● ଆନ୍ଦୋଳନକାରୀଙ୍କ ବାପାଙ୍କୁ ଆକ୍ରମଣ ଅଭିଯୋଗ

# ସ୍ୱତନ୍ତ୍ର ଭରଦ୍ୱାଜ ଗିରଫ

ବୁଲନ୍ଦସହର, ୪।୯(ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତରରେ ପରୀକ୍ଷା ପ୍ରଶ୍ନପତ୍ରଲିକ୍ ଆନ୍‌ଦୋଳନ ସମୟରେ ଛାତ୍ର ପ୍ରତିବାଦକାରୀଙ୍କ ପିତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ସୋସିଆଲ ମିଡିଆ ପ୍ରଭାବୀ ତଥା କର୍ମୀ ସ୍ୱତନ୍ତ୍ର ଭରଦ୍ୱାଜକୁ ଉତ୍ତରପ୍ରଦେଶର ବୁଲନ୍ଦସହରରୁ ପୁଲିସ ହେପାଜତକୁ ନେଇଛି। ଧାମରା ନାରା ଗ୍ରାମ ନିକଟରୁ ତାଙ୍କୁ ଅଟକ ରଖାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ ପାଇଛି। ଜୁନ୍ ୨୩ ତାରିଖରେ ହୋଇଥିବା ଏହି ଆନ୍ଦୋଳନ ସମୟରେ ସଞ୍ଜୟ କୁମାର ନାମକ ବ୍ୟକ୍ତିଙ୍କ ମୁଣ୍ଡରେ ଆକ୍ରମଣ ହୋଇଥିବା ଏଫ୍‌ଆଇଆର୍ ରେ ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ଭାରଦ୍ୱାଜ ଏକ ପଡକାଷ୍ଟରେ ଗର୍ବର ସହ ମୁଣ୍ଡ ଫଟାଇ ଦେଇଥିବା ଏବଂ ରାଜନୈତିକ ସୁରକ୍ଷା ଯୋଗୁଁ ଜେଲ୍ ଯାଇନଥିବା ନେଇ ଦାବି କରିବା ପରେ ମାମଲା ପୁଣି ଥରେ ଚର୍ଚ୍ଚାକୁ ଆସିଥିଲା। ଏହି ଭିଡିଓ ଭାଇରାଲ ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ବିଭିନ୍ନ ଦଳର ନେତାମାନେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ରାଜନୈତିକ ଚାପ ବୃଦ୍ଧି ପାଇବା ପରେ ପୁଲିସ ମାମଲାରେ ଏସସି/ଏସଟି ଆଇନର ବିଭାଗଗୁଡ଼ିକୁ ଯୋଡ଼ିଥିଲା। ଅନ୍ୟପକ୍ଷରେ, ଭାରଦ୍ୱାଜ ଏହାକୁ ଆତ୍ମରକ୍ଷା ପାଇଁ କରାଯାଇଥିବା କାର୍ଯ୍ୟ ବୋଲି ଦାବି କରିଥିଲେ ଏବଂ ଭାଇରାଲ ପଡକାଷ୍ଟକୁ ମିଥ୍ୟା ବୋଲି କହିଥିଲେ। ବର୍ତ୍ତମାନ ପୁଲିସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି।

● ଭାରତୀୟ କମ୍ପାନୀ ସହ ୭୬୯ କୋଟିର ଗୋଳାବାରୁଦ ଚୁକ୍ତି ବିବାଦ

# ଇଷ୍ଟୋନିଆ ପ୍ରତିରକ୍ଷାମନ୍ତ୍ରୀଙ୍କ ଇସ୍ତଫା

ଟାଲିନ, ୪।୯(ଏଜେନ୍ସି): ୟୁକ୍ରେନ ପାଇଁ ଗୋଳାବାରୁଦ କିଣିବାକୁ ଭାରତୀୟ ମାଲିକାନାର କମ୍ପାନୀ ସହ ହୋଇଥିବା ପ୍ରାୟ ୭୦ ନିୟୁତ ୟୁରୋ (ପ୍ରାୟ ୭୬୯ କୋଟି ଟଙ୍କା)ର ଚୁକ୍ତିକୁ ନେଇ ବିବାଦ ତୀବ୍ର ହେବା ପରେ ଇଷ୍ଟୋନିଆର ପ୍ରତିରକ୍ଷାମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୨୦୨୪ରେ ଏଷ୍ଟୋନିଆର ପ୍ରତିରକ୍ଷା ନିବେଶ କେନ୍ଦ୍ର ଇଟାଲୀରେ ପଞ୍ଜୀକୃତ ଡାଟାସେଲ୍‌ଫ ଏସ୍‌ଆର୍‌ଏଲ୍ ସହ ଚୁକ୍ତି କରିଥିଲା। ଏହି କମ୍ପାନୀକୁ ସେହି ବର୍ଷ ଭାରତର ନେକୋ ଡିଫେନ୍ସ ମ୍ୟୁନିସନ୍ସ ଅଧିଗ୍ରହଣ କରିଥିଲା। ଚୁକ୍ତି ଅନୁସାରେ ବିପୁଳ ପରିମାଣର ଅର୍ଥ ଅଗ୍ରିମ ଦିଆଯାଇଥିଲେ ମଧ୍ୟ ଗୋଳାବାରୁଦ ଯୋଗାଣରେ ବାରମ୍ବାର ବିଳମ୍ବ ହୋଇଥିଲା। ପରେ ଯୋଗାଣ ହୋଇଥିବା କିଛି ଗୋଳାବାରୁଦ ଗୁଣବତ୍ତା ମାନଦଣ୍ଡ ପୂରଣ କରି ନ ଥିବା ଅଭିଯୋଗ ମଧ୍ୟ ଉଠିଥିଲା। ଇଷ୍ଟୋନିଆର ଜାତୀୟ ଅଡିଟ୍ କାର୍ଯ୍ୟାଳୟ ପ୍ରତିରକ୍ଷା ଅର୍ଥ ଓ କ୍ରୟ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇବା ପରେ ମନ୍ତ୍ରୀ ପେଭକୁର ରାଜନୈତିକ ଦାୟିତ୍ୱ ଗ୍ରହଣ କରି ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ, ଡାଟାସେଲ୍‌ଫ ଚୁକ୍ତି ବାତିଲକୁ ଚ୍ୟାଲେଞ୍ଜ କରି ଏଷ୍ଟୋନିଆ ବିରୋଧରେ ଆଇନଗତ ପଦକ୍ଷେପ ନେଇଛି। କମ୍ପାନୀର ଦାବି, ସେ ପ୍ରାୟ ୫୯ ନିୟୁତ ୟୁରୋର ଗୋଳାବାରୁଦ ଯୋଗାଇଛି ଏବଂ ଗୁଣବତ୍ତା ସମ୍ପର୍କିତ ଅଭିଯୋଗକୁ ଅସ୍ୱୀକାର କରିଛି। ଅଡିଟ୍ ରିପୋର୍ଟ ଅନୁଯାୟୀ, ଯଦି ଦିଆଯାଇଥିବା ୟୁରୋପୀୟ ପାଣ୍ଠି ଫେରାଇ ଆଣିବା ସମ୍ଭବ ନହୁଏ, ତେବେ ପ୍ରାୟ ୭୦ ନିୟୁତ ୟୁରୋ ଇଷ୍ଟୋନିଆକୁ ନିଜ ରାଜକୋଷରୁ ଭରଣା କରିବାକୁ ପଡ଼ିପାରେ।

● ୨୦୦୮ ମାଦକଦ୍ରବ୍ୟ ଜବତ ମାମଲା

# ୮୦ ବର୍ଷୀୟ ପୂର୍ବତନ ବାୟୁସେନା ଅଧିକାରୀଙ୍କୁ ୩ ବର୍ଷ ଜେଲ୍

ଚଣ୍ଡିଗଡ଼, ୪।୯(ଏଜେନ୍ସି):୨୦୦୮ ମସିହାର କୋକେନ୍ ଜବତ ମାମଲା ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ମୋହାଲିର ସ୍ୱତନ୍ତ୍ର ଅଦାଲତ ୮୦ ବର୍ଷୀୟ ପୂର୍ବତନ ବାୟୁସେନା କର୍ମଚାରୀ ଦାରା ସିଂହ ଏବଂ ତାଙ୍କ ସହଯୋଗୀ ୭୭ ବର୍ଷୀୟ ଗୁରଦର୍ଶନ ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଅର୍ଥ ହେରଫେର ନିରୋଧୀ ଆଇନ ଅନୁସାରେ ୩ ବର୍ଷ କଠୋର କାରାଦଣ୍ଡ ଓ ୫ ହଜାର ଟଙ୍କା ଲେଖାଏଁ ଜରିମାନା ହୋଇଛି। ମାମଲାରେ ଜବତ ହୋଇଥିବା ଦୁଇଟି ବ୍ୟାଙ୍କ ଚେକ୍‌କୁ ଅଦାଲତ 'ଅପରାଧରୁ ମିଳିଥିବା ସମ୍ପତ୍ତି' ବୋଲି ବିବେଚନା କରିଛନ୍ତି। ୨୦୦୮ରେ ପୁଲିସ ଉଭୟଙ୍କଠାରୁ ୧.୨୩ କିଲୋଗ୍ରାମ କୋକେନ୍ ଜବତ କରିଥିଲା, ଯାହାର ସେତେବେଳେ ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ଥିଲା। ଏହାସହ ୧୦ ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି ବ୍ୟାଙ୍କ ଚେକ୍ ମଧ୍ୟ ଜବତ ହୋଇଥିଲା। ଦାରା ସିଂହ ୨୯ ବର୍ଷ ଭାରତୀୟ ବାୟୁସେନାରେ ସେବା କରି ଜୁନିୟର ୱାରେଣ୍ଟ ଅଫିସର ଭାବେ ଅବସର ନେଇଥିଲେ।

# ବଡ଼ଗାମ ଜଙ୍ଗଲରେ ଆତଙ୍କବାଦୀ ନିହତ

ଶ୍ରୀନଗର, ୪।୯(ଏଜେନ୍ସି): ଜମ୍ମୁ-କଶ୍ମୀରର ବଡଗାମ ଜିଲ୍ଲା ଜଙ୍ଗଲରେ ଶୁକ୍ରବାର ସେନା, ଜମ୍ମୁ-କଶ୍ମୀର ପୁଲିସ ଓ ସିଆରପିଏଫ୍‌ର ମିଳିତ ଅଭିଯାନରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଘଟଣାସ୍ଥଳରୁ ଏକ ଏକେ ରାଇଫଲ୍ ଜବତ କରାଯାଇଛି। ସୁରକ୍ଷାବାହିନୀକୁ ଆଉ ଜଣେ ଆତଙ୍କବାଦୀ ସେହି ଅଞ୍ଚଳରେ ଲୁଚିଥିବା ସନ୍ଦେହ ରହିଛି। ତେଣୁ ଆଖଦର ଗଲି ଜଙ୍ଗଲରେ ତଲାସୀ ଅଭିଯାନ ଜାରି ରହିଛି। ନିହତ ଆତଙ୍କବାଦୀର ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅଧିକାରୀଙ୍କ ସୂଚନା ଅନୁସାରେ, ପୁଲୱାମା ଜିଲ୍ଲାର ପାଖେରପୋରା ଅଞ୍ଚଳରୁ କିଛି ସନ୍ଦିଗ୍ଧ ଆତଙ୍କବାଦୀ ବଡଗାମର ୟୁସମାର୍ଗ ଅଭିମୁଖେ ଯାଉଥିବା ଖବର ମିଳିଥିଲା। ଦ୍ୱିତୀୟ ଆତଙ୍କବାଦୀକୁ ଧରିବା ପାଇଁ ଜଙ୍ଗଲରେ ତଲାସୀ ଜାରି ରହିଛି।

# ପଞ୍ଜାବୀ ଗାୟକ ବଲ୍‌ଜିତଙ୍କ ମୃତଦେହ ଉଦ୍ଧାର




ଲୁଧିଆନା, ୪।୯(ଏଜେନ୍ସି): ପଞ୍ଜାବୀ ଗାୟକ ଓ ଗୀତିକାର ବଲଜିତ ସିଂହଙ୍କ ମୃତଦେହ ଲୁଧିଆନାର ସୁଧାର ପଟ୍ଟି ଧଲିୱାଲ ଗାଁସ୍ଥିତ ତାଙ୍କ ଘରୁ ଉଦ୍ଧାର ହୋଇଛି। ୩୫ ବର୍ଷୀୟ ବଲଜିତଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପଡ଼ୋଶୀମାନେ ତାଙ୍କ ଘରୁ ଦୁର୍ଗନ୍ଧ ଆସୁଥିବା ଜାଣି ପୁଲିସକୁ ସୂଚନା ଦେଇଥିଲେ। ପରେ ପୁଲିସ ଘରର କବାଟ ଖୋଲି ବିଛଣା ଉପରେ ବଲଜିତଙ୍କ ମୃତଦେହ ପଡ଼ିଥିବା ଦେଖିଥିଲା। ଦେହରେ ପଚନ ଆରମ୍ଭ ହୋଇଥିବାରୁ ତାଙ୍କର ପ୍ରାୟ ୪ରୁ ୫ ଦିନ ପୂର୍ବରୁ ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ମୃତଦେହ ନିକଟରେ ଶୁଖିଯାଇଥିବା ରକ୍ତ ମଧ୍ୟ ପୁଲିସ ଦେଖିଛି। ତେବେ ରକ୍ତସ୍ରାବ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି କି ନାହିଁ, ତାହା ଏବେ ତଦନ୍ତାଧୀନ। ଘଟଣାର ସତ୍ୟତା ଜାଣିବା ପାଇଁ ପୁଲିସ ଆଖପାଖ ଅଞ୍ଚଳର ନିରୀକ୍ଷଣ କ୍ୟାମେରା ଦୃଶ୍ୟ ଯାଞ୍ଚ କରୁଛି। ବଲଜିତଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଘରକୁ କେହି ଆସିଥିଲେ କିମ୍ବା ସନ୍ଦେହଜନକ ଭାବେ କେହି ଯାତାୟାତ କରିଥିଲେ କି ନାହିଁ, ସେନେଇ ତଦନ୍ତ ଚାଲିଛି।

# ସୋନିଆଙ୍କ ସ୍ମୃତିକଥା ପ୍ରକାଶ କରିବ ହାର୍ପରକଲିନ୍ସ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବହୁଚର୍ଚ୍ଚିତ ସ୍ମୃତିକଥା 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍' ଏବେ ହାର୍ପରକଲିନ୍ସ ଇଣ୍ଡିଆ ପ୍ରକାଶ କରିବ। ପୂର୍ବରୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ଏହି ପୁସ୍ତକ ପ୍ରକାଶ ନ କରିବା ନିଷ୍ପତ୍ତି ନେବା ପରେ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ହାର୍ପରକଲିନ୍ସର ଏହି ଘୋଷଣା ଆସିଛି। ପୁସ୍ତକଟି ନଭେମ୍ବର ୧୦ରେ ବିଶ୍ୱବ୍ୟାପୀ ଭାବେ ପ୍ରକାଶ ପାଇବ। ଏହି ସ୍ମୃତିକଥାରେ ସୋନିଆ ଗାନ୍ଧୀଙ୍କ ଜୀବନର ବିଭିନ୍ନ ଅଧ୍ୟାୟ ସ୍ଥାନ ପାଇବ। ଯୁଦ୍ଧୋତ୍ତର ଇଟାଲୀରେ ତାଙ୍କ ଶୈଶବରୁ ଆରମ୍ଭ କରି ଭାରତରେ ତାଙ୍କ ଜୀବନ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ବିବାହ ଏବଂ ଦଶନ୍ଧି ଧରି ଭାରତୀୟ ରାଜନୀତିର କେନ୍ଦ୍ରରେ ତାଙ୍କ ଭୂମିକା ସମ୍ପର୍କରେ ବିବରଣୀ ରହିବ। ହାର୍ପରକଲିନ୍ସ ଏହି ପୁସ୍ତକକୁ ଆମ ସମୟର ଅତ୍ୟନ୍ତ ପ୍ରତୀକ୍ଷିତ ରାଜନୈତିକ ସ୍ମୃତିକଥାଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଛି। ପୁସ୍ତକରେ ଭାରତର ଯାତ୍ରା ସମ୍ପର୍କରେ ଜଣେ ଭିତରୁ ଦେଖିଥିବା ବ୍ୟକ୍ତିଙ୍କ ଦୁର୍ଲଭ ଦୃଷ୍ଟିକୋଣ ମିଳିବ ବୋଲି ପ୍ରକାଶକ କହିଛି। ପୁସ୍ତକ ପ୍ରକାଶନକୁ ନେଇ ବିବାଦର ଆରମ୍ଭ ହୋଇଥିଲା ପେଙ୍ଗୁଇନ୍ ଇଣ୍ଡିଆ ଭାରତରେ ଏହାକୁ ପ୍ରକାଶ ଓ ବିତରଣ ନକରିବାର ନିଷ୍ପତ୍ତି ପରେ। ରିପୋର୍ଟ ଅନୁସାରେ, ପୁସ୍ତକର କିଛି ଅଂଶରେ ସମ୍ପାଦକୀୟ ପରିବର୍ତ୍ତନ ଓ କିଛି ଅଂଶ ବାଦ ଦେବାକୁ ପ୍ରକାଶକ ପକ୍ଷରୁ କୁହାଯାଇଥିଲା। ସୋନିଆ ଗାନ୍ଧୀଙ୍କ ଟିମ୍ ଏଥିରେ ସହମତ ହୋଇ ନ ଥିବା ଜଣାପଡ଼ିଛି। ଏହା ପରେ କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବଂ ଭାରତ-ଚୀନ୍ ସମ୍ପର୍କ ସମ୍ବନ୍ଧୀୟ କିଛି ଅଂଶ ବାଦ ଦେବାକୁ ପେଙ୍ଗୁଇନ୍ ଚାହୁଁଥିଲା। କିଛି କଂଗ୍ରେସ ନେତା ଏହାକୁ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଆଘାତ ବୋଲି ମଧ୍ୟ କହିଥିଲେ। ଅନ୍ୟପକ୍ଷରେ, ପେଙ୍ଗୁଇନ୍ ଇଣ୍ଡିଆ ବାହ୍ୟ ଚାପ ଯୋଗୁଁ ପୁସ୍ତକ ପ୍ରକାଶନରୁ ଓହରିଥିବା ଅଭିଯୋଗକୁ ଖଣ୍ଡନ କରିଛି। ପ୍ରକାଶକ ପକ୍ଷରୁ କୁହାଯାଇଛି ଯେ ପୁସ୍ତକଟି ପ୍ରକାଶ କରିବାକୁ ସେମାନେ ବେଶ୍ ଆଗ୍ରହୀ ଥିଲେ ଏବଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ ଅଧିକାର ଥିଲା। ପ୍ରକାଶକଙ୍କ ମତରେ, ପୁସ୍ତକର ବିଷୟବସ୍ତୁ ଗୋପନୀୟ ଥିବାରୁ ବାହ୍ୟ ଚାପର ପ୍ରଶ୍ନ ଉଠୁନାହିଁ। ତେବେ ଆଲୋଚନା ସମୟରେ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ଦୁଇ ପକ୍ଷ ମଧ୍ୟରେ ସହମତି ହୋଇପାରିନଥିଲା। ପରେ ସୋନିଆ ଗାନ୍ଧୀଙ୍କ ଟିମ୍ ହିଁ ପ୍ରକାଶନ ପ୍ରକ୍ରିୟା ଆଗକୁ ନେବାକୁ ଚାହୁଁନଥିବା ସୂଚନା ଦେଇଥିବା ପେଙ୍ଗୁଇନ୍ ପକ୍ଷରୁ କୁହାଯାଇଛି। ପେଙ୍ଗୁଇନ୍ ଓ ସୋନିଆ ଗାନ୍ଧୀଙ୍କ ଟିମ୍ ମଧ୍ୟରେ ପ୍ରକାଶନକୁ ନେଇ ମତଭେଦ ସୃଷ୍ଟି ହେବା ପରେ ଏବେ ହାର୍ପରକଲିନ୍ସ ଏହି ଦାୟିତ୍ୱ ନେଇଛି। ଫଳରେ ସୋନିଆ ଗାନ୍ଧୀଙ୍କ ଜୀବନ, ରାଜୀବ ଗାନ୍ଧୀଙ୍କ ସହ ତାଙ୍କ ସମ୍ପର୍କ ଏବଂ ଭାରତୀୟ ରାଜନୀତିରେ ତାଙ୍କ ଦୀର୍ଘ ଯାତ୍ରା ସମ୍ପର୍କିତ ଏହି ପୁସ୍ତକ ପାଇଁ ପାଠକଙ୍କ ଅପେକ୍ଷା ଆହୁରି ବଢ଼ିଛି।

■ ପେଙ୍ଗୁଇନ୍‌ର ପଛଘୁଞ୍ଚିବାକୁ ନେଇ ବିବାଦ ତୀବ୍ର
■ ନଭେମ୍ବର ୧୦ରେ ପ୍ରକାଶ ପାଇବ 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍'
■ ସୋନିଆଙ୍କ ଜୀବନ ଓ ରାଜନୈତିକ ଯାତ୍ରାର କାହାଣୀ



ଓଡ଼ିଶାରୁ ଏଫସିଆଇ ଚାଉଳ ନ ଉଠାଇବା ପ୍ରସଙ୍ଗ

# ସରକାରଙ୍କ ଅପାରଗତା ପାଇଁ ଯୋଗାଣ ବ୍ୟବସ୍ଥା ଫେଲ୍ ମାରିଛି: ବିଜେଡି

ଭୁବନେଶ୍ୱର,୪।୯ (ସମିସ): ଓଡ଼ିଶାରେ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ଓଡ଼ିଶାକୁ ହତାଦର କରି ଅନ୍ୟ ରାଜ୍ୟକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି ଏଫସିଆଇ। ଓଡ଼ିଶାରୁ ଚାଉଳ ଉଠୁନଥିବାରୁ ଧାନ କ୍ରୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱୀକାର କରିଛନ୍ତି। ଏହାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ସଞ୍ଜୟ ଦାସବର୍ମା ବିଜେପି ସରକାର ଉପରେ ବର୍ଷିଛନ୍ତି।



ଶ୍ରୀ ଦାସବର୍ମା କହିଥିଲେ ଯେ, ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଉନାହିଁ, କିନ୍ତୁ ଅନ୍ୟ ରାଜ୍ୟ ମାନଙ୍କୁ ବିଶେଷ ପ୍ରୋତ୍ସାହନ ଦେଉଛି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ପ୍ରଗତି ଦୁଇ ଗୁଣିତ ହେବ ବୋଲି ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା, ତାହା ଆଜି ମିଥ୍ୟା ପ୍ରମାଣିତ ହୋଇଛି। ଚାଷ ଆରମ୍ଭରୁ ଚାଷୀମାନେ ସାର ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ ପଞ୍ଜିକରଣରେ ଅବ୍ୟବସ୍ଥା, ମଣ୍ଡିରେ କଟନି ଛଟନିର ଶିକାର, ମଣ୍ଡିରେ ମିଲର୍ ମାନଙ୍କ ଅରାଜକତା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀକୂଳ। ବର୍ତ୍ତମାନ ଏଫସିଆଇ ଓଡ଼ିଶାରୁ ଚାଉଳ ନ ଉଠାଇବା ଯୋଗୁଁ ରାଜ୍ୟବ୍ୟାପୀ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯାହାକୁ ଆଗାମୀ ଦିନରେ ମଣ୍ଡିରେ ଧାନ କ୍ରୟ ସମୟରେ ଗୁରୁତର ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ସମାଧାନ କରିବା ବଦଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କର ଅସହାୟତାକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଅସହାୟତା ପରେ ଓଡ଼ିଶାବାସୀଙ୍କ ନିକଟରେ ଡବଲ ଇଞ୍ଜିନ ସରକାରଙ୍କ ମୁଖା ଖୋଲିଯାଇଛି। ଓଡ଼ିଶା ପ୍ରତି ବିଜେପି ସରକାର ଯେଉଁ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

- ଚାଉଳ ନ ଉଠିବାରୁ ରାଜ୍ୟରେ ଧାନ କ୍ରୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି
- ଓଡ଼ିଶାକୁ ଅଣଦେଖା କରି ଅନ୍ୟ ରାଜ୍ୟଙ୍କୁ ପ୍ରୋତ୍ସାହନ ଦେଉଛନ୍ତି କେନ୍ଦ୍ର ସରକାର
- ଏଫସିଆଇ ଓଡ଼ିଶା ପ୍ରତି ପାତରଅନ୍ତର କରୁଥିବା ଯୋଗାଣ ମନ୍ତ୍ରୀ ସ୍ୱୀକାର କରିଛନ୍ତି

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ମନ୍ତ୍ରୀଙ୍କ କଥା ଶୁଣି ଚାଷୀ କୂଳ ହତାସ ହୋଇଛି। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାବେଳେ ଏଫସିଆଇ ସରକାରଙ୍କ ଏକ ଅଂଶବିଶେଷ। କିନ୍ତୁ ଏଫସିଆଇ ଓଡ଼ିଶା ସରକାରଙ୍କ କଥା ଶୁଣୁନଥିବା ମନ୍ତ୍ରୀ କହିଛନ୍ତି। ଜଣେ ବିଭାଗୀୟ ମନ୍ତ୍ରୀ ଏପରି କହିବା ଛୋଟ କଥା ନୁହେଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରୁ ସର୍ବାଧିକ ପରିମାଣର ଚାଉଳ ଉଠାଯାଇଥିଲା। ଓଡ଼ିଶା ୫ ଥର କୃଷି କର୍ମଣ ପୁରସ୍କାର ପାଇଥିଲା। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳି ଯାଇଛି। ଓଡ଼ିଶାରୁ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଥାଇ ଓଡ଼ିଆ ଅବହେଳିତ ହେବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାରଙ୍କ ନିକଟରେ ଓଡିଶାର ସ୍ୱାର୍ଥ ପାଇଁ ମୁହଁ ନ ଖୋଲି ସାଂସଦମାନେ ଚୁପ ରହିବା ଅତ୍ୟନ୍ତ ନିନ୍ଦନୀୟ। ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ବାରମ୍ବାର ଉପେକ୍ଷିତ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରି ଓଡ଼ିଶାରୁ ଚାଉଳ ଉଠାନ୍ତୁ, ନଚେତ୍ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ କହିଛନ୍ତି।

# ଦିଲ୍ଲୀ ଇଞ୍ଜିନ୍ ଓଡ଼ିଶା ଇଞ୍ଜିନ୍ କଥା ଶୁଣିବାରେ ବିଫଳ: କଂଗ୍ରେସ

ଚାଉଳ ନ ଉଠିଲେ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଭୋଗିବେ କଷ୍ଟ

ଭୁବନେଶ୍ୱର,୪।୯ (ସମିସ): ଚାଷୀଙ୍କ ରୋଷରୁ ମୁକୁଳିବା ପାଇଁ ଡବଲ ଇଞ୍ଜିନ୍ ବିଜେପି ସରକାର ନୂଆ ସୂତ୍ର। କେନ୍ଦ୍ର ଓ ରାଜ୍ୟର କଳି ମଧ୍ୟରେ ରାଜ୍ୟର ଚାଷୀ ବଳି ପଡ଼ିବାକୁ ଯାଉଛନ୍ତି। ଧାନ ଉଠାଇବା କେନ୍ଦ୍ର ଦାୟିତ୍ୱ। ଏବେ ଡବଲ ଇଞ୍ଜିନ ସରକାରରେ ରାଜ୍ୟରୁ କାହିଁକି ଚାଉଳ ଉଠୁନାହିଁ ସରକାର ଓ ଦଳୀୟ ନେତାଙ୍କ ପାଟି ବନ୍ଦ ରହିଛି। ପୂର୍ବ ଘୋଷଣା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ହେଲେ ଓଡ଼ିଶାର ଚାଷୀ ହେବେ ଖୁସି। କିନ୍ତୁ ଦୁଃର୍ଭାଗ୍ୟର ବିଷୟ ଏବେ ଚାଷୀ ସବୁଠାରୁ ଦୁଃଖି ବୋଲି ରାଜ୍ୟ କଂଗ୍ରେସ କହିଛି। ରାଜ୍ୟରୁ ଏଫ୍‌ସିଆଇ ଚାଉଳ ଉଠାଉ ନ ଥିବା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୟାନ ଦେବା ପରେ ଏହାକୁ କଡ଼ା ସମାଲୋଚନା କରି ଏଆଇସିସି କିଷାନ୍ କଂଗ୍ରେସ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ଧାନ ସଂଗ୍ରହ ବେଳେ ପ୍ରତି କ୍ୱିଣ୍ଟାଲରେ ଜବରଦସ୍ତ ୫ ରୁ ୧୫ କେଜି କଟନୀ ଛଟନୀ। ଧାର୍ଯ୍ୟ ମୁତାବକ ୫୦ କ୍ୱିଣ୍ଟାଲ ଟୋକନ ପାଇଥିବା ଚାଷୀଙ୍କଠାରୁ ୨୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଉଛି। ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନାହିଁ। ଭାରତୀୟ ଖାଦ୍ୟ ନିଗମ ଜାଣିଶୁଣି ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏପରିକି ୩୦ ଲକ୍ଷ ଟନ୍ ଚାଉଳରୁ ଏବେ ମାତ୍ର ଏହାର ଏକ ଚତୁର୍ଥାଂଶ ଅର୍ଥାତ ୭.୨୮ ଲକ୍ଷ ଟନ୍ ଧାନ ଉଠିଛି। ଏଥିରୁ ଡବଲ ଇଞ୍ଜିନ ସରକାର ଚାଷୀଙ୍କ ପ୍ରତି କେତେ ଦରଦ ଓ ପାରିବାପଣିଆ କଥା ପଦାକୁ ଆସିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଖୋଦ୍ ଯୋଗାଣ ମନ୍ତ୍ରୀ ଅସହାୟ ପ୍ରକାଶ କରିବା ଓ ଓଡ଼ିଶାରୁ ବିଜେପି ଦଳର ୨୦ଜଣ ସାଂସଦ ଦିଲ୍ଲୀକୁ ଯାଇଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଆଗରେ ପାଟି ଫିଟାଇବାରେ ଚୁପ୍ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଏଫ୍‌ସିଆଇ ଚାଉଳ ନ ଉଠାଇଲେ ଚଳିତ ବର୍ଷର ଖରିଫ୍ ଧାନ ଆଉ ଉଠାଇବେ ନାହିଁ ବୋଲି ମିଲର୍ ସଂଘ ରୋକ୍‌ଠୋକ୍ ମନା କଲେଣି। ଯାହାଫଳରେ ଆଗାମୀ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଯେଉଁ ଜଟିଳ ସମସ୍ୟାର ସମ୍ମୁଖୀନ ହେବେ, ତାହା ଏବେଠୁ ଜଳଜଳ ଜଣା ପଡୁଛି। ଏଣୁ ଏହି ସମସ୍ୟାର ସମାଧାନ ପାଇଁ ସରକାର ଚାଷୀଙ୍କୁ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରନ୍ତୁ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସହ ୨୦ଜଣ ବିଜେପି ସାଂସଦ ଚାଷୀଙ୍କ ସହିତ ଆଉ ଖେଳ ନ ଖେଳି ଏଫ୍‌ସିଆଇ ରାଜ୍ୟରୁ ତୁରନ୍ତ ଚାଉଳ ଉଠାଇବା ସହ ଆଗାମୀ ଦିନର ଚାଉଳକୁ ଉଠାଇବା ପାଇଁ ପ୍ରସ୍ତୁତ ହେବାକୁ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ନଚେତ୍ ରାଜ୍ୟର ଚାଷୀଙ୍କ କ୍ଷୋଭ ପାଇଁ ଆଗାମୀ ଦିନରେ ଡବଲ ଇଞ୍ଜିନ୍ ସରକାର ଏଥିପାଇଁ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି।

ପାରିବାରିକ କଳହର କରୁଣ ପରିଣତି

# ମାଆକୁ ତଣ୍ଟି ଚିପି ହତ୍ୟା; ପୁଅ ଗିରଫ

ବାରିପଦା, ୪।୯ (ସମିସ): ପୁଅର ଶୁଭ ମନାସୀ ସାରା ଜଗତ ଜନ୍ମାଷ୍ଟମୀ ପାଳନ କରୁଥିବାବେଳେ ଜନ୍ମ କଲା ମାଆର ତଣ୍ଟି ଚିପି ପୁଅ ହତ୍ୟା କରିଛି। ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅଧୀନ ବରଜପୁର ଗ୍ରାମରେ ଗୁରୁବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ମାଆ ଶ୍ରୀମତୀ ସିଂ ବୋଲି ଜଣାପଡ଼ିଛି। ନୃଶଂସ ପୁଅ କୁଇଁଆ ସିଂ (୧୯)କୁ ପୁଲିସ ଗିରଫ କରି ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, ଶ୍ରୀମତୀଙ୍କ ସ୍ୱାମୀଙ୍କ ପୂର୍ବରୁ ମୃତ୍ୟୁବରଣ କରିଥିବାବେଳେ ୪ ପୁଅ ଓ ୨ ଝିଅକୁ ନେଇ ସଂସାର। ଝିଅ ଦୁଇଜଣ ବିବାହିତ। ଶ୍ରୀମତୀ ଓ ୪ ପୁଅ ଚେନ୍ନାଇରେ କାମ କରନ୍ତି। ନିକଟରେ ଶ୍ରୀମତୀ ଓ ଦ୍ୱିତୀୟ ପୁଅ କୁଇଁଆ ଗାଁକୁ ଆସିଥିଲେ। ଗୁରୁବାର ରାତିରେ ମାଆ-ପୁଅ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ସମ୍ଭବତଃ ପୁଅ ମାଆଙ୍କ ତଣ୍ଟି ଚିପି ଦେବାରୁ ସେ ସେହିଠାରେ ଟଳି ପଡିଥିଲେ। ସକାଳେ ପଡ଼ୋଶୀ ପୁଲିସକୁ ସୂଚନା ଦେବାରୁ ବାରିପଦା ସଦର ଏସଡିପିଓ ପ୍ରଭାତ ମଲ୍ଲିକ ସାଇଣ୍ଟିଫିକ ଟିମ୍ ସହିତ ପହଞ୍ଚି ଶବ ଜବତ କରିବା ସହ କୁଇଁଆକୁ ଗିରଫ କରିଥିଲେ। ମୃତ ଶ୍ରୀମତୀଙ୍କ ବେକରେ ଦାଗ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସଦର ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଜାରି ରହିଛି।

# ଦୁର୍ଦ୍ଦାନ୍ତ ଅପରାଧୀକୁ ସିମୁଳିଆ ପୁଲିସର ଏନ୍‌କାଉଣ୍ଟର

ବାଲେଶ୍ୱର/ସିମୁଳିଆ, ୪।୯ (ସମିସ): ଏକ ଡକାୟତି ଯୋଜନା ପଣ୍ଡ କରିବାକୁ ଯାଇ ସିମୁଳିଆ ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀ ବିହାରର ଲୋକେଶ ସିଂହକୁ ଏନ୍‌କାଉଣ୍ଟ କରିଛି। ଆହତ ଅବସ୍ଥାରେ ତାକୁ କାବୁ କରି ପୁଲିସ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି ଏବଂ ଘଟଣାରେ ବ୍ୟବହୃତ ମୋଟରସାଇକଲ ଜବତ ହୋଇଛି। ଫେରାର୍ ହୋଇଯାଇଥିବା ଲୋକେଶର ସହଯୋଗୀମାନଙ୍କୁ ଧରିବା ପାଇଁ ୩ ଜିଲ୍ଲାରେ ହାଇ ଆଲର୍ଟ ସହ ପୁଲିସ ପକ୍ଷରୁ ଚଢ଼ଉ ଓ ତଦନ୍ତ ଜାରି ରହିଥିବା ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକର ସୂଚନା ଦେଇଛନ୍ତି।



- ଗୁଳିବିଦ୍ଧ ଲୋକେଶ ମେଡିକାଲରେ ଭର୍ତ୍ତି
- ବନ୍ଧୁକ, ଅଫୁଟା ଗୁଳି ଓ ବାଇକ୍ ଜବତ
- ବିହାରରୁ ଆସି ବାଲେଶ୍ୱର ଜିଲ୍ଲାରେ ଚଳାଇଥିଲା ଅପରାଧିକ ସିଣ୍ଡିକେଟ୍

ସିମୁଳିଆ ଥାନା ପୁଲିସ ଗୁରୁବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ରାଣୀତାଲ କୁପାରୀ ରାସ୍ତାର ଅଡ଼ା ଛକରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଡକାୟତି ଉଦ୍ଦେଶ୍ୟରେ ଏକତ୍ରିତ ହୋଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଖବର ପାଇ ସିମୁଳିଆ ପୁଲିସର ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଦୁଇଟି ମୋଟରସାଇକଲ ନିକଟରେ ୫ ଜଣ ସନ୍ଦିଗ୍ଧଙ୍କୁ ଦେଖି ସେମାନଙ୍କୁ ଅଟକାଇ ପଚରାଉଚରା କରିବାକୁ ଉଦ୍ୟମ କରିଥିଲା। ହେଲେ ପୁଲିସକୁ ଦେଖି ସେମାନେ ବାଇକ୍ ଯୋଗେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। କିଛି ଦୂର ଯିବା ପରେ ଗୋଟିଏ ବାଇକ୍‌ରେ ଥିବା ଲୋକେଶ ସିଂହ ଓ ତା'ର ଜଣେ ସହଯୋଗୀ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଏହି ସୁଯୋଗରେ ପୁଲିସ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ଲୋକେଶ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଜବାବରେ ଲୋକେଶର ବାମ ଗୋଡ଼ରେ ଗୁଳି ବାଜିଥିଲା। ଲୋକେଶ ସହ ଥିବା ଅନ୍ୟ ଜଣେ ଯୁବକ ମଧ୍ୟ ଖସି ପଳାଇବାରେ ସକ୍ଷମ ହୋଇଛି।

ଲୋକେଶ ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ତା' ନାମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରେ ଚୋରି, ଡକାୟତି ସହ ପ୍ରାୟ ୧୦ଟି ମାମଲା ରହିଛି। ବିହାରରୁ ଆସି ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଚଳାଇଥିବା ଲୋକେଶ ପ୍ରାୟ ମାସେ ତଳେ ସୋର ଜେଲ୍‌ରୁ ମୁକୁଳିଥିଲା। ଜେଲ୍‌ରୁ ବାହାରିବା ପରେ ପୁଣି ଡକାୟତି ଯୋଜନା ଚଳାଇଥିଲା।

# ଗୋବରୀ ନଦୀ ଘେରିବନ୍ଧ ୨୦୦ ଫୁଟ ଧସିଲା

ଗ୍ରାମବାସୀ ଆତଙ୍କିତ, ବିଭାଗୀୟ ଅବହେଳା ଅଭିଯୋଗ



ମହାକାଳପଡ଼ା, ୪।୯ (ସମିସ): ମହାକାଳପଡ଼ା ବ୍ଲକ୍ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ କଂସାର ନିକଟରେ ଗୋବରୀ ନଦୀର ତଟବନ୍ଧ ବିଭାଗ ଘେରିବନ୍ଧର ପ୍ରାୟ ୨୦୦ ଫୁଟ ଧସିଯାଇଛି। ଫଳରେ ନଦୀକୂଳିଆ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିବାବେଳେ ବିଭାଗୀୟ ଅବହେଳାକୁ ନେଇ ସ୍ଥାନୀୟ ଲୋକ ଦାୟୀ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଜୟନଗର ସେକ୍ସନ ପକ୍ଷରୁ ଏହି ସ୍ଥାନରେ ପୂର୍ବରୁ କରାଯାଇଥିବା ପଥର ପ୍ୟାକିଂ ନିମ୍ନମାନର ଥିଲା। ଘେରିବନ୍ଧରେ ନାମକୁ ମାତ୍ର ପଥର ପ୍ୟାକିଂ କରାଯାଇଥିବାରୁ ନଦୀର ପ୍ରବଳ ସ୍ରୋତକୁ ଏହା ପ୍ରତିରୋଧ କରିପାରି ନ ଥିଲା। ପଥର ଧସିଯିବା ସହ ଘେରିବନ୍ଧର ଏକ ବଡ଼ ଅଂଶ ନଦୀଗର୍ଭକୁ ଚାଲିଯାଇଛି। ଅନ୍ୟପକ୍ଷରେ ନଦୀର ଅପର ପାଶ୍ୱର୍ରେ ଚିଙ୍ଗୁଡ଼ି ଘେରି ରହିଥିବାରୁ ଘେରିବନ୍ଧ ଧସିବା ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ତୁରନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରା ନ ଗଲେ, ଆଗାମୀ ଦିନରେ ବଡ଼ ବିପଦ ସୃଷ୍ଟି ହେବା ନେଇ ଗ୍ରାମବାସୀ ଆଶଙ୍କା କରୁଛନ୍ତି। ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ଘେରିବନ୍ଧର ସ୍ଥାୟୀ ସୁରକ୍ଷା ପାଇଁ ଉଚ୍ଚମାନର ପଥର ପ୍ୟାକିଂ ସହ ଆବଶ୍ୟକ ପ୍ରତିରୋଧକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## କାନ୍ଥ ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ମହାକାଳପଡ଼ା/ମାର୍ଶାଘାଇ, ୪।୯ (ସମିସ): ଗତକାଲି ବିଳମ୍ବିତ ରାତିରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସୀପୁର ଦଳିତ ସାହିରେ ଘଟିଛି। ମୃତକ ହୃଷିକେଶ ଜେନା। ତାଙ୍କ ସ୍ତ୍ରୀ ରେଣୁବାଳା ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ଲଗାଣ ବର୍ଷା ଯୋଗୁଁ ଘରର ମାଟିକାନ୍ଥ ଦୁର୍ବଳ ହୋଇଯାଇଥିଲା। ହୃଷିକେଶ ଓ ତାଙ୍କ ସ୍ତ୍ରୀ ରେଣୁବାଳା ଶୋଇଥିବା ସମୟରେ ହଠାତ୍ କାନ୍ଥଟି ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଥିଲା। କାନ୍ଥ ଭୁଶୁଡ଼ିବା ଶବ୍ଦ ଓ ଚିତ୍କାର ଶୁଣି ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ମାଟି ତଳୁ ସ୍ୱାମୀ-ସ୍ତ୍ରୀଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ହୃଷିକେଶ ଜେନାଙ୍କୁ ମୃତ ଘୋଷଣା କରିଥିଲେ। ରେଣୁବାଳା ଜେନା ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏ ଘଟଣା ପରେ ତୁଳସୀପୁର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗୁରୁ ଦିବସରେ ଶିକ୍ଷକଙ୍କୁ ମିଳିବନି ସମ୍ମାନ

ଭୁବନେଶ୍ୱର, ୪।୯ (ସମିସ): ଆସନ୍ତାକାଲି ଅର୍ଥାତ୍ ଗୁରୁ ଦିବସରେ ଶିକ୍ଷକଙ୍କୁ ମିଳିବନି ସମ୍ମାନ। ଶିକ୍ଷା ଓ ଶିକ୍ଷାନୁଷ୍ଠାନରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମିଳୁଥିବା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହକୁ ଘୁଞ୍ଚାଇ ଦିଆଯାଇଛି। ସମସ୍ତ ପ୍ରସ୍ତୁତି ସରିବା ପରେ କାର୍ଯ୍ୟକ୍ରମର ମାତ୍ର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଜରୁରୀ ସରକାରୀ କାର୍ଯ୍ୟ ଥିବାରୁ ଏହାକୁ ବାତିଲ କରାଯାଇଥିବା ନେଇ ପଞ୍ଚସଖା ଶିକ୍ଷାସେତୁ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ଏପରି ନିଷ୍ପତ୍ତି ପରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

- ଅନିର୍ଦ୍ଦିଷ୍ଟ କାଳ ଘୁଞ୍ଚିଲା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହ
- ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ବଢ଼ିଲା ଅସନ୍ତୋଷ

ଗୁରୁ ଦିବସରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହ ପାଇଁ ଅଡିଟୋରିଅମ୍ ବୁକ୍ କରିବା ସହ ସମସ୍ତ ପ୍ରସ୍ତୁତି ସରିଥିଲା। ପୁରସ୍କାର ପାଇବାକୁ ଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିମନ୍ତ୍ରଣ ମଧ୍ୟ କରାଯାଇଥିଲା। ସେବା ପାଇଁ ସମ୍ମାନ ପାଇବାର ଦିନକ ପୂର୍ବରୁ କାର୍ଯ୍ୟକ୍ରମକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। କେବେ ସମ୍ମାନ ପ୍ରଦାନ କରାଯିବ, ସେନେଇ କୌଣସି ସ୍ୱଷ୍ଟତା ମଧ୍ୟ ନାହିଁ। ସରକାର ଓ ଗଣଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଗୁରୁ ଦିବସରେ ଶିକ୍ଷକଙ୍କୁ ଏକପ୍ରକାର ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷାର ମାନ ବୃଦ୍ଧି, ଶିକ୍ଷକଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି ଏବଂ ଉତ୍କୃଷ୍ଟ ଶିକ୍ଷାଦାନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ବ୍ୟବସ୍ଥା ଆରମ୍ଭ କରାଯାଇଛି। ପୂର୍ବ ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ଏହି ପୁରସ୍କାର ତୃତୀୟ ବର୍ଷରେ ପହଞ୍ଚିଥିବାବେଳେ ମୋଟ ୧୨ଟି ବର୍ଗରେ ପୁରସ୍କାର ଦିଆଯାଉଛି। ଗତ ୧ ତାରିଖରେ ପୁରସ୍କାର ପାଇବାକୁ ଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ନାମ ଘୋଷଣା ହେବା ପରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିଲା। ମାତ୍ର ୨ ଦିନ ପରେ ବିଭାଗର ନିଷ୍ପତ୍ତି ବଦଳିଯିବା ପରେ ସମସ୍ତ ଆଶା ଓ ଉତ୍ସାହ ପାଣିରେ ପଡ଼ିଛି। ଅପରପକ୍ଷରେ ୨୦୨୩-୨୪ ଶିକ୍ଷାବର୍ଷରେ ୫ଟି ବର୍ଗର ପୁରସ୍କାର ଘୋଷଣା ହୋଇ ନଥିଲା। ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ, ପୁରାତନ ଛାତ୍ରଛାତ୍ରୀ କମିଟି, ବ୍ଲକ ଏବଂ ଗ୍ରାମପଞ୍ଚାୟତ ବର୍ଗରେ ପୁରସ୍କାର ଘୋଷଣା କରାଯାଇ ନ ଥିବା ବେଳେ ଚଳିତ ଥର ଅର୍ଥାତ୍ ୨୦୨୫-୨୬ ରେ ଏହାକୁ ଘୋଷଣା କରିବା ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

୨୦ ଦିନରେ ସମନ୍ୱୟ ସମିତିର ଧାରଣା

# ଆଜି ଶିକ୍ଷକ ଓ ଅଧ୍ୟାପକଙ୍କ ମହାସମାବେଶ

ଭୁବନେଶ୍ୱର, ୪।୯ (ସମିସ): ଶିକ୍ଷକ ଓ ଅଧ୍ୟାପକଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଉଛନ୍ତି। ପରବର୍ତ୍ତୀ ସମୟରେ ପ୍ରତାରଣା କରୁଛନ୍ତି। ସରକାରୀ ଉଦାସୀନତା ଓ କାଳକ୍ଷେପଣ ନୀତି ଯୋଗୁଁ ରାଜ୍ୟର ଲକ୍ଷାଧିକ ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ହୋଇ ପଡୁଛି। ଦାବି ପୂରଣ ପାଇଁ ଦୀର୍ଘ ୨୦ ଦିନ ଧରି ହଜାର ହଜାର ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଧାରଣାରେ ବସିଥିଲେ ମଧ୍ୟ ସରକାର ନୀରବ ଦର୍ଶକ ସାଜିଛନ୍ତି। ଏଣୁ ଆସନ୍ତା କାଲି ଗୁରୁଦିବସ ଅବସରରେ ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ମହାସମାବେଶ କରିବେ ବୋଲି 'ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି' ପକ୍ଷରୁ କୁହାଯାଇଛି।

ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ ରାଜ୍ୟର କୋଣଅନୁକୋଣରୁ ପ୍ରାୟ ୪୦ ହଜାର ଶିକ୍ଷକ ଶିକ୍ଷୟତ୍ରୀ ଆନ୍ଦୋଳନକୁ ଓହ୍ଲାଇବେ। ରାଜରାସ୍ତାରେ ଗୁରୁଦିବସ ପାଳିବେ। ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହିତ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ, ପେନସନ୍, ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନ୍‌ସନ୍ ପ୍ରଦାନ, ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡ୍‌ପେ ଅସଂଗତି ଦୂରୀକରଣ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ବେସରାକରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ, ଛାତ୍ରବୃତ୍ତି, ଶିକ୍ଷା ଉପକରଣ, ପୋଷାକ ଓ ସାଇକଲ୍ ପ୍ରଦାନ କରିବା ଦାବିକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ କାହିଁକି ପ୍ରତାରଣା କରୁଛନ୍ତି ବୋଲି ପ୍ରଶ୍ନ କରିବେ। କାଳକ୍ଷେପଣ ନୀତି ସଦୃଶ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରି ୬ ମାସରେ ରିପୋର୍ଟ ଦେବାକୁ କହିଥିବାବେଳେ ଏହାର କାର୍ଯ୍ୟକାଳକୁ ପୁଣି ୬ ମାସ ବୃଦ୍ଧି କରିବା ପଛରେ କ'ଣ ରହସ୍ୟ ରହିଛି ବୋଲି ସରକାରଙ୍କୁ ପଚାରିବେ। ଗୁରୁ ଦିବସ ପରି ପବିତ୍ର ଦିନରେ ଓଡ଼ିଶାର ଶିକ୍ଷା ଓ ଶିକ୍ଷକ ସମାଜ ପାଇଁ ଆସନ୍ତାକାଲି ଏକ କଳା ଇତିହାସ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାର ସେମାନଙ୍କ ଦାବି ତ୍ୱରିତ ପୂରଣ ନ କଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କୁ କଂଗ୍ରେସର ସମର୍ଥନ

# ଆବଶ୍ୟକ ହେଲେ ଏହି ପ୍ରସଙ୍ଗରେ ଆନ୍ଦୋଳନ କରିବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର,୪।୯ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଭୁବନେଶ୍ୱର ସମେତ ସାରା ଓଡ଼ିଶାର ସହସ୍ରାଧିକ ସରକାରୀ ଓ ବେସରକାରୀ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କ ମଧ୍ୟରେ ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ସରକାର ସଂପୃକ୍ତ ଶିକ୍ଷକ, କର୍ମଚାରୀଙ୍କ ନ୍ୟାୟୋଚିତ୍ତୋ ଦାବି ପୂରଣ ନେଇ କୌଣସି ମୁଣ୍ଡ ଖେଳାଉ ନ ଥିବାରୁ ଏ ନେଇ ରାଜ୍ୟ କଂଗ୍ରେସ ସଭାପତ ଭକ୍ତ ଚରଣ ଦାସ୍ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଆବଶ୍ୟକ ପଡ଼ିଲେ କଂଗ୍ରେସ ସେମାନଙ୍କର ଦାବି ପୂରଣ ନେଇ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବାକୁ ସେ ଚେତାବନୀ ଦେଇଛନ୍ତି।

ଶ୍ରୀ ଦାସ ଏକ ପ୍ରେସ ବିବୃତିରେ ରାଜ୍ୟ ସରକାରଙ୍କ ଉପରେ ଜୋରଦାର ଆକ୍ରମଣ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କର ଦାୟିତ୍ୱହିନତା ଯୋଗୁଁ ଆଜି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଚରମ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜୀବନଜୀବିକାର ପ୍ରମୁଖ ଦାବି ପୂରଣ ନେଇ ଶିକ୍ଷକ ଓ କର୍ମଚାରୀଙ୍କ ପରିବାର, ପିଲା ଛୁଆଙ୍କ ସହିତ ଆନ୍ଦୋଳନ ପରିସରକୁ ଆଜିକୁ ୨୦ ଦିନରୁ ଊର୍ଦ୍ଧ୍ୱ ସମୟ ହେବ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ଗୋଟିଏ ପଟରେ ରାଜ୍ୟ ସରକାର ନୂତନ ଶିକ୍ଷା ବ୍ୟବସ୍ଥାକୁ ନେଇ ଡିଣ୍ଡିମ ପିଟୁଥିଲାବେଳେ ସଂପୃକ୍ତ ଶିକ୍ଷକ, କର୍ମଚାରୀଙ୍କ ଦାବିଗୁଡିକ ପ୍ରତି ଦୃଷ୍ଟି ନ ଦେବା କଥାରୁ ସରକାରଙ୍କର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ୀକରଣ ନେଇ ଦୋ-ମୁହାଁ ନିତୀ ଆପଣେଇଥିବା ସ୍ୱଷ୍ଟ ପ୍ରତିପାଦିତ ହେଉଛି ବୋଲି ଶ୍ରୀ ଦାସ କହିଛନ୍ତି। ସଂପୃକ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ପୂର୍ଣ୍ଣ ଅନୁଦାନ ପ୍ରଦାନ, ଷଷ୍ଠ ଓ ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ଦରମା ପ୍ରଦାନ, ସ୍ଥାୟୀକରଣ ଓ ପେନସନ ବ୍ୟବସ୍ଥା ଆଦି ଦାବି ରହିଛି। ଏହାକୁ ଭକ୍ତ ଯୁକ୍ତିଯୁକ୍ତ କହିବା ସହ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କୁ ସମାନ କାର୍ଯ୍ୟକୁ ସମାନ ଦରମା ପ୍ରଦାନ ପାଇଁ ହକଦାର ବୋଲି ସେ କହିଛନ୍ତି। ସରକାର ଶିକ୍ଷକ ସମାଜର ମାନସମ୍ମାନ ଓ ପ୍ରତିଷ୍ଠା ରକ୍ଷା ପାଇଁ ସେମାନଙ୍କର ଦାବିଗୁଡିକୁ ତୁରନ୍ତ ମାନି ନେବା ଉଚିତ୍। ସରକାରଙ୍କ ଏଭଳି ମନୋଭାବ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସହ ସମଗ୍ର ରାଜ୍ୟବାସୀଙ୍କୁ ଅତ୍ୟନ୍ତ ବ୍ୟଥିତ କରିଛି। ଶିକ୍ଷକ ଓ କର୍ମଚାରୀ ସମାଜ ନିଜର ଅଧିକାର ପାଇଁ ସେମାନଙ୍କ ସହିତ କଂଗ୍ରେସ ରହିଛି। ଯଦି ସରକାର ତୁରନ୍ତ ସେମାନଙ୍କର ନ୍ୟାୟୋଚିତ ଦାବି ପ୍ରତି ଦୃଷ୍ଟି ନ ଦିଅନ୍ତି, ତେବେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

# ଆଦର୍ଶ ଷ୍ଟେସନ୍‌ରେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ

ରାଉରକେଲା,୪।୯ (ସମିସ): ରେଳ ଟିକଟ କନ୍‌ଫର୍ମ କରିଦେବାକୁ କହି ଜଣେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ମଡେଲ ଷ୍ଟେସନ ଭାବେ ପରିଚିତ ରାଉରକେଲା ରେଳ ଷ୍ଟେସନରେ। ପ୍ଲାଟଫର୍ମ ନମ୍ବର-୧ର ଅଫିସର୍ସ ରେଷ୍ଟ ହାଉସ୍ (ଓଆରଏଚ୍) ନିକଟରେ ଥିବା ଭାଲ୍‌ଭ ରୁମ୍‌ରେ ଯୁବତୀଙ୍କୁ ଉକ୍ତ ରେଳ କର୍ମଚାରୀ ଦୁଷ୍କର୍ମ କରିଥିବା ଏତଲାରୁ ଜଣାପଡ଼ିଛି। ଏନେଇ ମହିଳା ଯାତ୍ରୀ ଜଣକ ରାଉରକେଲା ଜିଆରପି ଥାନାରେରେ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ରେଳ କର୍ମଚାରୀ ହେଲେ କପିଳେଶ୍ୱର ସିଂହ(୫୪)।

- ଅଭିଯୁକ୍ତ ରେଳ କର୍ମଚାରୀ ଗିରଫ
- ଟିକଟ କନ୍‌ଫର୍ମ ଆଳରେ ବଳାତ୍କାର

ସୂଚନା ଯେ, ନୂଆପଡ଼ା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁବାର ଭୋର୍‌ରେ ବେଙ୍ଗାଲୁରୁ ଯିବାକୁ ରାଉରକେଲା ରେଳ ଷ୍ଟେସନରେ ପହଞ୍ଚିଥିଲେ। ତାଙ୍କ ପାଖରେ କନଫର୍ମ ଟିକଟ୍ ନଥିଲା। ଏହି ସମୟରେ ଆଇଓଡବ୍ଲ୍ୟୁ ବିଭାଗରେ କାର୍ଯ୍ୟରତ ଭାଲ୍‌ଭ ମ୍ୟାନ୍ କପିଳେଶ୍ୱରଙ୍କ ସହ ତାଙ୍କର ଦେଖା ହୋଇଥିଲା। ସେ କନଫର୍ମ ରେଳ ଟିକଟ୍ କରାଇଦେବାକୁ ପ୍ରତିଶ୍ରୁତି ଦେଇ ଓଆରଏଚ୍ ନିକଟସ୍ଥ ଭାଲ୍‌ଭ ରୁମ୍‌କୁ ନେଇ ଯାଇଥିଲେ। ସେଠାରେ ତାଙ୍କ ସହ ଦୁଷ୍କର୍ମ କରିଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଆରପି ଟିମ୍ ଯୁବତୀଙ୍କୁ ଘଟଣା ଘଟିଥିବା ଭାଲ୍‌ଭ ରୁମ୍‌କୁ ନେଇ ତଦନ୍ତ କରିଥିଲା। ସେଠାରେ ସେ କପିଳେଶ୍ୱରଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରିଥିବା ପୁଲିସ କହିଛି। ଏହାପରେ ଜିଆରପି ତାଙ୍କୁ ଗିରଫ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ରାଉରକେଲା ସରକାରୀ ହସ୍ପିଟାଲରେ କରାଯାଇଛି। ଏନେଇ ଜିଆରପି ଥାନାରେ ନଂ.୧୨୬/୨୦୨୬ରେ ବିଏନ୍‌ଏସ୍‌ର ଧାରା ୬୪(୨)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି।



## ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ

ରେଳ ଷ୍ଟେସନ ପରିସରରେ ଆର୍‌ପିଏଫ୍ ଓ ଜିଆର୍‌ପିର ଉପସ୍ଥିତି ସତ୍ତ୍ୱେ ଏଭଳି ଘଟଣା ରେଳ ଷ୍ଟେସନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏହି ଘଟଣାକୁ ନେଇ ଚକ୍ରଧରପୁର ରେଳ ମଣ୍ଡଳର ସିନିୟର ଡିସିଏମ୍ ଆଦିତ୍ୟ ଚୌଧୁରୀ କହିଛନ୍ତି ଯେ, ମାମଲା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଉଛି। ଅଭିଯୁକ୍ତ ରେଳ କର୍ମଚାରୀଙ୍କ ବିରୋଧରେ ରେଳବାଇ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଜନ୍ମାଷ୍ଟମୀରେ ଶ୍ରୀକୃଷ୍ଣ ଲୀଳା ଓ ଭକ୍ତି ରସମୟ ପୁରପଲ୍ଲୀ






କେନ୍ଦୁଝର, ୪।୯(ସମିସ): କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବରେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ବାସ୍ତୁଶାସ୍ତ୍ରବିତ୍ ଡଃ ଦେବଦତ୍ତ ଷଡଙ୍ଗୀଙ୍କ ସହ ବିଦ୍ୟାଳୟର ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା, ସଦସ୍ୟା ଭକ୍ତିଶ୍ରୀ ନାୟକ, ଦୁଲାରୀ କିଷ୍ଟୁ କୃଷ୍ଣଜନ୍ମର ବୃତ୍ତାନ୍ତ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭାଗବତ ପାଠ ପ୍ରତିଯୋଗିତାରେ ପ୍ରିୟଂଶୀ ଘୋଷ, ସାଇଓମ୍ ରାଉତ, ଅଂଶିକା ସାହୁ, ପବିଶନା ମିଶ୍ର, ଆଦ୍ୟାଶା ସାହୁ, ଶଶରେଖା ମହାନ୍ତ, ବିଦ୍ୟାଶୀ ମହାନ୍ତ, ସାଇଶ୍ରୀ ପୃଷ୍ଟି, ବିଶ୍ୱରୂପା ବାରିକ, ଉନ୍ନତି ଚାଉଡା, ଆଦ୍ୟାଶା ବାରିକ ଓ ସୁଧା ସଞ୍ଜିବନୀ ବେହେରା ଅତିଥିଙ୍କ ଦ୍ୱାରା ପୁରସ୍କୃତ ହେଇଥିଲେ। ତତ୍‌ପରେ ଶିଶୁବାଟିକାର ଶିଶୁମାନଙ୍କ ଦ୍ୱାରା କୃଷ୍ଣବେଶ ପ୍ରତିଯୋଗିତ କରାଯାଇଥିଲା। ଶିଶୁମାନେ ନଗର ପରିକ୍ରମା କରିଥିଲେ। ପରେ ଦହି ଦାଣ୍ଡି ଭଙ୍ଗା, ଝୁଲଣ, କୃଷ୍ଣ ବାଲ୍ୟ ଲୀଳା ପ୍ରଦର୍ଶନ, କୃଷ୍ଣ ଜନ୍ମ ବାଲନାଟ୍ୟ ପ୍ରଦର୍ଶନ, ନୃତ୍ୟ ତଥା କୃଷ୍ଣବେଶ ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ୨୫୦ ଜଣରୁ ଉର୍ଦ୍ଧ୍ୱ ଶିଶୁ ବେଶ ପ୍ରତିଯୋଗିତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶିଶୁବାଟିକା ପ୍ରମୁଖ ପ୍ରଦୀପ ଦାସଙ୍କ ତତ୍ତ୍ୱାବଧାନରେ ଆଧାର ସ୍ତରରେ ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ପରିଚାଳନା କରିଥିଲେ।

ଆନନ୍ଦପୁର: ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ସୁଦର୍ଶନ ବଳ ମୁଖ୍ୟଅତିଥି, ପରିଚାଳନା ସମିତିର ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆନନ୍ଦପୁର ସଙ୍କୁଳ ପ୍ରମୁଖ ନିରାକାର ସାହୁ ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର, ସଦସ୍ୟ ସୁବାସଚନ୍ଦ୍ର ବେହେରା, ବିଦ୍ୱତ୍ ପରିଷଦର ସଭାପତି ଶଶିଭୂଷଣ ମହାପାତ୍ର, ସମ୍ପାଦକ ପବିତ୍ର ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ଜନ୍ମାଷ୍ଟମୀ ଅବସରରେ ୮୦ରୁ ଉର୍ଦ୍ଧ୍ୱ ଶ୍ରୀକୃଷ୍ଣ ବେଶ ଓ ୪୦ରୁ ଉର୍ଦ୍ଧ୍ୱ ରାଧାବେଶରେ ଭାଗ



ନେଇଥିଲେ। ଶ୍ରୀକୃଷ୍ଣଙ୍କ ଦ୍ୱାରା ଦହି ହାଣ୍ଡି ଭାଙ୍ଗି ଲହୁଣୀ ଖାଇବାର ଦୃଶ୍ୟ ବେଶ୍ ନିଆରା ଥିଲା। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଅହଲ୍ୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟ ହରେକୃଷ୍ଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା କିରଣବାଳା ବେହୁରିଆ, ମନୋରମା ସାହୁ, ବୀଣା ପାଣିଗ୍ରାହୀ, ପ୍ରଭାସିନୀ ମହାନ୍ତି, ଗୁରୁଜୀ ପଙ୍କଜ ମହାନ୍ତି, ବିଶ୍ୱଜିତ ଖୁଣ୍ଟିଆ, ହେମନ୍ତ ସାହୁ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

ଘଷିପୁରା ସରସ୍ୱତୀ ଶିଶୁ ମନ୍ଦିରଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀଉତ୍ସବରେମୁଖ୍ୟଅତିଥିଭାବେପ୍ରଭାତକୁମାର ପଣ୍ଡା, ସମ୍ମାନିତ ଅତିଥି ପାର୍ଥସାରଥୀ ଦାସ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବାବାଜୀ ପଣ୍ଡା ଓ ଗୁରୁଜୀଗୁରୁମାବୃନ୍ଦ ରମେଶ ମହାରଣା, ଭାଗିରଥୀ ରାଉତ, ମନୋରଂଜନ ସା, ଭାନୁଦେବ ସାହୁ, ଅବିନାଶ ଓଝା, ଅଭିଜିତ ସାହୁ, ଦୟାନନ୍ଦ ସାହୁ, ନମିତା ମିଶ୍ର, ପ୍ରତିମା ବାରିକ, ସସ୍ମିତା ପତି, ଗୀତାଞ୍ଜଳି ରଣା, ମନୋରମା ମହାପାତ୍ର, ମଧୁସ୍ମିତା ସାହୁ, ପ୍ରମୋଦିନୀ ଓଝା, ଚନ୍ଦ୍ରିକା ଦୀକ୍ଷିତ, ସବିତା ପାଢ଼ୀ, ସବିତାରାଣୀ ରାଉତ, ନିରୂପମା ମହାରଣା, ନିର୍ମଳା ରାଉତ, ସରସ୍ୱତୀ ସାହୁ, ଦୀପ୍ତିମୟୀ ସାହୁ, ଉଷାରାଣୀ ସାହୁ, ଶାନ୍ତିଲତା ମାଝୀ, ଶୁଭସ୍ମିତା ସାହୁ, ଶୁଭାସିନୀ ଓଝା ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ ଶିଶୁ ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ-ରାଧା ବେଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ଦ୍ୱାରା ଦହିହାଣ୍ଡି ଭଙ୍ଗା, ଦୋଳି ଖେଳା ଓ ନଗର ପରିଭ୍ରମଣ କରାଯାଇଥିଲା। ସମସ୍ତଙ୍କୁ ବିଦ୍ୟାଳୟର ଗୁରୁଜୀ ଗୁରୁମା ମିଷ୍ଟାନ୍ନ ବଣ୍ଟନ କରିଥିଲେ।

ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ଶିକ୍ଷାନୁଷ୍ଠାନ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନ ପରିସରରେ ୩୯ତମ ଜଗଦ୍‌ଗୁରୁ ପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମାଷ୍ଟମୀ ଉତ୍ସବ ମହାସମାହୋରରେ ପାଳିତ ହୋଇଯାଇଛି। ଶିଶୁବାଟିକା ଶ୍ରେଣୀରୁ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଧା ଓ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଗୁରୁମା ଏବଂ ଛାତ୍ରଛାତ୍ରୀଗଣ ଜନ୍ମାଷ୍ଟମୀ ପାଳନର ମହତ୍ୱ ବିଷୟରେ ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀଧର ମହାରଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମନମୋହନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ ଗୁରୁମା ରୋନାଲି ଜେନା ଗୀତା ପାଠ କରିଥିଲେ। ଛାତ୍ରୀଙ୍କ କଣ୍ଠରେ ସ୍ୱର ଚିତ



ଜଣାଣ ଗାନ ହୋଇଥିଲା। ଗୁରୁଜୀ ଲୋଚନ ପୁହାଣ କବିତା ପାଠ ଓ ଗୁରୁଜୀ କାଳନ୍ଦୀ ଚରଣ ମହାରଣାଙ୍କ ଗଳ୍ପ ହୃଦୟସ୍ପର୍ଶୀ ହୋଇଥିଲା। ପ୍ରତିଷ୍ଠାତାଙ୍କ ଭାଗବତ ପାଠ ପରେ ଉପପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ାଙ୍କ ଧନ୍ୟବାଦ ଅର୍ପଣ ଓ ଶାନ୍ତିପାଠ କରାଯାଇ ସଭା ସାଙ୍ଗ ହୋଇଥିଲା। ବିଦ୍ୟାଳୟର ଅନ୍ୟ ସମସ୍ତ ଗୁରୁଜୀ ଗୁରୁମା ଓ ସହକର୍ମୀଗଣ ସହଯୋଗ କରିଥିଲେ।

**ବାଲିବନ୍ଧ:** ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉତ୍ସବକୁ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପାଲା ଗାୟକ ତଥା ଅମଳଶୀଗୁଡା ୟୁପି ସ୍କୁଲର ପ୍ରଧାନଶିକ୍ଷକ ରତ୍ନାକର ବାରିକ ଉଦ୍‌ଘାଟନ କରିବାସହ ଶ୍ରୀକୃଷ୍ଣଙ୍କରଜନ୍ମବୃତ୍ତାନ୍ତକଥାସୁନ୍ଦରଭାବେ କହିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ସହଦେବ ବାରିକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଂପାଦକ ବିନୟ କୁମାର ସାହୁ ଓ ସହସଂପାଦକ ହେମନ୍ତ ବେହେରା ଶିଶୁ ଭାଇଭଉଣୀଙ୍କର ଆଗାମୀ ଭବିଷ୍ୟତ ପାଇଁ ଶୁଭ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପୁରଜିତ ମୁନୀଙ୍କ ତତ୍ତ୍ୱାବଧାନରେ ଉତ୍ସବଟି ସୁରୁଖୁରୁରେ ଚାଲିଥିଲା। ମୋଟ ୧୩୨ ଜଣ ଶିଶୁ ଭାଇଭଉଣୀ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଥିଲେ। ୩ଟି ଭାଗରେ ବିଭକ୍ତ କରାଯାଇ ଅର୍ଶଳା, ରାଇକଳା ଓ ଝୁମ୍ପୁରାରେ ସଂକୀର୍ତ୍ତନ ଦଳ ସହ ପରିକ୍ରମା କରିଥିଲେ। ପରେ ଗୋପୁରମ୍ ସାଥୀରେ ଦଧି ହାଣ୍ଡି ଭଙ୍ଗା ଯାଇଥିଲା। ଗୀତା ପାଠ ଓ ଭାଗବତ ଉପରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ।

**ଚମ୍ପୁଆ:** ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବରିଷ୍ଠ ପାଲା ଗାୟକ ସୁମନ୍ତ କୁମାର ଗିରି ଭଗବତ ଗୀତାରେ ବିଶ୍ୱବାସୀଙ୍କ ପାଇଁ ଅମୂଲ୍ୟ ବାର୍ତ୍ତା ବିଷୟରେ ଉଲ୍ଲେଖ କରିଥିଲେ। ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ ଶ୍ରୀକୃଷ୍ଣଙ୍କର ଅବତାର ବିଷୟରେ କହିଥିଲେ। ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଭଗବତ ଗୀତା ପାଠ ଆବୃତ୍ତି କରିଥିଲେ। ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱରୂପଚନ୍ଦ୍ର ବାରିକ୍ ମଞ୍ଚ ପରିଚାଳନା କରିଥିଲେ। ଶିଶୁ ବାଟିକାର ଭାଇଭଉଣୀମାନଙ୍କୁ ନେଇ କୃଷ୍ଣ ବେଶ ପ୍ରତିଯୋଗିତା ଓ ନୃତ୍ୟ ଗୀତ ପରିବେଷଣ କରାଯାଇ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଉତ୍କଳିକା ଦାସ, ଆରତି ମହାନ୍ତ, ସିଲିକସିତା ମହାନ୍ତ ଆଦି ଯୋଗ ଦେଇଥିଲେ। କୃଷ୍ଣ ବେଶରେ ଶିଶୁମାନେ ସଂକୀର୍ତ୍ତନ ଦଳ ସହିତ ରାଧାକୃଷ୍ଣ ମନ୍ଦିର ପରିକ୍ରମା କରିଥିଲେ। ଆଚାର୍ଯ୍ୟ ପ୍ରତାପ ମହାନ୍ତ, ଅରୁଣ ଜେନା, ରଙ୍ଗଲତା କର, ଲକ୍ଷ୍ମୀକୁମାରୀ ପ୍ରଧାନ, ମୈତ୍ରୀ ମହାନ୍ତ, ବବିତା ଗୋପ, ଗୀତାଞ୍ଜଳି ପ୍ରଧାନ, ଭେନୁକୁମାର ନାୟକ, ବାଲ୍ମିକୀ ନାଏକ ସହଯୋଗ କରିଥିଲେ।

ସେହିପରି ଚମ୍ପୁଆସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ବିଶେଷ ପୂଜାର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ନେଇ ସଜ୍ଜିତ ବେଶଭୂଷାରେ ଶିଶୁମାନେ ଉତ୍ସବର ଆକର୍ଷଣ ବଢ଼ାଇଥିଲେ। ଭକ୍ତମାନେ ଭଜନ, କୀର୍ତ୍ତନ ଓ ପୂଜାର୍ଚ୍ଚନାରେ ସାମିଲ ହୋଇ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ବରୁଣ ସାହୁ, ନୟନ ପାଢ଼ୀ, ଅକ୍ଷୟ ପରିଡ଼ା, ମାନସ ସାହୁ, ରବି ବାରିକ, ବିଦ୍ୟାଧର ବିନ୍ଧାଣୀଙ୍କ ସମେତ ମନ୍ଦିର କମିଟିର ବହୁ ସଦସ୍ୟ ଓ ଭକ୍ତ ସହଯୋଗ କରିଥିଲେ।

## ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଯୋଗଦାନ

ତୁରୁମୁଙ୍ଗା, ୪।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବରେ ସୁବାସଚନ୍ଦ୍ର ପାତ୍ର ଯୋଗଦାନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ଡା. ପାତ୍ର ମୟୂରଭଞ୍ଜ ଜିଲା ଜାମଦା ସିଏଚ୍‌ସିରୁ ପଦୋନ୍ନତି ପାଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେଇଛନ୍ତି। ଏଠାରେ ଥିବା ଡାକ୍ତର ଶୁଭେନ୍ଦୁ ସାଗର ନାଏକଙ୍କ ଅନ୍ୟତ୍ର ବଦଳି ପରେ ସେ ଗତ ମଙ୍ଗଳବାର ଆନୁଷ୍ଠାନିକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ନିରଞ୍ଜନ ସାହୁ, ଡା. ଅଭିଷେକ ସାହୁ, ଡା. ଅର୍ଣ୍ଣବ ସାହୁ, ଡା. ସ୍ୱାଗତ ପ୍ରଧାନ, ଡା. ଜାଜ୍ଞସେନୀ ମହାନ୍ତ ଓ ଗୋଷ୍ଠୀସ୍ୱାସ୍ଥ୍ୟ କାର୍ଯ୍ୟ ପରିଚାଳକ ଦୀପକ ନାୟକ ଡା. ପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।


## ଏସ୍‌ବିଆଇ ସେବା ପ୍ରତି ଗ୍ରାହକ ଅସନ୍ତୋଷ

ଆନନ୍ଦପୁର, ୪।୯ (ସମିସ): କେନ୍ଦୁଝର ଜିଲ୍ଲାର ଘଷିପୁରାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଆଜି ଗ୍ରାହକଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି। ଅଭିଯୋଗ ହୋଇଛି ଯେ ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ୧୬ ନମ୍ବର ୱାର୍ଡ ନିବାସୀ ତ୍ରିଲୋଚନ ସା ବ୍ୟାଙ୍କ୍‌ରୁ ନେଇଥିବା ଋଣ ଅଗଷ୍ଟ ୨୮ ତାରିଖରେ ପରିଶୋଧ କରି ଏନ୍‌ଓସି ମାଗିଥିଲେ। ହେଲେ ତାଙ୍କୁ ମିଳି ନଥିଲା। ଫଳରେ ତାଙ୍କୁ ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ବାକୁ ପଡ଼ିଥିଲା। ଜାଣିଶୁଣି ପରିଚାଳିକା ସମୟ ଗଡ଼ାଇ ଚାଲିଥିଲେ ବୋଲି ଅଭିଯୋଗ ହୋଇଛି। କାରଣ ପ୍ରତିମାସର ୫ ତାରିଖରେ କିସ୍ତି ବାବଦକୁ ୨୧,୦୯୨ ଟଙ୍କା ଦେବାକୁ ହୁଏ। ସେପ୍‌ଟେମ୍ବର ମାସ ୫ ତାରିଖ ପରେ ଉକ୍ତ କିସ୍ତି ସଂପୃକ୍ତ ଗ୍ରାହକଙ୍କୁ ଦେବାକୁ ପଡ଼ିଥାନ୍ତା। ସେ ବାଧ୍ୟହୋଇ ଜଣେ ଆଇନଜୀବୀଙ୍କର ସହାୟତା ନେବା ପରେ ତାଙ୍କୁ ଆଜି ଏନଓସି ଦିଆଯାଇଛି। ତଥାପି ତାଙ୍କୁ ଅଧିକତମ ୪୩୧୩ ଟଙ୍କା ଦେବାକୁ ପଡିଲା। ଯାହାକି ଅଗଷ୍ଟ ୨୮ ତାରିଖରେ ଋଣ ପରିଶୋଧ ପରେ ଏନ୍‌ଓସି ବ୍ୟାଙ୍କରୁ ମିଳିଥିଲେ ସଂପୃକ୍ତ ଗ୍ରାହକଙ୍କୁ ଉକ୍ତ ଅଧିକତମ ଅର୍ଥ ଦେବାକୁ ପଡ଼ି ନଥାନ୍ତା। ବ୍ୟାଙ୍କ୍ ପରିଚାଳିକା କହନ୍ତି ଯେ ତାଙ୍କୁ ୭ ତାରିଖ ସୋମବାର ମେଲ୍‌ରେ ଏନ୍‌ଓସି ଦେବାକୁ କୁହାଯାଇଥିଲା; ଅଯଥାରେ ସେ ବ୍ୟାଙ୍କକୁ ଆସୁଥିଲେ।

## ସ୍ୱାସ୍ଥ୍ୟ ପରିଦର୍ଶକ ଅଚ୍ୟୁତାନନ୍ଦ ପାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଯୋଡ଼ା, ୪।୯(ସମିସ): ବାମେବାରୀ ସେକ୍ଟରର ସ୍ୱାସ୍ଥ୍ୟ ପରିଦର୍ଶକ ଅଚ୍ୟୁତାନନ୍ଦ ପାତ୍ରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ସେପ୍‌ଟେମ୍ବର ୨ ତାରିଖ ବୁଧବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାସୁଦେବପୁର ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଲକ୍ଷ୍ମୀକାନ୍ତ ସିଂହ, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ ମାଝୀ, ଚିକିତ୍ସାଧିକାରୀ ଡାକ୍ତର ଅଭିଜିତ ଦୀକ୍ଷିତ, ଆୟୁଷ ଡାକ୍ତର ଶଶିକାନ୍ତ ପ୍ରଧାନ ଓ ଡାକ୍ତର ରମଣୀ ରଞ୍ଜନ ପାତ୍ରଙ୍କ ସମେତ ପିଏମ୍, ବିଡିଏମ୍, ବାମ୍, ସମସ୍ତ ନର୍ସିଂ ଅଫିସର, କାର୍ଯ୍ୟାଳୟ କର୍ମଚାରୀ ଓ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ। ସହକର୍ମୀମାନେ ଅଚ୍ୟୁତାନନ୍ଦ ପାତ୍ରଙ୍କ କର୍ମମୟ ଜୀବନ ଓ ସେବାକୁ ସ୍ମରଣ କରି ତାଙ୍କୁ ଅଭ୍ୟର୍ଥନା ଜଣାଇଥିଲେ। ପରବର୍ତ୍ତୀ ଜୀବନ ସୁଖମୟ, ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ହେଉ ବୋଲି ସମସ୍ତେ କାମନା କରିଥିଲେ।

## ସ୍ୱାଗତ ସମ୍ବର୍ଦ୍ଧନା ଦିବସ




ତେଲକୋଇ, ୪।୯(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟସ୍ଥିତ ଚାରିଗଡ଼ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆଜି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ "ସ୍ୱାଗତ ସମ୍ବର୍ଦ୍ଧନା ଦିବସ' ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ପାଳିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ମିସ୍ ପାର୍ବତୀ ସାହୁଙ୍କ ସଭାପତିତ୍ୱରେ ଆୟୋଜନ ହୋଇଥିଲା। ନୂତନ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢିବା ସହ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଉଦବୋଧନ ପ୍ରେରଣା ମହାବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ଅଭିଭାଷଣ ରଖିଥିଲେ। ଅଧ୍ୟାପକ ଟୁନାରାମ୍ ମହାନ୍ତଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ତ୍ରିଲୋଚନ ପାଇଲେ ଜାତୀୟ ପୁରସ୍କାର



ଆନନ୍ଦପୁର, ୪।୯ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ନିବାସୀ ତ୍ରିଲୋଚନ ସାହୁଙ୍କୁ ବିଭିନ୍ନ ବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ବିଦ୍ୟାଳୟ ସୁରକ୍ଷା କାନ୍ଥ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟଅଧୀନସ୍ଥ ନେସନାଲ୍ ଇନଷ୍ଟିଚ୍ୟୁଟ ଅଫ ଏଜୁକେସନାଲ ପ୍ଲାନିଙ୍ଗ ଆଣ୍ଡ ଆଡମିନିଷ୍ଟ୍ରେସନ, ନୂଆଦିଲ୍ଲୀ ପକ୍ଷରୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ମାନପତ୍ର, ରୌପ୍ୟ ଫଳକ ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏନ୍‌ସିଇଆରଟି ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଜେ.ଏସ୍. ରାଜପୁତ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବର୍ତ୍ତମାନ ଶ୍ରୀ ସାହୁ ବାରିପଦା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଡକ୍ଟର ସିଦ୍ଧେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓରେ ଜଳବାୟୁ ପରିବର୍ତ୍ତନ ଦିଗ ଉପରେ ଅର୍ଥନୀତିରେ ପିଏଚଡି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ଶୁଭେଚ୍ଛୁଙ୍କ ସମେତ ଏମଏସସିବି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର ମହାନ୍ତି ଏବଂ ଶ୍ରୀ ସାହୁଙ୍କ ଗବେଷଣା ଗାଇଡ୍ ଡକ୍ଟର ସିଦ୍ଧେଶ୍ୱର ପଣ୍ଡା ମଧ୍ୟ ତାଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ସିଏମ୍-କିଷାନ ଯୋଜନାର ପଞ୍ଚମ କିସ୍ତି ସହାୟତା ବଣ୍ଟନ

କେନ୍ଦୁଝର, ୪।୯(ସମିସ): ସିଏମ୍-କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ହିତାଧିକାରୀଙ୍କୁ ପଞ୍ଚମ କିସ୍ତି ଆର୍ଥିକ ସହାୟତା ପ୍ରଦାନ ପାଇଁ ଆଜି କେନ୍ଦୁଝର ଅଡିଟୋରିୟମ୍‌ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ପ୍ରଥମେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ଉପସ୍ଥିତ ସମସ୍ତ ଚାଷୀ ଭାଇଭଉଣୀ ଓ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ସେବା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ସାରା ରାଜ୍ୟର କୃଷକ ଭାଇଭଉଣୀମାନଙ୍କ ବ୍ୟାଙ୍କ ଖାତାକୁ ରବି ୨୦୨୬-୨୭ କୃଷି କାର୍ଯ୍ୟକ୍ରମ ପାଇଁ ସିଏମ୍-କିଷାନ ଯୋଜନାର ଏହି ୫ମ ସହାୟତା ରାଶି ପ୍ରଦାନ କରିଥିଲେ। ଚାଷୀମାନଙ୍କ କଲ୍ୟାଣ ଓ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିବା ସହ କୃଷକ-କୈନ୍ଦ୍ରିକ ଯୋଜନାର ସୁଫଳ ଯେପରି ସ୍ୱଚ୍ଛ ଏବଂ ସମୟୋପଯୋଗୀ ଭାବେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେନେଇ ସରକାରଙ୍କ ଦୃଢ଼ ସଂକଳ୍ପକୁ ଦୋହରାଇଥିଲେ।

ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ ଏବଂ ଅନ୍ୟାନ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀବୃନ୍ଦ ଯୋଗଦେଇଥିଲେ। ଚମ୍ପୁଆ କୃଷି ଜିଲ୍ଲା ଅଧିକାରୀ ନନ୍ଦିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାପାଳ ବିଶାଳ ସିଂହ କେନ୍ଦୁଝର ଜିଲ୍ଲାର ୨ ଲକ୍ଷ ୭ ହଜାରରୁ ଉର୍ଦ୍ଧ୍ୱ କୃଷିଜୀବୀଙ୍କୁ ୪୧ କୋଟି ୫୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏହି ଯୋଜନାରେ ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ରବି ୨୦୨୬-୨୭ ଋତୁ ପାଇଁ କେନ୍ଦୁଝର ଜିଲ୍ଲାର ମୋଟ ୨,୦୭,୩୬୨ ଜଣ ହିତାଧିକାରୀଙ୍କୁ ପଞ୍ଚମ କିସ୍ତି ବାବଦରେ ୪୧ କୋଟି ୫୨ ଲକ୍ଷ ୬୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୨,୦୭,୧୦୫ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ (ଏସଏମଏଫ)ଙ୍କୁ ୪୧ କୋଟି ୪୨ ଲକ୍ଷ ୧୦ ହଜାର ଟଙ୍କା ଏବଂ ୨୫୭ ଜଣ ଭୂମିହୀନ କୃଷି ପରିବାର (ଏଲଏଏଚ) ଙ୍କୁ ୧୦ ଲକ୍ଷ ୫୩ ହଜାର ଟଙ୍କା ସହାୟତା ରାଶି ମିଳିଛି।



## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବଡ଼ବିଲ, ୪।୯(ସମିସ): ବଡ଼ବିଲ ପୌରପାଳିକା ପକ୍ଷରୁ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନ୍ତର୍ଗତ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ଡାକ୍ତରୀ ଦଳଙ୍କ ଉପସ୍ଥିତିରେ ଆୟୋଜିତ ଏହି ଶିବିରରେ ବଡ଼ବିଲ ପୌରପାଳିକାର ଅଧ୍ୟକ୍ଷ ଲଛମନ ମହାନ୍ତ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୮୯ ଜଣ ହିତାଧିକାରୀ ଯୋଗ ଦେଇଥିଲେ। ଭିନ୍ନକ୍ଷମତା ପ୍ରମାଣପତ୍ର ପ୍ରଦାନ ସହିତ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଯୋଗାଇଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଥିଲା। ଏହି ଅବସରରେ ୬ଟି ହ୍ୱିଲ୍‌ଚେୟାର, ୨୭ଟି ବସ୍ ପାସ୍ ଏବଂ ୪ଟି ଦୃଷ୍ଟିହୀନଙ୍କ ଚାଲିବା ବାଡ଼ି (ବ୍ଲାଇଣ୍ଡ ଷ୍ଟିକ୍) ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ଯୋଜନାର ସୁବିଧା ସହଜରେ ପହଞ୍ଚାଇବା ଏବଂ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ଏସ୍‌ଆଇଆର୍ କାର୍ଯ୍ୟର ସମୀକ୍ଷା କଲେ ଉତ୍ତରାଞ୍ଚଳ ଆର୍‌ଡିସି

କେନ୍ଦୁଝର/ଚମ୍ପୁଆ, ୪।୯(ସମିସ): ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି, ସମ୍ବଲପୁର) ତଥା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ର ଦ୍ୱିତୀୟ ଥର ପାଇଁ କେନ୍ଦୁଝର ଜିଲ୍ଲାକୁ ସମୀକ୍ଷା ଗସ୍ତରେ ଆସି ବିଭିନ୍ନ ପ୍ରକ୍ରିୟାର ତଦାରଖ କରିଛନ୍ତି। ବିଶେଷ କରି ଯେଉଁ ବୁଥ୍‌ଗୁଡ଼ିକରେ ସର୍ବାଧିକ ନୂତନ ନାମ ଯୋଗ ଏବଂ ନାମ ବାଦ୍ ପଡ଼ିଛି, ସେହି ବୁଥ୍‌ଗୁଡ଼ିକର ସ୍ଥିତି ଏବଂ ପରିସଂଖ୍ୟାନକୁ ସେ ସମୀକ୍ଷା କରିଥିଲେ। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଯୋଜନାବଦ୍ଧ ଏବଂ ସୁଚାରୁରୂପେ ଚାଲିଥିବାରୁ ସେ ସାମଗ୍ରିକ ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପାଟଣା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ମଦନଧର ମହାଳିକ, ଚମ୍ପୁଆ ନିର୍ବାଚନମଣ୍ଡଳୀରଇଆରଓତଥାଉପଜିଲ୍ଲାପାଳଉମାକାନ୍ତ ପରିଡ଼ା, ଡେପୁଟି କଲେକ୍ଟର ଅରୁଣିମା ସାହୁ, ତହସିଲଦାର ଚମ୍ପୁଆ ସତ୍ୟବ୍ରତ ସାହୁ ଓ ତହସିଲଦାର ବଡ଼ବିଲ ରାକେଶ ପଣ୍ଡା ଓ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।




ଚମ୍ପୁଆ ଉପଖଣ୍ଡ ଗସ୍ତ କାଳରେ ଗୁରୁବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏସ୍‌ଆଇଆର୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏଥିସହ ଶୁକ୍ରବାର ଆରଡିସି ଚମ୍ପୁଆ ଉପଖଣ୍ଡର କାନପୁରଠାରେ ନିର୍ମାଣାଧୀନ କାନପୁର ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରକଳ୍ପର ବିଭିନ୍ନ କାର୍ଯ୍ୟସ୍ଥଳ ବୁଲି ଦେଖିବା ସହ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅଧିକାରୀଙ୍କଠାରୁ ସୂଚନା ନେଇଥିଲେ। ଏହି ଅବସରରେ ଅଧୀକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସହ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ଓ ନିର୍ମାଣ ଅଗ୍ରଗତି ନେଇ ଆଲୋଚନା କରିଥିଲେ। ଚମ୍ପୁଆ ବିଡ଼ିଓ ସ୍ମୃତିରଂଜନ ସାହୁଙ୍କ ସଂଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ବିଭିନ୍ନ ପଦାଧିକାରୀ ସୂଚନା ଦେଇଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ ସଚେତନତା ଶିବିର



ବାରିପଦା, ୪।୯ (ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କର କ୍ୟାରିୟର ସମ୍ବନ୍ଧୀୟ ଅତ୍ୟନ୍ତ ଆବଶ୍ୟକ ଓକେସିଲ କମ୍ପ୍ୟୁଟର କୋର୍ସ ଓ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଲାଗୁ ହେଉଥିବା ଇଣ୍ଟର୍ନସିପର ବିବରଣୀ ଓ ଏଥିପ୍ରତି ଓକେସିଲର ସହଯୋଗର ହାତକୁ ପିଲାଙ୍କ ନିକଟକୁ ବଢ଼ାଇବା ଦିଗରେ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ସୌରଭ ମିଶ୍ର ଗେଟ ୨ ନେଟର ସଭାପତି, ଏଏଲସି ମୟୂରଭଞ୍ଜ ଓକେସିଏଲ, ସରକାରୀ ମହିଳା ମହାବିଦ୍ୟାଳୟ ମୁଖ୍ୟ ଡ ଚନ୍ଦ୍ରକାନ୍ତ ଦାସ, ରାସାୟନିକ ବିଜ୍ଞାନ ବିଭାଗ ମୁଖ୍ୟ ଡ ଦୀନେଶ କୁମାର ନାୟକ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ ଦେବାପ୍ରିୟା ପରିଡ଼ା, ଶିକ୍ଷା ବିଭାଗର ମୁଖ୍ୟ ଡ ଧନେଶ୍ୱର ବେହେରା, ଗେଟ ୨ ନେଟ ଲେଆର୍ଣ୍ଣିଂ ଫେସିଲେଟର କରିନା ପାତ୍ର, ନିଖିଳ ଦାସ, ରୂପମ ପ୍ରମୁଖ ଯୋଗ ଦେଇଥିଲେ। କମ୍ପ୍ୟୁଟର ପାଠ୍ୟକ୍ରମ ଓ ବର୍ତ୍ତମାନ ଜେନେରେସନ ପିଲାଙ୍କ ଭବିଷ୍ୟତ ପାଇଁ ଇଣ୍ଟର୍ନସିପର ଗୁରୁତ୍ୱ ସମ୍ବନ୍ଧରେ ଡ ଦାସ ସୂଚନା ଦେବା ସହିତ କ୍ୟାରିୟର କାଉନସିଲର ମେମ୍ବର ଡ ଦିନେଶ ନାୟକ ଓ ଡ ଦେବାପ୍ରିୟା ପରିଡ଼ା ପିଲାଙ୍କ ମାର୍ଗଦର୍ଶନ କରାଇଥିଲେ। କରିନା ପାତ୍ର ଏଆଇ ଟୁଲ୍ସର ଜ୍ଞାନ ଦେଇଥିଲେ। ସୌରଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୋଚିଲା ଖୁଣ୍ଟା ହାଇସ୍କୁଲରେ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ



ବଡ଼ସାହି, ୪।୯ (ସମିସ): ଜାତୀୟ ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ମୟୂରଭଞ୍ଜ ଓ କୋଚିଲା ଖୁଣ୍ଟା ହାଇସ୍କୁଲ ଇକୋ କ୍ଲବ ମିଳିତ ସହଯୋଗରେ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାମଦେ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧିର ସଂଯୋଜକ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୃକ୍ଷର ସୁରକ୍ଷା ପାଇଁ ରାଜସ୍ଥାନ ରାଜ୍ୟର ଯୋଧପୁର ନିକଟସ୍ଥ ଖେଜୁରୀଠାରେ ଅମୃତା ଦେବୀଙ୍କ ସମେତ ୩୬୩ ଜଣ ସହିଦ ହୋଇଥିବା କଥା ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଶ୍ରୀମତୀ କୁମୁଦିନୀ ସିଂହ, ମୁଖ୍ୟବକ୍ତା ଭାବେ କୋଚିଲା ଖୁଣ୍ଟା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ବିଦ୍ୟାଳୟ ସୁରକ୍ଷା କମିଟି ସଦସ୍ୟ ନରେନ୍ଦ୍ର କୁମାର ସିଂ ଯୋଗଦେଇ ପରିବେଶକୁ ସୁରକ୍ଷା କରିବା ପାଇଁ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ପରିବେଶ ସୁରକ୍ଷାର ବାର୍ତ୍ତା ଏକ ଅତି ସୁନ୍ଦର ପରିକଳ୍ପନା ବୋଲି କହିଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଞ୍ଜନ ମହାପାତ୍ର, ମୌସୁମୀ ବେହେରା, ଜିତୁ ସେଠୀ, ସୁକାନ୍ତି ବାନସିଂ, ଲକ୍ଷ୍ମୀମଣି ନାଏକ, ଲିତନ ଦାସ, ପ୍ରମିଳା ବାରିକ, ରଞ୍ଜିତା ହେମ୍ବ୍ରମ ଯୋଗଦେଇ ପ୍ରକୃତି ମାତାର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ପରେ ଆମ୍ବ ଗଛରେ ରକ୍ଷା ବନ୍ଧନ କରିଥିଲେ। ଶରନ୍ୟା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ରଞ୍ଜିତା ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏଲ୍ ଉଚ୍ଚବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

● ସ୍କୁଲକୁ ୧୦ ଲକ୍ଷ ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି



ବାରିପଦା, ୪।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ମୁହୂର୍ତ୍ତ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ 'ପଞ୍ଚସଖା ସେତୁ ସଙ୍ଗଠନ' ପକ୍ଷରୁ ପ୍ରଦାନ କରାଯାଉଥିବା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ୨୦୨୪-୨୫ ହାସଲ କରିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବଡ଼ଛୁରଣୀର ପଦ୍ମଲୋଚନ ସରକାରୀ ଉଚ୍ଚବିଦ୍ୟାଳୟ। ଉଲ୍ଲେଖନୀୟ ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷା ପାଇଁ ବିଦ୍ୟାଳୟକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମିଳିଥିବାବେଳେ ଉତ୍କୃଷ୍ଟ ନେତୃତ୍ୱ ପାଇଁ ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ବେହେରାଙ୍କୁ ଶ୍ରେଷ୍ଠ ପ୍ରଧାନଶିକ୍ଷୟିତ୍ରୀ ଭାବେ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଶିକ୍ଷାଦାନର ମାନ ବୃଦ୍ଧି, ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ସ୍ମାର୍ଟ ଲାବ୍ରୋଟୋରୀ, ସ୍ୱଚ୍ଛ ପରିବେଶ ଓ ସୁନ୍ଦର ବଗିଚା ନିର୍ମାଣ କରି ବିଦ୍ୟାଳୟରେ ଏକ ସକାରାତ୍ମକ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଇଥିବାରୁ ଏହି ପୁରସ୍କାର ପ୍ରାପ୍ତ ହେଉଥିବା କହିଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ଏହି ଦ୍ୱୈତ ସଫଳତା ସମଗ୍ର ଜିଲ୍ଲାର ଶିକ୍ଷା ବିଭାଗ ପାଇଁ ଗର୍ବ ଆଣିଦେଇଛି। ଏହି ସଫଳତା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା କହିଛନ୍ତି, ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଆନ୍ତରିକ ପ୍ରୟାସ ଓ ସ୍ନେହପୂର୍ଣ୍ଣ ଶିକ୍ଷାଦାନ ଯୋଗୁଁ ଆଜି ଏହି ଗୌରବ ସମ୍ଭବ ହୋଇଛି। ଛାତ୍ରଛାତ୍ରୀଙ୍କୁ ଭଲ ପାଇବା ସହ ଏକ ଉନ୍ନତ ଶିକ୍ଷଣ ପରିବେଶ ଯୋଗାଇବା ଆମର ମୁଖ୍ୟ ଲକ୍ଷ୍ୟ ଥିଲା। ଏ ଅବସରରେ ସେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ସହଯୋଗୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୁରସ୍କାର ବାବଦରେ ମିଳୁଥିବା ଅର୍ଥରାଶୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଆଧୁନିକ ସୁବିଧା ସୁଯୋଗ ସୃଷ୍ଟି କରିବାରେ ବିନିଯୋଗ କରାଯିବ ବୋଲି ପ୍ରଧାନଶିକ୍ଷୟତ୍ରୀ ପ୍ରକାଶ କରିଛନ୍ତି।

'ସିଏମ୍ କିସାନ୍' ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

# ମୟୂରଭଞ୍ଜରେ ୨.୮୭ ଲକ୍ଷ ଚାଷୀଙ୍କୁ ମିଳିଲା ସହାୟତା ରାଶି

ବାରିପଦା, ୪।୯ (ସମିସ)

ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା 'ସିଏମ୍ କିସାନ୍' ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସଙ୍କ ସହ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର ମୋଟ ୨ ଲକ୍ଷ ୮୭ ହଜାର ୫୧୦ ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି।




ଯୋଗ୍ୟ କ୍ଷୁଦ୍ର ଓ ନାମମାତ୍ର କୃଷକ ପରିବାରଙ୍କୁ ଖରିଫ ଓ ରବିଋତୁ ପାଇଁ ୨, ୦୦୦ ଟଙ୍କା ଲେଖାଏଁ ବାର୍ଷିକ ୪, ୦୦୦ ଟଙ୍କା, ପ୍ରଧାନମନ୍ତ୍ରୀ କିସାନ୍ ଯୋଜନାର ୬, ୦୦୦ ଟଙ୍କା ମିଶି ବାର୍ଷିକ ୧୦, ୦୦୦ ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି। ଏହାସହ ଭୂମିହୀନ କୃଷି ପରିବାରଙ୍କୁ ଜୀବିକା ସହାୟତା ବାବଦକୁ ୩ଟି କିସ୍ତିରେ ୧୨, ୫୦୦ ଟଙ୍କା ଯୋଗାଇ ଦିଆଯାଉଛି। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବଡ଼ସାହି ବିଧାୟକ ସନାତନ ବିଜୁଳି କହିଛନ୍ତି, ଚାଷୀଙ୍କ ଆୟ ଦ୍ୱିଗୁଣ କରିବା ସହ ସେମାନଙ୍କ ଉନ୍ନତି ପାଇଁ ସରକାର ସବ୍‌ସିଡି, ଉଠାଜଳସେଚନ ଭଳି ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଉଭୟ ପିଏମ୍ କିସାନ୍ ଓ ସିଏମ୍ କିସାନ୍ ମାଧ୍ୟମରେ ମିଳୁଥିବା ଆର୍ଥିକ ରାଶି ଚାଷୀଙ୍କ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ବିଭାଗୀୟ ଅଧିକାରୀ ଚାଷୀମାନଙ୍କୁ ସଚେତନ କରି ଏହି ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା ଉଚିତ। ସେହିପରି ଉପସ୍ଥିତ ଚାଷୀ ଦେବେନ୍ଦ୍ରନାଥ ସିଂ କହିଛନ୍ତି, ବନ୍ୟା ଓ ବାତ୍ୟା ପ୍ରଭାବିତ ପରିସ୍ଥିତିରେ ଏହି ସହାୟତା ଚାଷୀଙ୍କ ପାଇଁ ବହୁତ ଉପଯୋଗୀ। ଆଗାମୀ ରବିଋତୁରେ ଚାଷ କାର୍ଯ୍ୟ ନିମନ୍ତେ ଏହି ଅର୍ଥ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

● ଭୁଲ୍ ଶବ୍ଦ ପ୍ରୟୋଗ ବନ୍ଦ କରିବାକୁ ବୈଜ୍ଞାନିକଙ୍କ ଦାବି

## ଶିମିଳିପାଳର 'ମେଲାନିଷ୍ଟିକ୍ ବାଘ' 'ସୁଡୋମେଲାନିଷ୍ଟିକ୍' ନୁହଁନ୍ତି



ବାରିପଦା, ୪।୯ (ସମିସ): ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଅନନ୍ୟ 'କଳା ବାଘ' ବା 'ମେଲାନିଷ୍ଟିକ୍ ଟାଇଗର'ଙ୍କ ପାଇଁ ଗଣମାଧ୍ୟମ ଓ ସରକାରୀ ସ୍ତରରେ ବ୍ୟବହୃତ ହେଉଥିବା 'ସୁଡୋମେଲାନିଷ୍ଟିକ୍' ଶବ୍ଦଟି ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଭ୍ରାନ୍ତିକର ବୋଲି ବରିଷ୍ଠ ବନ୍ୟପ୍ରାଣୀ ଗବେଷକ ଡକ୍ଟର ଲାଲା ଅଶ୍ୱିନୀ କୁମାର ସିଂହ ସ୍ପଷ୍ଟ କରିଛନ୍ତି। ବୈଜ୍ଞାନିକ ତଥା ଐତିହାସିକ ତଥ୍ୟ ଆଧାରରେ ଏହି ଶବ୍ଦର ବ୍ୟବହାରକୁ ତୁରନ୍ତ ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଜଣାଶୁଣା ବୈଜ୍ଞାନିକ ପତ୍ରିକା ଜୁ'ଜ୍ ପ୍ରିଣ୍ଟରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ, ୧୯୯୩ ଜୁଲାଇ ୨୧ ତାରିଖରେ ଶିମିଳିପାଳର ପୋଡ଼ାଗଡ଼ ଗ୍ରାମରୁ ଏହି ବିରଳ ବାଘର ପ୍ରଥମ ପ୍ରମାଣ ମିଳିଥିଲା। ସେ ସମୟରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ସମସ୍ତ ସରକାରୀ ରିପୋର୍ଟ, ଗଣନା ତଥ୍ୟ ଓ ବୈଜ୍ଞାନିକ ନଥିପତ୍ରରେ ଏମାନଙ୍କୁ ସଠିକ୍ ଭାବେ 'ମେଲାନିଷ୍ଟିକ୍ ବାଘ' ବୋଲି ଉଲ୍ଲେଖ କରାଯାଇଛି। ୨୦୨୧ରେ ଏକ ଗବେଷଣା ପତ୍ରିକାରେ ହଠାତ୍ କୌଣସି ଯଥାର୍ଥତା ବିନା ଏହି ବାଘଙ୍କ ପାଇଁ 'ସୁଡୋ' (ଯାହାର ଅର୍ଥ 'ନକଲି' ବା 'ଛଦ୍ମ') ଉପସର୍ଗ ଯୋଡ଼ି 'ସୁଡୋମେଲାନିଷ୍ଟିକ୍' ଶବ୍ଦ ପ୍ରୟୋଗ କରାଯାଇଥିଲା। ପରେ ବିଭିନ୍ନ ଗଣମାଧ୍ୟମ ଓ ସାକ୍ଷାତକାର ଜରିଆରେ ଏହି ଶବ୍ଦଟି ଦ୍ରୁତ ଗତିରେ ପ୍ରଚାରିତ ହୋଇ ସାଧାରଣ ଲୋକ ଓ ପ୍ରଶାସନିକ ସ୍ତରରେ ବିଭ୍ରାନ୍ତି ସୃଷ୍ଟି କରିଥିଲା। ଏହି ଭୁଲ୍ ନାମକରଣକୁ ନେଇ ଶିମିଳିପାଳ ଅଞ୍ଚଳବାସୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ସମ୍ପୃକ୍ତ ଆନ୍ତର୍ଜାତିକ ପ୍ରକାଶନ ସଂସ୍ଥା ପକ୍ଷରୁ ମୂଳ ଲେଖକମାନଙ୍କୁ ଆବଶ୍ୟକୀୟ ସଂଶୋଧନ କରିବା ପାଇଁ ଅନୁରୋଧ କରାଯାଇଛି। ଡକ୍ଟର ସିଂହଙ୍କ କହିବାନୁଯାୟୀ, ମହାବଳ ବାଘର ବିଭିନ୍ନ ପ୍ରାକୃତିକ ରଙ୍ଗ ବିଭିନ୍ନତା ମଧ୍ୟରେ ଶିମିଳିପାଳର ଏହି କଳା ପଟାଦାଗ ଥିବା ବାଘ ଏକ ସ୍ୱତନ୍ତ୍ର 'ମେଲାନିଷ୍ଟିକ୍' ରୂପ ଅଟନ୍ତି। ତେଣୁ ଓଡ଼ିଶାର ତିନି ଦଶନ୍ଧିର ବୈଜ୍ଞାନିକ ଇତିହାସ, ସଠିକ୍ ପରିଚାଳନା ଓ ସଂରକ୍ଷଣର ଧାରାକୁ ବଜାୟ ରଖିବା ପାଇଁ ଏହି ଭୁଲ୍ 'ସୁଡୋ' ଶବ୍ଦ ବର୍ଜନ କରି ପୂର୍ବପରି 'ଶିମିଳିପାଳର ମେଲାନିଷ୍ଟିକ୍ ବାଘ' ଶବ୍ଦ ହିଁ ବ୍ୟବହାର କରାଯିବା ନିତାନ୍ତ ଆବଶ୍ୟକ।

## ଗାଡ଼ି ଧକ୍କାରେ ଶଳା ମୃତ, ଭିଣୋଇ ଗୁରୁତର

ଠାକୁରମୁଣ୍ଡା/ମହୁଲଡିହା, ୪।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ୫୪ ନମ୍ବର ରାଜ୍ୟ ରାଜପଥର ଅଖାପଲାଣ ସିମ୍ ନଦୀ ପୋଲ ବାଙ୍କ ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ପଛପଟୁ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍‌ରେ ଯାଉଥିବା ଶଳା ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାବେଳେ ଭିଣୋଇ ଗୁରୁତର ହୋଇଛନ୍ତି। ଗୁରୁତର ଭିଣେଇଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ମହୁଲଡିହା ଥାନା ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାଡିହା ଗ୍ରାମର ଗୋବିନ୍ଦ ପିଙ୍ଗୁଆ (୪୦) ଓ ଠାକୁରମୁଣ୍ଡା ଥାନା ତାଳପଦା ପଞ୍ଚାୟତ ଅନ୍ତର୍ଗତ କାଳିଆପଷି ଗ୍ରାମର ତାଙ୍କ ଶଳା ହିନ୍ଦୁ ଲୁଗୁନ (୪୦) କୌଣସି ଏକ କାମରେ ଖଜୁରିପଦା ଗ୍ରାମକୁ ଯାଇଥିଲେ। କାମ ସାରି ଦୁଇଜଣ ବାଇକ ଯୋଗେ ନିଜ ଘରକୁ ଫେରୁଥିଲେ। ସେମାନେ ଠାକୁରମୁଣ୍ଡା-କରଞ୍ଜିଆ ୫୪ ନମ୍ବର ରାଜ୍ୟ ରାଜପଥର ଅଖାପଲାଣ ସିମନଦୀ ବାଙ୍କ ନିକଟରେ ପହଞ୍ଚିଥିବା ସମୟରେ ପଛପଟୁ ଆସୁଥିବା ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ହିନ୍ଦୁ ଲୁଗୁନଙ୍କୁ ଶକ୍ତ ଆଘାତ ଲାଗି ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଉଭୟଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ହିନ୍ଦୁ ଲୁଗୁନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗୁରୁତର ଆହତ ଗୋବିନ୍ଦ ପିଙ୍ଗୁଆଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଠାକୁରମୁଣ୍ଡା ପୁଲିସ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ଏ ନେଇ ଠାକୁରମୁଣ୍ଡା ଥାନାରେ ୧୦୮/୨୦୨୬ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରିବା ସହ ଚାଳକଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ବିଭିନ୍ନ ବିଦ୍ୟାଳୟରେ ଜନ୍ମାଷ୍ଟମୀ ପାଳିତ

କୁଆମରା, ୪।୯ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାଇଁକୁଳା ଶିଶୁ ବିକାଶ ବିଦ୍ୟାମନ୍ଦିର ଓ ଖୁଣ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ରାଧାକୃଷ୍ଣ ଓ କଂସ ବେଶ ଧାରଣ କରିବା ସହ ଠାକୁରଙ୍କ ବାଲ୍ୟଲୀଳାଠାରୁ ରାକ୍ଷସ ବଧ ପର୍ଯ୍ୟନ୍ତ ବର୍ଣ୍ଣିତ କାହାଣୀ ଉପରେ ଅଭିନୟ କରିଥିଲେ। ସେଥିରେ ବିଭିନ୍ନ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ବିବେଚିତ କରାଯାଇଥିଲା। କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ କୁଳମଣି ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ମନମୋହନ ମହାପାତ୍ର, ଉପସଭାପତି ଅରୁଣ କୁମାର ମଡୁଆଳ, କୋଷାଧ୍ୟକ୍ଷ ଉଜ୍ଜ୍ୱଳ କୁମାର ସେନ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଜନ୍ମ କାହାଣୀ ସମ୍ପର୍କରେ ବୁଝାଇଥିଲେ। ପ୍ରଧାନଶିକ୍ଷକ ହଳଧର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା ସହଯୋଗ କରିଥିଲେ। ୭୮ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ।

ସେହିପରି ସାଇଁକୁଳାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟା ଭାନୁମତୀ ସେଠୀଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ସମାଜସେବୀ ସର୍ବେଶ୍ୱର ବେହେରା, ବିଦ୍ୟାଳୟର ସମ୍ପାଦକ ପ୍ରଶାନ୍ତ ମହାନ୍ତି ଯୋଗ ଦେଇଥିଲେ। ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଖୁଣ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଗୌରି ଶଙ୍କର ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ। ୮୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ରାଧାକୃଷ୍ଣ ବେଶରେ ସ୍ଥାନୀୟ ବଜାର ପରିକ୍ରମା କରିଥିଲେ। ଅନୁରୂପ ଭାବେ ଖୁଣ୍ଟା ବ୍ଲକ ବିସିପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପାରମ୍ପରିକ ଭାବେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ରାଧାକୃଷ୍ଣ ବେଶ ହୋଇ ସ୍ଥାନୀୟ ଗ୍ରାମ ପରିକ୍ରମା କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଶତାଧିକ ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ କୃଷ୍ଣ ବେଶ ପ୍ରତିଯୋଗିତା

ବଡ଼ସାହି, ୪।୯ (ସମିସ): ସ୍ଥାନୀୟ ବିବେକାନନ୍ଦ ବିହାରସ୍ଥ ବାଣୀପୀଠ ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର (ଆବାସିକ) ପକ୍ଷରୁ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳନ କରାଯାଇଛି। ଏ ଅବସରରେ କୃଷ୍ଣବେଶ ଓ ଆଧ୍ୟାତ୍ମିକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଲାମାନେ କୃଷ୍ଣବେଶ ଧାରଣ କରିବା ସହିତ ରାଧା, ଦେବକୀ, ନନ୍ଦରାଜା, ବସୁଦେବ, ଯୋଶଦା, କଂସ, ବକାସୁର, ଶକଟାସୁର ଓ ପୁତନା ବେଶ ଧାରଣ କରି ସ୍ଥାନୀୟ ବଜାର ପରିକ୍ରମା କରିଥିଲେ। ସମସ୍ତେ ତ୍ରିନାଥ ଦେବ, ହନୁମାନ ଓ ଜଗନ୍ନାଥ ମନ୍ଦିରକୁ ଯାଇ ଦିଅଁଙ୍କୁ ଦର୍ଶନ କରିଥିଲେ। ପରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପହଞ୍ଚି ରାଧାକୃଷ୍ଣ ଝୁଲଣ ଯାତ୍ରାରେ ସାମିଲ ହୋଇ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ରାଉତ, ବର୍ଷାରାଣୀ ମହାନ୍ତ, ବୀଣାପାଣି ବାରିକ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ଶୁଭଜିତ୍ ଶୁଭଙ୍କର ରାଉତ, ସୋନାକ୍ଷୀ ଦଣ୍ଡପାଟ, ମନ୍ଦାକିନୀ ପାତ୍ର, ରଣଜିତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ମଳୟ ମଞ୍ଜରୀ ରଥ, ଗୋବିନ୍ଦ ହେମ୍ବ୍ରମ, ଆକାଶ ନାୟକ, କିଶାନ୍ ଶେଖର ବେହେରା ପରିଚାଳନା କରିଥିବାବେଳେ ପର୍ଯ୍ୟବେକ୍ଷକ ଭାବେ ମଧୁସ୍ମିତା ଦଳେଇ, ସୌମ୍ୟରଞ୍ଜନ ନାୟକ, ମୋନାଲିକା ମାଦୁଳି, କବିତା ପତି ଓ ମନୋଜ ଭଞ୍ଜବାବୁ ଯୋଗଦାନ କରିଥିଲେ। ସୁଭଦ୍ରା ବିନ୍ଧାଣୀ, ହିତୈଶ୍ରୀ ମାହାର୍ଣ୍ଣା, ନନ୍ଦିତା ମହାନ୍ତ ଓ ଲକ୍ଷ୍ମିପ୍ରିୟା ସେଠୀ କୃଷ୍ଣ ବନ୍ଦନା ଗାନ କରିଥିଲେ। ଜନ୍ମାଷ୍ଟମୀର ତାତ୍ପର୍ଯ୍ୟ ସମ୍ପର୍କରେ ପଣ୍ଡିତ ଅଭିଜିତ ସାମନ୍ତରାୟ ବକ୍ତବ୍ୟ ପ୍ରଦାନ କରିଥିଲେ। କୃଷ୍ଣବେଶ ପ୍ରତିଯୋଗିତାରେ ବିଶ୍ୱଜିତ ସାମଲ ପ୍ରଥମ, ରାଜଦୀପ ଦାସ, ଆସ୍ତିକ କୁମାର ପୁଥାଳ ଯୁଗ୍ମ ଦ୍ୱିତୀୟ, ହୃଦ୍ୟାଂଶୁ କମିଳା ଓ ଶିବାନୀ ସିଂ ଯୁଗ୍ମ ତୃତୀୟ, ଇଂରାଜୀ ମାଧ୍ୟମ ବିଦ୍ୟାଳୟର ରାମକୃଷ୍ଣ ମହଲା ପ୍ରଥମ, ଜଗନ୍ନାଥ ମୁର୍ମୁ ଦ୍ୱିତୀୟ ଓ ସେଲବମ୍ କୁମାର ପୃଷ୍ଟି ତୃତୀୟ, ଆଧ୍ୟାତ୍ମିକ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରିୟଦର୍ଶନୀ ଭଞ୍ଜବାବୁ ପ୍ରଥମ, ଜଗଦୀଶ ଉପାଧ୍ୟାୟ ଦ୍ୱିତୀୟ ଓ ନମିତା ଦାସ ମଙ୍ଗରାଜ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ସବିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ନାଁରେ ଏମ୍ଏସିପି ମଞ୍ଜୁରୀ

# ବିବାଦ ଘେରରେ ବଡ଼ସାହି ଗୋଷ୍ଠୀ ଶିକ୍ଷାଧିକାରୀ ଓ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ

ବଡ଼ସାହି, ୪।୯ (ସମିସ)

ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗରେ ଆଉଏକ ଦୁର୍ନୀତି ସାମ୍ନାକୁ ଆସିଛି। ଫଳରେ ବଡସାହି ଗୋଷ୍ଠୀ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମ ଓ ମୟୂରରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପୁଣିଥରେ ବିବାଦ ଘେରରେ ରହିଛି। ବଡ଼ସାହି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷକଙ୍କ ଏମଏସିପି ମଞ୍ଜୁରୀ ପାଇଁ ଗତ ୨୦୨୬ ଜୁଲାଇ ୨ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଏକ ସ୍କ୍ରିନିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବଡ଼ସାହି ବିଇଓ ମନମୋହନ ହେମ୍ବ୍ରମ, ଏବିଇଓ ଅଭିରାମ ନାୟକ ଓ ମାଧପୁର ହାଇସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ଉପସ୍ଥିତ ଥିବା ରିଜୋଲ୍ୟୁସନରେ ସେମାନଙ୍କର ସ୍ୱାକ୍ଷର ରହିଛି। ତେବେ ମାଧପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ପାଣିଗ୍ରାହୀ ଗତ ମେ' ୩୧ ତାରିଖରୁ ଚାକିରିରୁ ଅବସର ନେଇସାରିଥିବା ଜଣାଯାଇଛି। ମେ' ୩୧ରୁ ଅବସର ନେଇସାରିଥିବା ଜଣେ ବ୍ୟକ୍ତି ଜୁଲାଇ ୨ ତାରିଖରେ ଆୟୋଜିତ ସ୍କ୍ରିନିଂ କମିଟି ବୈଠକରେ ମାଧପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ କିପରି ସ୍ୱାକ୍ଷର କଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସ୍ୱାକ୍ଷର ଠିକ୍ ନା ଜାଲ୍ ତାହା ମଧ୍ୟ ସନ୍ଦେହ ଘେରରେ ରହିଛି।

ନିଜେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହି କମିଟିର ଆବାହକ ସଦସ୍ୟ ଅଟନ୍ତି। ସେ କେଉଁ ସ୍ୱାର୍ଥବଳରେ ଏହି କମିଟିରେ ରିଜୋଲ୍ୟୁସନ କରାଇଲେ ଓ ଏହାକୁ ଜିଲ୍ଲା ଶିକ୍ଷାଧିକାରୀ କିପରି ସ୍ୱୀକୃତି ଦେଲେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ବିବାଦ ଆରମ୍ଭ ହେବା ପରେ ଏହି ଦୋଷ ଲୁଚାଇବା ପାଇଁ ସ୍ୱାକ୍ଷର ତାରିଖକୁ ମେ ୨ ତାରିଖ କରିବାକୁ ଟ୍ୟାମ୍ପରିଂ/ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଛି। ମାତ୍ର ରିଜୋଲ୍ୟୁସନରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ମେ ୨ ତାରିଖରେ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଜିଲ୍ଲା ଶିକ୍ଷାଧିକାରୀ ଏହାକୁ ଅନୁମୋଦନ କରି ସ୍ୱାକ୍ଷର କରିଥିଲେ। ଏମଏସିପି ମଞ୍ଜୁରୀ ଦ୍ୱାରା ସମ୍ପୃକ୍ତ ଚାକିରିଆଙ୍କ ଉଚ୍ଚ ଦରମା ସ୍ୱୀକୃତି ମିଳିଥାଏ। ଯଦ୍ୱାରା ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ବିଇଓ ମନମୋହନ ହେମ୍ବ୍ରମ ଏଭଳି ଜାଲିଆତି କାର୍ଯ୍ୟରେ ବିଲ୍ କିପରି ଟ୍ରେଜେରୀକୁ ପଠାଇଲେ ଓ ଏହା ପଛରେ କ'ଣ ସ୍ୱାର୍ଥ ଲୁଚି ରହିଛି, ତାହା ଅତ୍ୟନ୍ତ ସନ୍ଦେହଜନକ ଓ ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଛି। ରାଜକୋଷ ହରିଲୁଟ କରିବାର ଏହା ଏକ ଯୋଜନବଦ୍ଧ ଉପାୟ ବୋଲି ଅଭିଯୋଗ ହେଉଛି। ଫଳରେ ବିଇଓ ମନମୋହନ ହେମ୍ବ୍ରମ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀଙ୍କ ଭୂମିକା ସନ୍ଦେହଜନକ ବୋଲି ଚର୍ଚ୍ଚା ଜୋର ଧରିଛି। ଗତ ୨୦୨୬ ମେ ୨୧ ତାରିଖରେ ଶିକ୍ଷା ବିଭାଗ କମିଶନର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଓଏସଇପିଏ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲେ ମଧ୍ୟ ତାଙ୍କୁ କାର୍ଯ୍ୟମୁକ୍ତ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୨୩ ତାରିଖରେ ସେହି ବଦଳି ଆଦେଶକୁ ବାତିଲ ମଧ୍ୟ କରାଯାଇଥିଲା। ଯଦିଓ ସେ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଏହି ଜିଲ୍ଲାରେ ଦୀର୍ଘ ତିନି ବର୍ଷରୁ ଅଧିକ କାର୍ଯ୍ୟ କଲେଣି, ତାଙ୍କର ଏଡିସନାଲ ଡିରେକ୍ଟରକୁ ପଦୋନ୍ନତି ହୋଇଥିଲେ ସୁଦ୍ଧା ଉଚ୍ଚ ହାରରେ ଦରମା ନେଇ ତଳ ପଦବୀରେ କାର୍ଯ୍ୟ କରିବାକୁ ଅନୁମତି କିପରି ମିଳୁଛି ତାହା ସନ୍ଦେହ ଘେରରେ। ତେଣୁ ଏହି ଜାଲିଆତି ଘଟଣାରେ ଜିଲ୍ଲା ଶିକ୍ଷା ଅଧିକାରୀ, ବିଇଓ ଓ ଅନ୍ୟ ଯେଉଁମାନଙ୍କର ସମ୍ପୃକ୍ତି ରହିଛି, ସେମାନଙ୍କ ବିରୋଧରେ ତୁରନ୍ତ ଭିଜିଲାନ୍ସ ତଦନ୍ତ କରି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଇଙ୍କୁ ପଚାରିବାରୁ ସେପରି କିଛି ହୋଇ ନ ଥିବା କହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଡିଇଓଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

■ କରଞ୍ଜିଆର ବିଭିନ୍ନ ସ୍ଥାନରେ ଗାଡ଼ି ଯାଞ୍ଚ

## ମଦ୍ୟପାନ କରି ଗାଡ଼ି ଚାଳନା ଅଭିଯୋଗରେ ୪ ଜଣ ଧରାପଡ଼ିଲେ






କରଞ୍ଜିଆ, ୪।୯ (ସମିସ): ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି କରଞ୍ଜିଆର ବିଭିନ୍ନ ସ୍ଥାନରେ ଆଜି ମୋଟର ଯାନ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଭାବେ ଗାଡ଼ି ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ୪ ଜଣ ଚାଳକଙ୍କୁ ଧରାଯାଇଛି। ଯାଞ୍ଚ ଅଭିଯାନ ସମୟରେ ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ ଅଭିଯୋଗରେ ୪ଟି ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ନୋଟିସ୍ ମଧ୍ୟ ପ୍ରଦାନ କରାଯାଇଛି। ପୁଲିସ ଓ ମୋଟର ଯାନ ବିଭାଗର ଏହି ମିଳିତ ଯାଞ୍ଚର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଦ୍ୟପାନ କରି ଗାଡ଼ି ଚାଳନାକୁ ରୋକିବା, ଟ୍ରାଫିକ୍ ନିୟମ ପାଳନ ସୁନିଶ୍ଚିତ କରିବା ଓ ସଡ଼କ ଦୁର୍ଘଟଣା ହ୍ରାସ କରିବା। ବିଶେଷକରି ମଦ୍ୟପାନ କରି ଗାଡ଼ି ଚଳାଇବା ଦ୍ୱାରା ଚାଳକଙ୍କ ସହ ଅନ୍ୟ ନିରୀହ ଲୋକଙ୍କ ଜୀବନ ମଧ୍ୟ ବିପଦରେ ପଡ଼ିଥାଏ। କରଞ୍ଜିଆର ବିଭିନ୍ନ ସ୍ଥାନରେ ଏଭଳି ଯାଞ୍ଚ ଜାରି ରହିବା ସହ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏଥିସହ ଗାଡ଼ି ଚାଳକ ମଦ୍ୟପାନ କରି କୌଣସି ପରିସ୍ଥିତିରେ ଗାଡ଼ି ନ ଚଳାଇବା ସହ ଟ୍ରାଫିକ୍ ନିୟମ ପାଳନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଉଛି।

ସକାଳ
THE SAKALA

# ସମ୍ପାଦକୀୟ



ସେମାନେ ହିଁ ପ୍ରକୃତ ଶିକ୍ଷକ, ଯେଉଁମାନେ ଆମ ନିଜକୁ ଚିନ୍ତା କରିବାରେ ସାହାଯ୍ୟ କରନ୍ତି।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

## ଆଉ କେତେ ଇଞ୍ଜିନ ଲୋଡ଼ା?

ଓଡ଼ିଶାର ଚାଷୀଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଭଳି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଓ ସଂଗଠନ ଯେଉଁ ଧାନ ସଂଗ୍ରହ କରୁଛନ୍ତି, ତାହା ସର୍ବନିମ୍ନ ମୂଲ୍ୟ(ଏମ୍‌ଏସ୍‌ପି) ଆଧାରିତ ଏବଂ ସରକାରୀ ବ୍ୟବସ୍ଥା ମଧ୍ୟରେ ଚାଲିଛି। ଏଥିପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କଠାରୁ ଚାଉଳ ସଂଗ୍ରହ କରି ଏମ୍‌ଏସ୍‌ପି ବାବଦ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ଅଛି। ସଂଘୀୟ ବ୍ୟବସ୍ଥାରେ ଏହା ଏକ ବୁଝାମଣାଭିତ୍ତିକ ଓ ବିଶ୍ୱସନୀୟ ପ୍ରକ୍ରିୟା। ତେବେ ଦେଖାଯାଉଛି ଯେ ଓଡ଼ିଶାର ଚାଷୀଙ୍କଠାରୁ ଧାନ କିଣିବା ବେଳେ ନିରନ୍ତର କେନ୍ଦ୍ରୀୟ ଅବହେଳା ଦେଖାଯାଉଛି। କେବେ ଠିକ୍ ସମୟରେ ଏଫ୍‌ସିଆଇ ଚାଉଳ ସଂଗ୍ରହ କରୁନାହିଁ ତ କେବେ ଚାଉଳ କିଣା ବାବଦ ଅର୍ଥ ରାଶି ପୈଠ କରୁନାହିଁ।

ପୂର୍ବ ସରକାର ଅମଳରେ ଓଡ଼ିଶା ଅଧିକ କେନ୍ଦ୍ର ଅବହେଳା ଜନିତ ସମସ୍ୟା ଭୋଗି ଆସୁଥିଲା। ଓଡ଼ିଶାରେ ବିଜେପି ସରକାର ଗଠନ କରିବା ପରେ ଡବଲ୍ ଇଞ୍ଜିନ ସରକାରରେ ଧାନ କିଣା ଓ ପାଉଣା ହାସଲ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ରାଜ୍ୟ ବିଜେପି ସରକାର ମଧ୍ୟ ଏ ନେଇ ଅନେକ ତୁମ୍ବିତୋଫାନ କରିଥିଲେ। କିନ୍ତୁ ଏବେ ଓଡ଼ିଶାର ଯୋଗାଣ ମନ୍ତ୍ରୀ ହାତ ଟେକି ଦେଇ କେନ୍ଦ୍ରର ଅବହେଳା ଆଗରେ ଅସହାୟତା ପ୍ରକାଶ କରିଛନ୍ତି। ଏହାପରେ ପ୍ରଶ୍ନ ଉଠିଛି ଯେ ଯଦି ଡବଲ୍ ଇଞ୍ଜିନ୍ ମଧ୍ୟ ଅସହାୟ ତେବେ ଆଉ କେତେ ଇଞ୍ଜିନ ଲାଗିଲେ ଓଡ଼ିଶା ପ୍ରଗତି ପଥରେ ଚାଲିପାରିବ।

ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଅସହାୟସୂଚକ କ୍ଷୋଭ ଅନୁସାରେ ଭାରତୀୟ ଖାଦ୍ୟ ନିଗମ ଠିକ୍ ସମୟରେ ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏବେ ଗୋଦାମରେ ରବି ଋତୁ ଅମଳର ଚାଉଳ ପଡ଼ି ରହିଛି। ଖରିଫ୍ ଧାନ ସଂଗ୍ରହ ବେଳ ଆସିଗଲାଣି। ଯଦି ତା'ପୂର୍ବରୁ ଏଫ୍‌ସିଆଇ ଚାଉଳ ନ ଉଠାଏ ଧାନ ସଂଗ୍ରହରେ ଘୋର ସଙ୍କଟ ସୃଷ୍ଟି ହେବ। ଏ ସମ୍ପର୍କରେ ବାରମ୍ବାର ଜଣାଇବା ପରେ ମଧ୍ୟ କେନ୍ଦ୍ର ଶୁଣୁନାହିଁ ବୋଲି ମନ୍ତ୍ରୀ ମହୋଦୟ କହିଛନ୍ତି। ଅନ୍ୟ ରାଜ୍ୟ ପାଇଁ ଦରଦ ଥିବା ବେଳେ ଓଡ଼ିଶା କାହିଁକି କ୍ରମାଗତ ଅବହେଳାର ଶିକାର ହେଉଛି ତାହା ବୁଝାପଡୁନାହିଁ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି। ଏଥିରୁ ଡବଲ୍ ଇଞ୍ଜିନ୍‌ରେ ଓ ତାଳମେଳ ରହୁନଥିବା ପ୍ରମାଣିତ ହୋଇଛି। ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୩୦ ଲକ୍ଷ ଟନ୍ ଚାଉଳ କେନ୍ଦ୍ର ସରକାର ଏଫ୍‌ସିଆଇ ଜରିଆରେ ଉଠାଇବା ପାଇଁ ଲକ୍ଷ୍ୟ ରଖିଥିଲେ ମଧ୍ୟ ମାତ୍ର ୭.୨୮ ଲକ୍ଷ ଟନ୍ ଚାଉଳ ଉଠାଯାଇଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ସଂଗ୍ରହ ହେଉଥିବା ଧାନ ପିଡିଏସ୍ ମାଧ୍ୟମରେ ବଣ୍ଟନ ଦ୍ୱାରା ସମସ୍ୟାର କିଛି ପରିମାଣରେ ସମାଧାନ ହୋଇପାରୁଛି। କିନ୍ତୁ ପଶ୍ଚିମ ଓଡ଼ିଶାରେ ପ୍ରାୟ ୬୦ରୁ ୭୦ ପ୍ରତିଶତ ଚାଉଳ ସରକାରୀ ଓ ମିଲରମାନଙ୍କ ଗୋଦାମରେ ପଡ଼ି ରହୁଛି। ଗୋଦାମ ଖାଲି ନ ହେଲେ ଖରିଫ ଧାନ କିଣାଯିବ ନାହିଁ ବୋଲି କିଛିଦିନ ତଳେ ମିଲର ସଂଘ ରାଜ୍ୟ ସରକାରଙ୍କୁ ଚରମବାଣୀ ଶୁଣାଇ ଥିବାରୁ ରାଜ୍ୟ ସରକାର ଆହୁରି ଅଡୁଆରେ ପଡ଼ିଛନ୍ତି।

ଓଡ଼ିଶାର ଡବଲ୍ ଇଞ୍ଜିନ୍ ସରକାର ଏବେ ଦୋଛକିରେ ପଡ଼ିଛନ୍ତି। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧିତ ଆଇନ୍‌କୁ ପାରିତ କରାଇବା ପାଇଁ ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ସାଂସଦ ନିରବ ସମର୍ଥନ ଦେଇଦେଲେ। ଏଥିଯୋଗୁଁ ଓଡ଼ିଶାର ପ୍ରଭୂତ ରାଜସ୍ୱ କ୍ଷତି ହେବ ଜାଣି ମଧ୍ୟ 'ପାର୍ଟି ସ୍ୱାର୍ଥ' ଆଗରେ 'ମାଟିର ମମତା' ଗୌଣ ହୋଇଗଲା। ଏବେ ସମାନ ପରିସ୍ଥିତି ଚାଉଳ ସଂଗ୍ରହରେ ଦେଖାଦେଇଛି, ଯାହାକୁ ଖୋଦ୍ ରାଜ୍ୟ ବିଜେପି ମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଛନ୍ତି। ପାର୍ଟି(ଦିଲ୍ଲୀ) ବିରୋଧରେ ସ୍ୱର ଉତ୍ତୋଳନ କଲେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ଏପରିକି ମନ୍ତ୍ରୀପଦ ମଧ୍ୟ ଚାଲିଯାଇପାରେ। ଅପରପକ୍ଷପରେ ଗୋଦାମ ଅଭାବ ଦର୍ଶାଇ ଚାଷୀଙ୍କଠାରୁ ଧାନ ନ କିଣିଲେ ସେମାନଙ୍କ ଅସୂୟାର ଶିକାର ହେବେ।

ଯାହା ଜଣାପଡୁଛି କେନ୍ଦ୍ରୀୟ ଚାପ ଯୋଗୁଁ ଓଡ଼ିଶା ସରକାର ଓ ସାଂସଦମାନେ ନିରବ ରହି ଓଡ଼ିଶାକୁ ଜାଣିଶୁଣି ଆର୍ଥିକ ସଂକଟ ମଧ୍ୟକୁ ଠେଲି ଦେଉଛନ୍ତି। କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥକୁ ଗୁରୁତ୍ୱ ଦେଉନାହାନ୍ତି କିମ୍ବା ଏହା ଉପରେ ସ୍ପଷ୍ଟୀକରଣ ରଖୁନାହାନ୍ତି। ପ୍ରକୃତରେ ସମସ୍ୟା କ'ଣ ତାହା କେନ୍ଦ୍ର ସରକାର ଜଣାଇବା ଦରକାର। କେନ୍ଦ୍ରୟ ଶସ୍ୟ ଭଣ୍ଡାର ପାଇଁ ଏମ୍‌ଏସ୍‌ପି ଭିତ୍ତିରେ ରାଜ୍ୟମାନଙ୍କ ମାଧ୍ୟମରେ ତଥା କେନ୍ଦ୍ରୀୟ ସଂସ୍ଥାମାନଙ୍କ ଦ୍ୱାରା ଧାନ ଓ ଅନ୍ୟାନ୍ୟ ସଂଗ୍ରହ କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ଓଡ଼ିଶାର ଧାନ ସଂଗ୍ରହ କ୍ଷେତ୍ରରେ ଏ ଯେଉଁ ଅନିୟମିତତା ଦେଖାଯାଉଛି ଏଥିରେ କାହାର ଦୋଷ ରହୁଛି, ଜାଣିବାକୁ କିଛି ଅସୁବିଧା ନାହିଁ। ରାଜ୍ୟ ସରକାରଙ୍କ ସହାୟତାରେ ଯଦି ଏହି କାର୍ଯ୍ୟକ୍ରମ କରାଯାଉଛି କେନ୍ଦ୍ର ସରକାର ଏଭଳି ଅହେତୁକ ବିଳମ୍ବ ପାଇଁ ନିଶ୍ଚୟ ଉତ୍ତରଦାୟୀ। ଏହାବ୍ୟତୀତ କୃଷକ ସ୍ୱାର୍ଥ ବିରୋଧୀ ପଦକ୍ଷେପ ଜାଣିଶୁଣି ଯଦି କେନ୍ଦ୍ର ସରକାର ନେଉଥା'ନ୍ତି, ତାହାହେଲେ ଏହା ଅବିବେକୀ ବୋଲି ଗଣା ହେବା ସହିତ କେନ୍ଦ୍ରରେ ଶାସକ ଦଳର କ୍ଷତିସାଧନ କରିପାରେ।

ଆଗକୁ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ। ତା'ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ବିବାଦର ସମାଧାନ ଯେତେଶୀଘ୍ର ହେବ, ସେତେ ମଙ୍ଗଳ। ତା'ନହେଲେ ବିବାଦୀୟ ପ୍ରସଙ୍ଗ କେବଳ କେନ୍ଦ୍ର-ରାଜ୍ୟ ଓ ସଂଘୀୟ ସମ୍ପର୍କକୁ କ୍ଷୁଣ୍ଣ କରିବ ନାହିଁ, ଏହା ମଧ୍ୟ ଶାନ୍ତିପୂର୍ଣ୍ଣ ନିର୍ବାଚନ ବାତାବରଣକୁ ତିକ୍ତ ଏବଂ ଅସୂୟାମୂଳକ କରିବ। କେନ୍ଦ୍ର ସରକାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ନୁହନ୍ତି। ଏହାସତ୍ତ୍ୱେ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ଦୈନ୍ୟତା ଓ ନିରବତା ପ୍ରକାଶ କରିବା ଭଲ ଲକ୍ଷଣ ନୁହେଁ। ଏହାର ସମାଧାନ ଯେତେଶୀଘ୍ର ହେବ ସେତେ ଭଲ; ନ ହେଲେ ଧାନ ସଂଗ୍ରହରେ ରାଜନୀତି ଖେଳ ଆସନ୍ତା ନିର୍ବାଚନରେ ପଡ଼ିବା ବିଚିତ୍ର ହେବ ନାହିଁ। ●

## ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଶାର ସମ୍ପର୍କ

କମଳାକାନ୍ତ ପ୍ରହରାଜ

ମାଟିର ଗନ୍ଧ ଭାଷାରେ ବଞ୍ଚିଥାଏ। ସେ ଉତ୍କଳ ଦିବସ ହେଉ କିମ୍ବା ଭାଷା /ସାହିତ୍ୟ/ସଂସ୍କୃତି/ପରମ୍ପରା ଦିବସ ହେଉ। ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ଓଡ଼ିଆ ପରମ୍ପରା, ଓଡ଼ିଆ ସଂସ୍କୃତିର ସୁରକ୍ଷା, ପ୍ରସାର ଓ ପ୍ରଚାର ଆଦି ନାରା ଓ ଭାଷଣବାଜିରେ କମ୍ପି ଉଠେ। ହେଲେ ଓଡ଼ିଶା ବାହାରେ ବିଚ୍ଛିନ୍ନାଞ୍ଚଳ କଥା କ'ଣ କେହି ଜଣେ ମନରେ ଚିନ୍ତା କରିଛନ୍ତି କି? ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ବିଦ୍ୟାଳୟଗୁଡ଼ିକରେ ମାତ୍ର କେଇ ଟଙ୍କା ଭତ୍ତା ନେଇ ଓଡ଼ିଆଭାଷାକୁ ବଞ୍ଚାଇବା ପାଇଁ ଅନବରତ ସଂଗ୍ରାମ କରୁଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ କଥା ଆମ ଓଡ଼ିଶା ସରକାର ବୋଧେ ଭୁଲି ଯାଇଛନ୍ତି। ନଚେତ୍ କ୍ଷମତା ଗ୍ରହଣ କରୁ କରୁ ଆମ ମୁଖ୍ୟମନ୍ତ୍ରୀ ବିଚ୍ଛିନ୍ନାଞ୍ଚଳ ଯାଇ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି ପାଇଁ କରିଥିବା ଘୋଷଣାକୁ ଆଜକୁ ଦୁଇ ବର୍ଷ ପୂରିଲାଣି। ମିଳିବା ତ ଦୂର କଥା ବିଗତ ସରକାର ଅମଳର ପୁରୁଣା ଭତ୍ତା ମଧ୍ୟ ନ ପାଇ ଅଧିକାଂଶ ଅବସର ଗ୍ରହଣ କରି ସାରିଲେଣି।

ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି, ଷଢ଼େଇକଳା-ଖରସୁଆଁର ଓଡ଼ିଆମାନେ 'ଉତ୍କଳ ଦିବସ'କୁ କେଉଁ ପ୍ରକାରର ଓ କ'ଣ ପାଇଁ ପାଳନ କରିବେ ତାହା ବୁଝି ପାରୁନାହାନ୍ତି। ସେମାନେ ଏ ନିଷ୍କର୍ଷରେ ମଧ୍ୟ ପହଞ୍ଚି ପାରୁ ନାହାନ୍ତି ଯେ 'ସେମାନେ କିଏ? ଓଡ଼ିଆ ନା ବିହାରୀ? ଓଡ଼ିଶାର ନା ଝାଡ଼ଖଣ୍ଡର?' ସେମାନଙ୍କର ଶରୀର ଏବେ ଝାଡ଼ଖଣ୍ଡରେ ରହିଛି; କିନ୍ତୁ ମନ ଓ ଆତ୍ମା ରହିଛି ଓଡ଼ିଶାରେ।

ସ୍ୱାଧୀନତା ପୂର୍ବବର୍ତ୍ତୀ ବଙ୍ଗ ଗଠନ ଓ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଅବା ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ ସମୟରେ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଇତ୍ୟାଦି ରାଜ୍ୟରେ ସାମିଲ ହୋଇଗଲା। ରାଜନୈତିକ ଛକା-ପଞ୍ଝା ମଧ୍ୟରେ ଏମାନଙ୍କର ଭାଗ୍ୟ ସବୁ ଅନିଶ୍ଚିତତାର ଅନ୍ଧକାର ମଧ୍ୟକୁ ଠେଲି ହୋଇଗଲା। ସେମାନଙ୍କର ଅସନ୍ତୋଷ ଓ ପ୍ରତିବାଦର ସ୍ୱରକୁ ଆଶ୍ୱାସନାର ପ୍ରତିଶ୍ରୁତି ମାଧ୍ୟମରେ ଚପାଇ ଦିଆଗଲା। ସେଠିକାର ବାସିନ୍ଦା ଆଶା ଓ ନିରାଶାର ମଧ୍ୟରେ ଗତି କରାଇବା ଛଡ଼ା ଅନ୍ୟ କୌଣସି ବିକଳ୍ପ ରହିଲା ନାହିଁ। ପରବର୍ତ୍ତୀ ସମୟରେ ସେ ଅଞ୍ଚଳଗୁଡ଼ିକ 'ବିଚ୍ଛିନ୍ନାଞ୍ଚଳ ଓଡ଼ିଶା' ନାମରେ ଏକ ନୂତନ ପରିଚୟ ପ୍ରାପ୍ତ ହେଲା।

ସଂପୃକ୍ତ ରାଜ୍ୟ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବହୁ ଆଲୋଚନା, ପର୍ଯ୍ୟାଲୋଚନା ଓ ବୈଠକ ବସି ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଚାଲିଲା। ଓଡ଼ିଶାର ଭାଷାକୁ ବଞ୍ଚାଇ ରଖିବା ଏବଂ ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସଂରକ୍ଷଣ ପାଇଁ ପ୍ରତିବର୍ଷ ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଓଡ଼ିଆ ପୁସ୍ତକ ଯୋଗାଣ, ଓଡ଼ିଆ ଶିକ୍ଷକ ନିଯୁକ୍ତି ସହିତ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ଶିକ୍ଷାନୁଷ୍ଠାନଗୁଡ଼ିକରେ ତିନି ଶତକଡ଼ା ସ୍ଥାନ ସଂରକ୍ଷଣ ଇତ୍ୟାଦି ସବୁ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା। କିନ୍ତୁ ସମୟକ୍ରମେ ଓଡ଼ିଶା ସରକାରଙ୍କ ଉଦାସୀନତା ଓ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନଙ୍କର ସଂଘଟିତ ନେତୃତ୍ୱର ଅଭାବ ହେତୁ ବର୍ତ୍ତମାନ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କର ଭାଗ୍ୟ-ଆକାଶରେ କଳାବାଦଲ ମାଡ଼ି ଚାଲିଛି। ସେମାନଙ୍କର ଅସ୍ତିତ୍ୱ ଓ ପରମ୍ପରା ଲୋପ ପାଇବାକୁ ବସିଲାଣି। ସେମାନେ ଅଲୋଡ଼ା ହୋଇ ଯାଇଛନ୍ତି ଉଭୟ ଓଡ଼ିଶା ଓ ନିଜ ନିଜ ରାଜ୍ୟ ପାଇଁ।

ଅଧ୍ୟୟନରୁ ଜଣାଯାଏ ଯେ ଝାଡ଼ଖଣ୍ଡର ୨୪ ଟି ଜିଲ୍ଲା ମଧ୍ୟରୁ ୧୦ଟି ଯଥା - ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି, ଷଢ଼େଇକଳା - ଖରସୁଆଁ, ରାଞ୍ଚି, ଧାନବାଦ, ବୋକାରୋ, ଲାହାରଡେଗା, ଗୁମଲା, ସିମଡେଗା ଓ ଲାଟେହାରା ଜିଲ୍ଲାରେ ଓଡ଼ିଆ ଭାଷାଭାଷୀ ସଂଖ୍ୟା ସର୍ବାଧିକ ଥିଲେ। ସମଗ୍ର ରାଜ୍ୟର ମୋଟ ଜନସଂଖ୍ୟାର ୩୦% କେବଳ ଓଡ଼ିଆ। ରାଜ୍ୟର ମୋଟ ଜନସଂଖ୍ୟା ତିନିକୋଟି ତିରିଶ ଲକ୍ଷ ହୋଇଥିବା ବେଳେ ଉପରୋକ୍ତ ୧୦ଟି ଜିଲ୍ଲାର ଜନସଂଖ୍ୟା ଏକକୋଟି ପଞ୍ଚାବନ ଲକ୍ଷ। ସେଥିମଧ୍ୟରୁ ପାଖାପାଖି ୯୦ଲକ୍ଷ କେବଳ ଓଡ଼ିଆ। ରାଜ୍ୟର ମୋଟ ସରକାରୀ, ବେସରକାରୀ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକର ସଂଖ୍ୟା ୨୧୩୮୬। ସେଥିମଧ୍ୟରୁ ଉପରୋକ୍ତ ୧୦ ଟି ଜିଲ୍ଲାରେ ଓଡ଼ିଆ ବିଦ୍ୟାଳୟର ସଂଖ୍ୟା ଥିଲା ୪୦୦ରୁ ଊର୍ଦ୍ଧ୍ୱ। ବହୁ ବିଳମ୍ବରେ ହେଲେ ମଧ୍ୟ ଝାଡ଼ଖଣ୍ଡରେ ଓଡ଼ିଆକୁ ୨୦୧୧ ମସିହାରେ ସରକାରୀସ୍ତରରେ ଦ୍ୱିତୀୟ ଭାଷାର ମାନ୍ୟତା ମିଳିଲା। କିନ୍ତୁ ବାସ୍ତବରେ କୌଣସି ସୁଫଳ ଅଦ୍ୟାବଧି ମିଳି ପାରିନାହିଁ। ଓଡ଼ିଆମାନେ ଝାଡ଼ଖଣ୍ଡରେ ଆଜି ଦ୍ୱିତୀୟଶ୍ରେଣୀ ନାଗରିକ ଭାବେ ରହିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୩୦୦ରୁ ଅଧିକ ଓଡ଼ିଆ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନାହାନ୍ତି ଏବଂ ବାକି ବିଦ୍ୟାଳୟଗୁଡ଼ିକରେ ଜଣେ ଦୁଇଜଣଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତେ ହିନ୍ଦୀ ବା ବଙ୍ଗାଳୀ ଭାଷୀ ଶିକ୍ଷକ।

ଝାଡ଼ଖଣ୍ଡ ସରକାର ଉଦ୍ଦେଶ୍ୟମୂଳକ ଭାବରେ ନବମ ଓ ଦଶମ ଶ୍ରେଣୀର ଓଡ଼ିଆ ସାହିତ୍ୟ ପୁସ୍ତକ ୨୦ ବର୍ଷ ତଳର ପୁରୁଣା ପାଠ୍ୟକ୍ରମ ଅନୁସାରେ ପ୍ରଚଳିତ କରି ଚାଲିଛନ୍ତି। ତେଣୁ ଓଡ଼ିଶା ସରକାର ଆଉ ସେହି ପୁସ୍ତକ ସବୁ ଯୋଗାଇ ପାରୁନାହାନ୍ତି। ପୁରୁଣା ବହି ସବୁ ବଜାରରେ ମଧ୍ୟ ମିଳୁ ନ ଥିବାରୁ ଛାତ୍ରଛାତ୍ରୀମାନେ ଚିରାଫଟା ବହିକୁ ଜେରକ୍ସ କରି କାମ ଚଳାଉଛନ୍ତି। ଅଧିକନ୍ତୁ ପିଲାମାନଙ୍କୁ ଓଡ଼ିଆ ବିଷୟ ଛଡ଼ା ଅନ୍ୟ ସମସ୍ତ ବିଷୟକୁ ହିନ୍ଦୀରେ ପଢ଼ି ଲେଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏତଦ୍‌ବ୍ୟତୀତ ଜନସଂଖ୍ୟା ବୃଦ୍ଧି ଅନୁସାରେ ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସଂଖ୍ୟା ବୃଦ୍ଧି ପରିବର୍ତ୍ତେ କମି ଯାଉଥିବାରୁ ଏବଂ ଓଡ଼ିଆ ଶିକ୍ଷକ ଅଭାବ ହେତୁ ଅଭିଭାବକମାନେ ପିଲାମାନଙ୍କୁ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଓ ବଙ୍ଗଳା ଭାଷାରେ ଶିକ୍ଷା ଦେବାକୁ ଶ୍ରେୟ ମଣୁଛନ୍ତି।

ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ପରିବାର ମଧ୍ୟରେ ସମ୍ପର୍କର ସେତୁ ଭାବରେ କାର୍ଯ୍ୟ କରେ। ମନର ଆବେଗ ଓ ହୃଦୟର ବାର୍ତ୍ତାକୁ ଏମାନେ ବହନ କରିଥା'ନ୍ତି। ଏହି ନିୟମରେ ଓଡ଼ିଶା ତଥା ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ପରିବାରଗୁଡ଼ିକ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଛି। ବିଚ୍ଛିନ୍ନାଞ୍ଚଳର ଝିଅ ଆଜି ଓଡ଼ିଶାର ବୋହୂ ଏବଂ ଓଡ଼ିଶାର ଝିଅ ବିଚ୍ଛିନ୍ନାଞ୍ଚଳର ବୋହୂ ଭାବରେ ସୁନ୍ଦର ସଂସାର ଗଢ଼ି ତୋଳିଛନ୍ତି। ଭାଷା, ସଂସ୍କୃତି ଓ ପରମ୍ପରାଗତ ସମାଞ୍ଜସ୍ୟ ହେତୁ ସେମାନଙ୍କର କୌଣସି ଅସୁବିଧା ହେଉନାହିଁ। କିନ୍ତୁ ଦିନ ଆସିବ ବିଚ୍ଛିନ୍ନାଞ୍ଚଳର ସବୁ ଓଡ଼ିଆ ପରିବାର ନିଜ ନିଜ ଅସ୍ତିତ୍ୱକୁ ଧୀରେ ଧୀରେ ହରାଇ ବସିବେ। ଓଡ଼ିଆମାନେ ବିହାରୀ ବା ବଙ୍ଗାଳୀମାନଙ୍କ ଭିତରେ ନିଜକୁ ବିଲୀନ କରିବାକୁ ବାଧ୍ୟ ହେବେ। ପଶ୍ଚିମବଙ୍ଗରେ ରହିଆସୁଥିବା ବହୁ ଓଡ଼ିଆ ଯେପରି ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ସଙ୍କୋଚ ବୋଧ କରୁଛନ୍ତି, ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡର ଓଡ଼ିଆମାନଙ୍କର ଅବସ୍ଥା ମଧ୍ୟ ଦିନେ ନିଶ୍ଚିତ ସେହିପରି ହେବ। ଓଡ଼ିଆତ୍ୱ ସେମାନଙ୍କ ମନ ମଧ୍ୟରୁ ମରିଯିବ। ଭାଷାଗତ ପାର୍ଥକ୍ୟ ଯୋଗୁଁ ଆସ୍ତେ ଆସ୍ତେ ଓଡ଼ିଆଙ୍କ ଚାଲିଚଳଣ, ପରମ୍ପରା, ସଂସ୍କୃତି ସବୁ ଲୋପ ପାଇଯିବ। ଏହା ଆଉ ବେଶୀ ସମୟ ନୁହେଁ, ଯେ ଉଭୟ ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଶାବାସୀ ପରସ୍ପର ମଧ୍ୟରେ ସମ୍ପର୍କ ଯୋଡ଼ିବାକୁ ଆଉ ଚାହିଁବେନି କିମ୍ବା ନିରାପଦ ମଣିବେନି। ଶୁଣା ବି ଯିବନି ଆଉ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆର ସ୍ୱର। କହିବା ବାହୁଲ୍ୟ ବିଚ୍ଛିନ୍ନାଞ୍ଚଳ ସମସ୍ୟାରୁ ସଂପୂର୍ଣ୍ଣ ମୁକ୍ତି ପାଇଯିବେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ସରକାର।

ତେବେ ବିଚ୍ଛିନ୍ନାଞ୍ଚଳବାସୀ ଓ ଓଡ଼ିଶାବାସୀ ହିସାବରେ ଆମେ ସମସ୍ତେ ଚାହିଁବା ଆଗାମୀ ଦିନରେ ଏ ଅବସ୍ଥା ନ ଆସୁ। ଉଭୟ ସରକାର ଏମାନଙ୍କର ହୃଦୟର କୋହକୁ ହୃଦୟଙ୍ଗମ କରନ୍ତୁ। କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ରଖି ସମସ୍ତ ବୁଦ୍ଧିଜୀବୀ, ରାଜନୈତିକ ଦଳର ବ୍ୟକ୍ତିବିଶେଷ ଓ ସାଧାରଣ ଜନତା ସମସ୍ୟା ସମାଧାନ ପାଇଁ ସାହାଯ୍ୟର ହାତ ବଢ଼ାନ୍ତୁ। ଏବେବି ସମୟ ଅଛି। ଓଡ଼ିଶା ସରକାର ଜାଗ୍ରତ ହୁଅନ୍ତୁ। ବିଚ୍ଛିନ୍ନ ହୋଇ ରହିଯାଇଥିବା ନିଜ ସନ୍ତାନ ପ୍ରତି ଆଉ ସାବତ ମାତା ଭାବନା ନ ରଖି କୋଳେଇ ନିଅନ୍ତୁ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କୁ। ଆଗାମୀ ଦିନରେ ଏକ ସୁନ୍ଦର ସୁନେଲି ସୂର୍ଯ୍ୟୋଦୟ ହେଉ। ଏହାହିଁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ●

ମୋ: ୭୦୦୮୩୮୫୯୮୫

## ସନ୍ତାନପ୍ରାପ୍ତି: ଲାଭ-ଦୁର୍ଗତି

ଅର୍ଜ୍ଜୁନ ଘଢ଼େଇ

ଆଜିର ସମୟରେ ସନ୍ତାନ ପ୍ରାପ୍ତି ଲାଳସା, କେବଳ ଭୌତିକ ସୁଖର କାରଣ ନହୋଇ ଅନେକ ଦୁର୍ଗତିର ମାର୍ଗରେ ପିତାମାତାଙ୍କୁ ନିୟନ୍ତ୍ରିତ କରୁଛି। ସାମାଜିକ ବ୍ୟବସ୍ଥାକୁ ସ୍ୱୀକୃତି ଦେବା, ଆଧ୍ୟାତ୍ମିକ ପରମ୍ପରାର ସୁରକ୍ଷା କରିବା ଆଳରେ ସନ୍ତାନପ୍ରାପ୍ତିର ମୋହ ଦୂର ହେଉନାହିଁ। ପୁତ୍ର ପ୍ରାପ୍ତି ଲକ୍ଷ୍ୟରେ ପତ୍ନୀ ଗ୍ରହଣ କରିବା କିମ୍ବା 'ପୁତ୍' ନାମକ ନର୍କରୁ ଉଦ୍ଧାର ହେବା ପାଇଁ ସନ୍ତାନ ପ୍ରାପ୍ତ କରିବା ମହାମନୀଷୀମାନଙ୍କ ମତକୁ ସମ୍ମାନ ଦେବାକୁ ଯାଇ ଯେଉଁ ଦୁର୍ଗତି ଓ ଦୁର୍ଦ୍ଦଶା ମିଳୁଛି, ତାହା ଆଜିର ପ୍ରତ୍ୟେକ ବୟସ୍କ ପିତାମାତା ଅନୁଭବୀ। ଅକୁହା ବେଦନା ଭାବେ ତାହା ପରିପ୍ରକାଶ ପାଉନଥିଲେ ମଧ୍ୟ ଅଧିକାଂଶ ମାତାପିତାଙ୍କ ଅନ୍ତର୍ନିହିତ ଭାବନାର ତାହା ଆଜି ଅପ୍ରକାଶ୍ୟ ଭାଷା।

କ୍ରିୟାର ପ୍ରତିକ୍ରିୟା ପରି ଦାନର ପ୍ରତିଦାନ ପାଇବା ପ୍ରତ୍ୟେକଙ୍କର ମାନସିକତା ଥାଏ। ତେଣୁ ସନ୍ତାନମାନଙ୍କଠାରୁ ବାର୍ଦ୍ଧକ୍ୟରେ କିଛି ଆଶା କରିବା ନିରର୍ଥକ ହୋଇ ନ ପାରେ। ପରିବର୍ତ୍ତିତ ସମୟର ବିଚାରଧାରାରେ ସନ୍ତାନମାନଙ୍କଠାରୁ କିଛି ଆଶା କରିବା ଅଯୁକ୍ତିକର ଦର୍ଶାଇ ଯେଉଁମାନେ ମାନସିକ ପ୍ରବୋଧନା ଦେଉଛନ୍ତି ସେମାନଙ୍କ ମତ ମଧ୍ୟ ଗ୍ରହଣୀୟ। କିନ୍ତୁ ସନ୍ତାନପ୍ରାପ୍ତିର ଲାଳସା ଜନିତ କାରଣରୁ ଯେଉଁ ପିତାମାତାମାନେ ମାନସିକ ଓ ଶାରିରୀକ ଯନ୍ତ୍ରଣା ଅନୁଭବ କରୁଛନ୍ତି, ସେମାନେ 'ପୁତ୍ରହୀନ' ବା 'ଅପୁତ୍ରିକ' ପରି ନିନ୍ଦା, ଅପବାଦ ବରଂ ସହିବାକୁ ଶ୍ରେୟ ମଣୁଛନ୍ତି। ସନ୍ତାନମାନଙ୍କର ଲାଳନ ପାଳନଠାରୁ ଆରମ୍ଭ କରି ଉଚିତ୍ ଶିକ୍ଷା ଦେଇ ନିଜ ଗୋଡ଼ରେ ଛିଡ଼ା କରେଇବା, ଯୌବନରେ ବୈବାହିକ କାର୍ଯ୍ୟ ଆଦି ସଂପାଦନା କରିବାରେ ସମସ୍ତ ବର୍ଗର ପିତମାତାମାନେ ଶକ୍ତି ଅନୁଯାୟୀ ଅଣନିଃଶ୍ୱାସୀ ହୋଇ ପ୍ରଯତ୍ନ କରିଥା'ନ୍ତି। ଯଦି ସନ୍ତାନଟି ଉପଯୁକ୍ତ ଶିକ୍ଷା ଲାଭ କରି ରୋଜଗାର କ୍ଷମ ହୋଇଯାଏ ତେବେ ଟିକେ ଆଶ୍ୱସ୍ତି ମିଳେ ପିତାମାତାଙ୍କୁ। ଯଦି ରୋଜଗାରକ୍ଷମ ହେବାରେ ଅସୁବିଧା ହୁଏ, ତେବେ ସବୁ ଦୋଷ ପିତାମାତାଙ୍କ ଉପରେ ଲଦି ଦିଅନ୍ତି ସନ୍ତାନମାନେ।

ଉପଯୁକ୍ତ ବୟସରେ ପୁଅ ପାଇଁ ବୋହୂଟିଏ ବା କନ୍ୟା ପାଇଁ ସୁଯୋଗ୍ୟ ବରପାତ୍ର ଟିଏ ଯୋଗାଡ଼ କରି ସେମାନଙ୍କର ଦାମ୍ପତ୍ୟ ଜୀବନ ଗଢ଼ିବା ପରେ ଯଦି ବୋହୂ ସହ ପୁଅ ଭଲରେ ସମୟ କଟାଏ ତେବେ ଟିକିଏ ସୁଖ ମିଳେ। କିନ୍ତୁ ଯଦି ସେମାନଙ୍କ ଜୀବନରେ ଦାମ୍ପତ୍ୟ ସୁଖ ନମିଳେ ସବୁଦୋଷ ପିତାମାତାଙ୍କ ଉପରେ ଲଦି ଦିଆଯାଏ ଯେ ସେମାନେ ଉପଯୁକ୍ତ କନ୍ୟାଟିଏ ଯୋଗାଡ଼ କରିବାରେ ଅସମର୍ଥ ହେଲେ। ଅନୁରୂପ ଭାବରେ 'ଝିଅ-ଜ୍ୱାଇଁ' ଭଲରେ ଚଳୁଥିଲେ ଯେତିକି ସୁଖ ଶାନ୍ତି ବାପମା' ପାଆନ୍ତି, ସେମାନଙ୍କ ଦାମ୍ପତ୍ୟ ଜୀବନର ବିଭ୍ରାଟର କୁପରିମାଣାମ ପିତାମାତାଙ୍କୁ ହିଁ ଭୋଗ କରିବାକୁ ପଡ଼େ। ଆଜିକାଲିର ପିଲାମାନେ ଶିକ୍ଷାସଂସ୍କାର ରହିତ ମାନସିକତା ଯୋଗୁଁ ପିତାମାତାଙ୍କ ଦୋଷତ୍ରୁଟି ଆକଳନ କରିବାରେ ବ୍ୟସ୍ତ।

ଆଜିର ପ୍ରାପ୍ତବୟସ୍କ ସନ୍ତାନମାନଙ୍କ ଭାବନାରେ ବୟସ୍କମାନେ କେବଳ 'ଗୃହ ଜଗୁଆଳୀ।' ଆଗନ୍ତୁକ ଦେଖିଲେ 'କିଏ ଆସିଲେଣି' ବୋଲି କହିବେ - ବାସ୍ ଏତିକି। ଅଧିକ କହିବା ବା କରିବା ପାଇଁ ସେମାନଙ୍କର ଆବଶ୍ୟକତା ନାହିଁ। 'ପେଚା' ପରି ସେମାନେ କେବଳ ଦେଖିପାରିବେ; କାହାର ଅନ୍ୟାୟ, ଅତ୍ୟାଚାରକୁ ତାଗିଦ କରିପାରିବେ ନାହିଁ। ଅସହାୟତାରେ କେବଳ କାହାକୁ ମୁହଁ ଖୋଲି ଚାହିଁବେ। ଦୁଃଖ କଷ୍ଟର ନିରାକରଣ ପାଇଁ ଦାବି କରିପାରିବେ ନାହିଁ। ରୋଗରେ ସଢୁଥିଲେ ବି ଉତ୍ତମ ଚିକିତ୍ସା ପାଇଁ ସନ୍ତାନମାନଙ୍କୁ ବାଧ୍ୟ କରିପାରିବେ ନାହିଁ। ବରଂ ଯେତିକି ଚିକିତ୍ସା ସୁବିଧା ମିଳିବ ତା'କୁ ଗ୍ରହଣ କରିନେବେ। ସର୍ବୋପରି ଆଜିର ସମୟରେ ସେମାନଙ୍କର ଅତୀତର ଅଭିଜ୍ଞତାର ମୂଲ୍ୟବୋଧ, ସନ୍ତାନ ପାଇଁ ଆଉ ଗ୍ରହଣୀୟ ନୁହେଁ, ବରଂ ସେମାନେ 'ବାର୍ଦ୍ଧକ୍ୟଜନିତ ଅଜ୍ଞାନରେ ଅଯୁକ୍ତିକର, ଅଗ୍ରହଣୀୟ ଉପଦେଶଗୁଡ଼ାଏ ଦେଉଛନ୍ତି' - ଏପରି ଭାବନା ସୃଷ୍ଟି ହେଉଛି ସନ୍ତାନଙ୍କ ମନରେ।

ଏତେ କଷ୍ଟ ପାଉଥିବା ପରେ ବି ତୃତୀୟ ପିଢ଼ି ଅର୍ଥାତ୍ ନାତି-ନାତୁଣୀ, ଅଜା-ଆଈ ଡାକ ଶୁଣିବାରେ ବୟସ୍କ ପିତାମାତାଙ୍କ ମନ ଏତେ ବ୍ୟାକୁଳ ଯେ ପରିଣତି ସ୍ୱରୂପ ନିଜ ସନ୍ତାନମାନଙ୍କ ନିର୍ଦ୍ଦେଶରେ ନାତି-ନାତୁଣୀଙ୍କ 'କେୟାର ଟେକର୍' ଭାବେ ନିଯୁକ୍ତ ହେବାର ସୁଯୋଗ ସେମାନଙ୍କ ପାଇଁ ସୃଷ୍ଟି ହେଉଛି। ନାତି-ନାତୁଣୀଙ୍କ ସ୍ନେହ-ଶ୍ରଦ୍ଧାରେ ସବୁ ଦୁଃଖ ଭୁଲିଯିବାର ସୌଭାଗ୍ୟ ସେମାନଙ୍କୁ ମିଳୁନାହିଁ। ତୃତୀୟ ପିଢ଼ିର ମୋହରେ ବଶୀଭୂତ ବୟସ୍କ ପିତା-ମାତାଙ୍କ ଯନ୍ତ୍ରଣା ନିଜ ସନ୍ତାନମାନେ ମଧ୍ୟ ଉପଲବ୍ଧି କରିବାରେ ଅସମର୍ଥ।

କେହି କାହାର ପିତା-ମାତା ନୁହନ୍ତି, କେହି କାହାର ସନ୍ତାନ-ସନ୍ତତି ନୁହନ୍ତି। ଏହା କେବଳ ମାୟାପୂର୍ଣ୍ଣ ସଂସାରରେ ମାୟାଧରଙ୍କ ସାଂସାରିକ ଲୀଳା। ଭାଗବତବାଣୀର ଏହି ଅନ୍ତର୍ନିହିତ ଭାବ ସୁସମୃଦ୍ଧ ହେଲେ ବି ପିତାମାତାମାନେ ନବୁଝି ପାରିବା କାରଣରୁ ଯେତେ ସାଂସାରିକ ମୋହଗ୍ରସ୍ତ ହେଉଛନ୍ତି, ସେତେ ପରିମାଣରେ ଜୀବନର ଅନ୍ତିମ ଗତିକୁ ସନ୍ତାନମାନେ ଦୁର୍ଗତିରେ ପରିଣତ କରୁଛନ୍ତି। ପ୍ରକୃତରେ ଆଜିର ବସ୍ତୁବାଦୀ ସଭ୍ୟତାରେ ମାତାପିତା ପାରିବାରିକ ସମ୍ପର୍କ ମୋହରେ ଅଧିକ ଜଡ଼ିତ ନ ହେଲେ ସେମାନଙ୍କ କଷ୍ଟ କିଛି ପରିମାଣରେ ଦୂରୀଭୂତ ହୋଇପାରନ୍ତା। କିଛି ଦେଇ କିଛି ନ ପାଇବାର ମାନସିକତା ସୃଷ୍ଟି କଲେ ସନ୍ତାନମାନଙ୍କ ଦ୍ୱାରା ସୃଷ୍ଟ ସମସ୍ୟାରୁ ଦୂରେଇ ରହିବା ସମ୍ଭବ ହୁଅନ୍ତା। କିନ୍ତୁ ସାମାଜିକ ବ୍ୟବସ୍ଥାରେ ବୟସ୍କ ପିତାମାତାଙ୍କୁ ସେବାଯତ୍ନରେ ରଖିବାର ମାନସିକତା ନ ରଖିଲେ ଆଗାମୀ ବଂଶଧରମାନେ ସେହି ମହାନ୍ କର୍ତ୍ତବ୍ୟ ସଂପାଦନ ନକରି 'ପିତୃ ଋଣ- ମାତୃ ଋଣ' ପରିଶୋଧ କରିବାର ଭାବନା ଆଦୌ କରିବେ ନାହିଁ। ଯ' ଦ୍ୱାରା ସଭ୍ୟତା, ସଂସ୍କୃତି, ପରମ୍ପରାର ମହତ୍ ଉଦ୍ଦେଶ୍ୟ ପ୍ରଭାବିତ ହେବ। ଏହା ବୁଝିପାରି ଗ୍ରହଣୀୟ ସାମାଜିକ କର୍ତ୍ତବ୍ୟ ଆପଣେଇ ନେଲେ ଏକ ସୁସ୍ଥ ପରିବାର ଓ ସମାଜ ଗଠନ ହେବ - ଏହା ସୁନିଶ୍ଚିତ। ସନ୍ତାନପ୍ରାପ୍ତି ଦୁର୍ଗତିର କାରଣ ନହୋଇ ସମାଜର ମଙ୍ଗଳ ପାଇଁ ଭଲ ବାର୍ତ୍ତା ଦେବ। ପିତାମାତାଙ୍କ ସେବାଯତ୍ନରୁ ପ୍ରାପ୍ତ ଆଶୀର୍ବାଦ ସନ୍ତାନମାନଙ୍କର ଭବିଷ୍ୟତ ସୁଖମୟ କରିବାରେ ସହାୟକ ନିଶ୍ଚୟ ହେବ - ଏକଥା ଆଜିର ଶିକ୍ଷିତ, ସଭ୍ୟ ଯୁବ ପିଢ଼ି ବୁଝିବାରେ ଯଥେଷ୍ଟ ଆବଶ୍ୟକତା ରହିଛି। ସେମାନେ ପିତାମାତାଙ୍କ ଦୁର୍ଗତିର କାରଣ ନହୋଇ ସୁଖ, ଶାନ୍ତି ପ୍ରଦାନ କରି ସୁଗତିର ମାର୍ଗ ନିର୍ଣ୍ଣୟ କରନ୍ତୁ। ଏହା ହିଁ ଆଜିର ସମୟରେ ମୂଲ୍ୟବୋଧ ଭିତ୍ତିକ ଗ୍ରହଣୀୟ ସାମାଜିକ ବାର୍ତ୍ତା। ●

(ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

## କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ


ପ୍ରବୀର କୁମାର ପଟ୍ଟନାୟକ

**ପ୍ରାରମ୍ଭିକ ବୌଦ୍ଧ ଧର୍ମର ଭାଷା:**

କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମର କାର୍ଯ୍ୟକଳାପ, ସ୍ଥିତି ତଥା ସଫଳତା ବିଷୟରେ ଆଲୋଚନା କଲା ବେଳେ ଏହି ଅଞ୍ଚଳର ପ୍ରାମାଣିକ ବୌଦ୍ଧ ସାହିତ୍ୟର ଭାଷା ସଂପର୍କିତ ଏକ ଜଟିଳ ପ୍ରଶ୍ନ ଉପରେ ଆଲୋଚନା କରାଯିବା ଆବଶ୍ୟକ। ଅନେକ ବିଦ୍ୱାନ୍ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ (ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ)ର ଭାଷା ଏବଂ କଳିଙ୍ଗ ଓ ସିଂହଳ (ଶ୍ରୀଲଙ୍କା) ମଧ୍ୟରେ ପ୍ରାଚୀନକାଳରୁ ରହିଆସିଥିବା ସାଂସ୍କୃତିକ ସଂପର୍କକୁ ଆଧାର କରି ମତ ପ୍ରକାଶ କରିଥା'ନ୍ତି ଯେ ପାଲି ଭାଷାର ଉତ୍ପତ୍ତି କଳିଙ୍ଗ ଆନ୍ଧ୍ର ଅଞ୍ଚଳରୁ ହୋଇଥିଲା।

ସିଂହଳ ସଂପର୍କିତ ପ୍ରାଚୀନ ଅଭିଲେଖଗୁଡ଼ିକ ସହିତ ପରିଚିତ ସମସ୍ତେ ଜାଣିପାରିବେ ଯେ, ସିଂହଳ ଓ କଳିଙ୍ଗ ରାଜ୍ୟ ମଧ୍ୟରେ ଥିବା ସଂପର୍କ ଅତ୍ୟନ୍ତ ନିବିଡ଼ ତଥା ଦୃଢ଼। ବୌଦ୍ଧ ସାହିତ୍ୟକୁ ସିଂହଳରେ ପହଞ୍ଚାଇବା ବା ପ୍ରତିଷ୍ଠା କରିବାର ମାଧ୍ୟମ ଭାବରେ କଳିଙ୍ଗ ଦେଶ ଅଥବା ଦକ୍ଷିଣ ଭାରତର ଏହାର ନିକଟବର୍ତ୍ତୀ କୌଣସି ରାଜ୍ୟର ସବୁଠାରୁ ଅଧିକ ଦାବି ଥିବା ପରି ଜଣାଯାଏ। ପ୍ରସିଦ୍ଧ ବିଦ୍ୱାନମାନଙ୍କର ଏହି ମତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏହା ଓଡ଼ିଶାର ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାଗୁଡ଼ିକର ପ୍ରାଚୀନ 'ବ୍ରାହ୍ମୀ' ଶିଳାଲେଖର ଭାଷାକୁ ନୂତନ ଭାବରେ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ପ୍ରେରଣା ଦେଇଛି। ଏହି ଶିଳାଲେଖଗୁଡ଼ିକର ଭାଷା ମୂଳତଃ ସିଂହଳର 'ପାଲି' ଭାଷା ସହିତ ସମାନ। ଡଃ ଭଣ୍ଡାରକର ମଧ୍ୟ ଏହି ମତକୁ ସମର୍ଥନ କରିଛନ୍ତି। ତାଙ୍କ ମତରେ 'ପାଲି' ପ୍ରାଚୀନ କଳିଙ୍ଗ ଓ ମହାରାଷ୍ଟ୍ରର ମଧ୍ୟ ଭାଷା ଥିଲା ଏବଂ ଏହି ଅଞ୍ଚଳଗୁଡ଼ିକରୁ ପାଲି ଭାଷା ସିଂହଳକୁ ପ୍ରବେଶ କରିଥିଲା। ଏଚ୍. କର୍ଣ୍ଣଙ୍କ ପରି ବିଦ୍ୱାନମାନଙ୍କର ମଧ୍ୟ ଏହି ମତ ଯେ ପାଲି ଭାଷାର ଉତ୍ପତ୍ତି ଆନ୍ଧ୍ର-କଳିଙ୍ଗ ଅଞ୍ଚଳରେ ହୋଇଥିଲା। ଡଃ ବାଗ୍‌ଚୀଙ୍କ ମତରେ ଖାରବେଳଙ୍କ ଶିଳାଲେଖରୁ ଯାହା ସ୍ପଷ୍ଟ, ତାହା ହେଲା ପାଲି ପୂର୍ବ-ଭାରତର ଭାଷା ଥିଲା। ଖାରବେଳଙ୍କ ଶିଳାଲେଖ କଳିଙ୍ଗର ନିଜସ୍ୱ ଆଞ୍ଚଳିକ ଭାଷା ନୁହେଁ; ବରଂ ଏହା ସେହି ସମୟର ପ୍ରମାଣିତ ପୂର୍ବୀୟ ଭାଷା ଥିଲା, ଯାହା ସେତେବେଳେ ସମଗ୍ର ପୂର୍ବ ଭାରତରେ ସାହିତ୍ୟିକ ଭାଷା ଭାବରେ ପ୍ରଚଳିତ ଥିଲା। 'ପାଲି' ଭାଷା ମଗଧର ଭାଷା ଥିଲା ବୋଲି ସିଂହଳ ପରମ୍ପରାରେ ଯେଉଁ ଧାରଣା ରହିଛି, ତାହାର କୌଣସି ଦୃଢ଼ ଆଧାର ଥିବା ପରି ମନେ ହୁଏ ନାହିଁ।

ଓଡ଼ିଶାର ବୌଦ୍ଧ ପରମ୍ପରା



ସବୁଠାରୁ ଯୁକ୍ତିସଙ୍ଗତ ମତ ହେଉଛି - 'ପାଲି' ପ୍ରାଚୀନ କଳିଙ୍ଗ ଅଞ୍ଚଳର ଭାଷା ଥିଲା। ସେତେବେଳେ ପ୍ରାଚୀନ କଳିଙ୍ଗ ମଧ୍ୟରେ ପୂର୍ବଉପକୂଳର ଏକ ବିଶାଳ ଅଞ୍ଚଳ ରହିଥିଲା। ଆମେ ମଧ୍ୟ ଏହା ନିଶ୍ଚିତ ଭାବେ ସ୍ୱୀକାର କରିବା ଯେ, ଖାରବେଳ ନିଜର କୃତି ଓ ସଫଳତାର ବିବରଣୀ ନିଜ ଦେଶରେ ନିଜ ଦେଶର ଭାଷାରେ ହିଁ ଲେଖାଇଥିଲେ, ମଗଧବାସୀଙ୍କ ଭାଷାରେ ନୁହେଁ। ପୁନଶ୍ଚ ମଗଧବାସୀଙ୍କୁ ସେ ନିଜର ପ୍ରମୁଖ ଶତ୍ରୁ ଭାବରେ ବିବେଚନା କରୁଥିଲେ।

**ପ୍ରାରମ୍ଭିକ ବୌଦ୍ଧ ଧର୍ମର ପ୍ରସାର :**

ପ୍ରାରମ୍ଭିକ ବୌଦ୍ଧ ଧର୍ମ 'ପାଲି' ଭାଷାର ମାଧ୍ୟମରେ ବର୍ମା(ମିଆଁମାର) ସିଂହଳ ଓ ସିଆମ (ଥାଇଲାଣ୍ଡ) ଆଦି ଅଞ୍ଚଳରେ ପ୍ରସାର ଲାଭ କରିଥିଲା। ସମୁଦ୍ର ପାରି ପଡ଼ୋଶୀ ଏହି ଅଞ୍ଚଳଗୁଡ଼ିକରେ ବୌଦ୍ଧ ଧର୍ମର ଧର୍ମପ୍ରଚାରମୂଳକ କାର୍ଯ୍ୟକଳାପରେ କଳିଙ୍ଗର ଏକ ବଡ଼ ଭୂମିକା ରହିଥିଲା। କଳିଙ୍ଗ ଓ ଦକ୍ଷିଣ ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ ସକ୍ରିୟ ସାଂସ୍କୃତିକ ଆଦାନପ୍ରଦାନ ମଧ୍ୟ ରହିଥିଲା। ଏହାସହିତ ପୂର୍ବଭାରତର ପ୍ରାୟ ସମଗ୍ର ଉପକୂଳ ଅଞ୍ଚଳ ଅନେକ ଶତାବ୍ଦୀ ଧରି ବୌଦ୍ଧ ଧର୍ମର ଦୃଢ଼ କେନ୍ଦ୍ର ଭାବରେ ରହିଥିଲା। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଏମ୍‌ଏମ୍‌ଡିଆର୍ ବିଲ୍ ପଢ଼ି ବୁଝିପାରୁ ନାହାନ୍ତି ବିଜେପି ନେତା

## ଖଣି ଅଞ୍ଚଳର ହୋଇସୁଦ୍ଧା ଖଣି ଅର୍ଥନୀତି ଉପରେ ସାଂସଦଙ୍କର ଜ୍ଞାନ ଦୁର୍ବଳ: କଂଗ୍ରେସ

ଭୁବନେଶ୍ୱର, ୪।୯ (ସମିସ): ଏମ୍‌ଏମ୍‌ଡିଆର୍ ସଂଶୋଧନ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଡାହା ମିଛ କହିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଏମ୍‌ଏମ୍‌ଡିଆର୍ ବିଲ୍ ପଢ଼ିପାରି ନାହାନ୍ତି। ସେ ଓଡ଼ିଶାରୁ ଜଣେ ସାଂସଦ ଏବଂ ବିଶେଷକରି ଖଣି ଅଞ୍ଚଳରୁ ହୋଇଥିଲେ ମଧ୍ୟ ଓଡ଼ିଶା ଏବଂ ଏହାର ଖଣିଜ ଅର୍ଥନୀତି ବିଷୟରେ ତାଙ୍କର ଜ୍ଞାନ ଦୁର୍ବଳ ବୋଲି କଂଗ୍ରେସ କହିଛି।

ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଭବିଷ୍ୟତ ବିନିମୟରେ କେବଳ ଅନ୍ଧ ଭାବରେ ନିଜ ଦଳର ସ୍ୱାର୍ଥ ରକ୍ଷା କରୁଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ହୋଇଥିବା ଏମ୍‌ଏମ୍‌ଡିଆର୍ ଆକ୍ଟ ସଂଶୋଧନ ୨୦୨୬ ସମ୍ବିଧାନ ବିରୋଧୀ। କାରଣ ଏହା ରାଜ୍ୟଗୁଡ଼ିକର ଅଧିକାରକୁ କ୍ଷୁର୍ଣ୍ଣ କରୁଛି ଏବଂ ଖଣି ସମୃଦ୍ଧ ରାଜ୍ୟଗୁଡ଼ିକର ସ୍ୱାର୍ଥ ବିରୋଧୀ। ବିଶେଷ କରି ଓଡ଼ିଶାର ଜନସାଧାରଣଙ୍କ ବିରୋଧରେ ଯାଉଛି, ଯାହାକି ଏକ ଖଣିଜ ସମୃଦ୍ଧ ରାଜ୍ୟ ଭାବରେ ଦେଶର ପ୍ରାୟ ୫୦ ପ୍ରତିଶତ ଖଣିଜ ଉତ୍ପାଦନରେ ସହଯୋଗ




କରିଥାଏ। ବିଜେପି ସରକାରଙ୍କର ଏହି ଜନବିରୋଧୀ ପଦକ୍ଷେପ ହେଉଛି ବିଜେପିର କର୍ପୋରେଟ୍ ବନ୍ଧୁମାନଙ୍କ ସ୍ୱାର୍ଥ ସାଧନ କରିବା। ଏହି ସଂଶୋଧନ ପଛରେ ଥିବା ଷଡ଼ଯନ୍ତ୍ର ହେଉଛି, ଜୁଲାଇ ୨୦୨୪ର ସୁପ୍ରିମକୋର୍ଟଙ୍କ ରାୟକୁ ବଦଳାଇବା, ଯେଉଁଥିରେ ୯:୧ ସଦସ୍ୟ ବିଶିଷ୍ଟ ବେଞ୍ଚ ରାଜ୍ୟଗୁଡ଼ିକୁ ଖଣିଜ ସମୃଦ୍ଧ ଜମି ଉପରେ ଟିକସ ଲଗାଇବାକୁ ଏବଂ ପିଛିଲା ଭାବେ ବାକି ଅର୍ଥ ସଂଗ୍ରହ କରିବାକୁ ଅନୁମତି ଦେଇଥିଲେ। ଏହି ସଂଶୋଧନ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଖଣିଜ ଅଧିକାର ଏବଂ ଖଣିଜ ସମୃଦ୍ଧ ଜମି ଉପରେ ଟିକସ ଲଗାଇବା ଅଧିକାରକୁ ବିପଦରେ ପକାଇଛି ଏବଂ ଟିକସ ଆକାରରେ ମିଳିବାକୁ ଥିବା କିଛି ଲକ୍ଷ କୋଟି ଟଙ୍କାରୁ ରାଜ୍ୟଗୁଡ଼ିକୁ ବଞ୍ଚିତ କରିଛି।

ଦଳ କହିଛି, ଝାଡ଼ଖଣ୍ଡ ସରକାରଙ୍କ ଭଳି ଜୁଲାଇ ୨୦୨୪ ର ରାୟ ପରେ ଡବଲ ଇଞ୍ଜିନ ସରକାର ତୁରନ୍ତ ଟିକସ ସଂଗ୍ରହ କରିବା ଉଚିତ ଥିଲା। କିନ୍ତୁ ଖଣି କମ୍ପାନୀଗୁଡ଼ିକୁ ସୁହାଇବା ପାଇଁ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରତ୍ୟାଖ୍ୟାନ କରାଯାଇଛି। ଯେତେବେଳେ ଖଣିଜ ସମୃଦ୍ଧ ପଛୁଆ ରାଜ୍ୟଗୁଡ଼ିକ ଖଣିଜ ଉତ୍ପାଦନ ଯୋଗୁଁ ପରିବେଶ, ଜୀବିକା, ବିସ୍ଥାପନ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଉପରେ ପଡ଼ିଥିବା ପୁରୁଣା ପ୍ରଭାବର ମୁକାବିଲା କରିବାକୁ ସଂଘର୍ଷ କରୁଛନ୍ତି, ବିଜେପି ସରକାରଙ୍କ ଏହି ପଦକ୍ଷେପ ଏହାକୁ ଆହୁରି ଖରାପ କରିବ। ଏପରି ସ୍ଥଳେ ସାଂସଦ ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ଏମ୍‌ଏମ୍‌ଡିଆର୍ ଆକ୍ଟର ଗୁଣଗାନ କରି ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ କରିବାକୁ କିଭଳି ଅଣ୍ଟା ଭିଡ଼ିଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଓଡିଆ ଅସ୍ମିତାର ଦ୍ୱାହି ଦେଇ ଶାସନ କ୍ଷମତାକୁ ଆସିଥିବା ବିଜେପି ଓ ଏହାର ନେତା ଓଡିଶାବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଲିଗାଲ ନୋଟିସ ପଠାଇବା କାରଣରୁ ଆଇନଜୀବୀଙ୍କ ବିରୋଧରେ ହୋଇପାରିବନି ଅପରାଧିକ ମାମଲା

କଟକ, ୪।୯ (ସମିସ): ଆଇନଗତ ନୋଟିସ୍ (ଲିଗାଲ ନୋଟିସ) ପଠାଇଥିବା କାରଣରୁ ଜଣେ ଆଇନଜୀବୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୌଣସି ଅପରାଧିକ ଷଡ଼ଯନ୍ତ୍ରରେ ଆଇନଜୀବୀଙ୍କ ସମ୍ପୃକ୍ତି ନ ଥିଲେ କେବଳ ନୋଟିସ ପଠାଇଥିବା ହେତୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଆଇନଜୀବୀ ବିଜୟାନନ୍ଦ ପଣ୍ଡାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାର ଶୁଣାଣି କରି ଅଦାଲତ କହିଛନ୍ତି ଯେ ଯଦି ପ୍ରତ୍ୟେକ ବିଫଳ ଆଇନଗତ ପରାମର୍ଶ କିମ୍ବା ମୋକଦ୍ଦମାକାରୀଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଆଇନଜୀବୀଙ୍କ ବିରୋଧରେ ଅପରାଧିକ ମାମଲାର ଆଧାର କରାଯାଇପାରିବ ନାହିଁ। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ନିଜ ବରିଷ୍ଠ ଆଇନଜୀବୀଙ୍କ ମହକିଲଙ୍କ ନିର୍ଦ୍ଦେଶକ୍ରମେ ଚେକ୍ ବାଉନ୍ସ ସମ୍ପର୍କିତ ଏକ ଆଇନଗତ ନୋଟିସ୍ ପ୍ରସ୍ତୁତ କରି ବିପକ୍ଷ ପକ୍ଷଙ୍କୁ ପଠାଇଥିଲେ। ନୋଟିସ୍ ପାଇବା ପରେ ଅଭିଯୋଗକାରୀ ଜଣକ ଆବେଦନକାରୀ ସମ୍ପୃକ୍ତ ଆଇନଜୀବୀଙ୍କ ସମେତ ତାଙ୍କ ମହକିଲ ଓ ଅନ୍ୟ ମାନଙ୍କ ବିରୋଧରେ ଠକେଇ ନେଇ ମନି ଲଣ୍ଡରିଂ ଆକ୍ଟ ଅଧୀନରେ ନର୍ଲା ଥାନାରେ ଏତଲା ରୁଜୁ କରିଥିଲେ। ଅଭିଯୋଗ ହୋଇଥିଲା ଯେ ଋଣ ପରିଶୋଧ ପରେ ମଧ୍ୟ ଦସ୍ତଖତ ହୋଇଥିବା ବ୍ଲାଙ୍କ ଚେକ୍ ଫେରସ୍ତ ନକରି ଆଡଭୋକେଟ୍‌ଙ୍କ ଜରିଆରେ ନୋଟିସ୍ ପଠାଇ ବ୍ଲାକ୍‌ମେଲ୍ କରାଯାଉଥିଲା। ପୁଲିସ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିଲାଫ ପରେ ଆବେଦନକାରୀ ଶ୍ରୀ ପଣ୍ଡା ନିଜ ବିରୋଧରେ କଳାହାଣ୍ଡି ମ.ରାମପୁର ଜେଏମଏଫସିରେ ବିଚାରାଧୀନ ଥିବା ମାମଲାକୁ ରଦ୍ଦ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରସଙ୍ଗ

## ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଲୁଚକାଳି ଖେଳୁଛନ୍ତି ସରକାର: ବିଜେଡି

**୩ ମାସ ପରେ ମଧ୍ୟ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନରେ ରାଜ୍ୟ ସରକାର ବିଫଳ**

**ତ୍ରୁଟି ସଂଶୋଧନ ପରେ ପ୍ରକାଶିତ ପିଡିଏଫରେ ମଧ୍ୟ ଏକାଧିକ ତ୍ରୁଟି**

**ବିଫଳତାର ଯୋଗୁଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ**

ଭୁବନେଶ୍ୱର,୪।୯ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଗତ ଜୁନ୍ ମାସରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ ରାଜ୍ୟବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଘଟଣାକୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ତ୍ରୁଟିଶୂନ୍ୟ ବହି ପାଇପାରି ନାହାନ୍ତି, ଯାହାକୁ ନେଇ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ପ୍ରଥମ ସମେଟିଭ ପରୀକ୍ଷା ନିକଟତର ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ତ୍ରୁଟିଶୂନ୍ୟ ପୁସ୍ତକ ପାଇପାରି ନାହାନ୍ତି, ଯାହା ଅଭିଭାବକମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି।

ବିଜେଡି ପକ୍ଷରୁ ଜାରି ପ୍ରେସ ବିବୃତିରେ ଦଳର ମୁଖପାତ୍ର ମିହିର ରାୟ କହିଛନ୍ତି, ରାଜ୍ୟର ସରକାରୀ ସ୍କୁଲରେ ପ୍ରଚଳିତ ହେଉଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ, ଓଡିଶା ସର୍ବଭାରତୀୟ ସ୍ତରରେ ନିନ୍ଦିତ ହୋଇଥିଲା। ତୁରନ୍ତ ଏହି ତ୍ରୁଟିଗୁଡିକୁ ସୁଧାରି ନୂତନ ପୁସ୍ତକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିବା ପାଇଁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁସ୍ତକରେ ଥିବା ବ୍ୟାପକ ତ୍ରୁଟିକୁ ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିବା ସହିତ ନୂତନ ତ୍ରୁଟିଶୂନ୍ୟ ପୁସ୍ତକ ବିତରଣ କରାଯିବ ବୋଲି କହିଥିଲେ। କିନ୍ତୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୂତନ ପୁସ୍ତକ ପ୍ରଦାନ କରାଯିବ ନାହିଁ ଓ ଶିକ୍ଷକମାନେ ବହିରେ ଥିବା ତ୍ରୁଟିକୁ ସୁଧାରି ପିଲା ମାନଙ୍କୁ ପଢ଼ାଇବେ ବୋଲି କହିଥିଲେ, ଯାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା।

ଶ୍ରୀ ରାୟ କହିଛନ୍ତି, ଗତ ଅଗଷ୍ଟ ମାସରେ ବହିରେ ଥିବା ତ୍ରୁଟିକୁ ସଂଶୋଧନ କରି, ରାଜ୍ୟ ସରକାର ଏକ ପିଡିଏଫ ପ୍ରକାଶ କରି ଜନସାଧାରଣ ଏହାକୁ ତର୍ଜମା କରିବା ପାଇଁ ଆହ୍ୱାନ କରିଥିଲେ। ଏହି ପିଡିଏଫ୍‌ରେ ମଧ୍ୟ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି, ଯାହା ରାଜ୍ୟ ସରକାରଙ୍କର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କ ପାଖରେ ତ୍ରୁଟିଶୂନ୍ୟ ବହି ହସ୍ତଗତ ହୋଇନଥିବା ବେଳେ ସେମାନଙ୍କ ପ୍ରଥମ ସମେଟିଭ ପରୀକ୍ଷାକୁ ଆଉ ମାସଟିଏ ବି ନାହିଁ। ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟରେ କିଛି ତାଳମେଳ ରହୁନାହିଁ। ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ସରକାର ଲୁଚକାଳି ଖେଳ ଖେଳୁଛନ୍ତି। ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନରେ ବିଫଳ ହୋଇଥିବାରୁ, ଏହି ବିଫଳତାର ନୈତିକ ଦାୟିତ୍ୱ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କାହା ସାହସରେ...

କରିଛନ୍ତି। ଅନ୍ୟ ରାଜ୍ୟରୁ ଚାଉଳ ଓ ଗହମ ଉଠାଉଥିବାବେଳେ ଓଡ଼ିଶାକୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରିଛନ୍ତି। ମାତ୍ର ଏଫ୍‌ସିଆଇ କାହିଁକି ଓଡ଼ିଶା ପ୍ରତି ଅବିଚାର କରୁଛି ତାହାର ଉତ୍ତର କାହାର ନାହିଁ। ଲୋକସଭାରେ ଓଡ଼ିଶାରୁ ନିର୍ବାଚିତ ୨୦ ଓ ରାଜ୍ୟସଭାରେ ୫ ବିଜେପି ସାଂସଦ ଏହି ପ୍ରସଙ୍ଗରେ ନିରବ ରହିବା ଏବେ ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାଜ୍ୟରୁ ବଳକା ଚାଉଳ ଉଠାଇବା ଓ ବକେୟା ଅର୍ଥ ପ୍ରଦାନ ପ୍ରସଙ୍ଗରେ ଓଡ଼ିଶା ସରକାର ସରକାର ବାରମ୍ବାର କେନ୍ଦ୍ର ନିକଟରେ ଦାବି କରୁଛନ୍ତି। କେନ୍ଦ୍ର ଯୋଗାଣମନ୍ତ୍ରୀଙ୍କୁ ଭେଟୁଛନ୍ତି, ଚିଠି ଲେଖୁଛନ୍ତି, ପର୍ଯ୍ୟାୟ ପର୍ଯ୍ୟାୟ ଆଲୋଚନା କରାଯାଉଥିବାର ଫଟୋ ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ମାତ୍ର କେନ୍ଦ୍ର ସରକାର ରାଜ୍ୟର ଦାବିପ୍ରତି କର୍ଣ୍ଣପାତ କରୁନାହାନ୍ତି, ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଉ ନାହିଁ। ଯଦି ଏଫ୍‌ସିଆଇ ବଳକା ଚାଉଳ ଉଠାଇବାକୁ ରାଜି ନହୁଏ, ତେବେ ରାଜ୍ୟ ସରକାର ନିଜସ୍ୱ ଭାବେ ଟେଣ୍ଡର ଡାକି ଚାଉଳ ବିକ୍ରି କରିବା ଦିଗରେ ପଦକ୍ଷେପ ନେବେ ବୋଲି ପୂର୍ବରୁ ମନ୍ତ୍ରୀ କହିଥିଲେ, ମାତ୍ର ସେ ଦିଗରେ ମଧ୍ୟ କୌଣସି ପଦକ୍ଷେପ ଏଯାଏ ଗ୍ରହଣ କରାଯାଇନାହିଁ।

କେବଳ ଚାଉଳ ଉଠାଇବା ପ୍ରସଙ୍ଗ ନୁହେଁ, ବକେୟା ପ୍ରଦାନ କ୍ଷେତ୍ରରେ ବି କେନ୍ଦ୍ର ସରକାର ଓଡ଼ିଶାକୁ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଗତ ବିଧାନସଭା ଅଧିବେଶନ ସମୟରେ ବିକେନ୍ଦ୍ରୀକୃତ ଧାନ ସଂଗ୍ରହ ବ୍ୟବସ୍ଥାରେ ଓଡ଼ିଶା ସରକାର ଏଯାଏ କେନ୍ଦ୍ର ସରକାରଙ୍କଠାରୁ ୮୦୦୦ କୋଟି ଟଙ୍କା ବକେୟା ପାଇ ନ ଥିବା ମଧ୍ୟ ସୂଚନା ଦେଇଥିଲେ। ଧାନ କ୍ରୟ ସମୟରେ ରାଜ୍ୟ ପ୍ରଥମେ ଚାଷୀଙ୍କୁ ଧାନର ମୂଲ୍ୟ ପ୍ରଦାନ କରିଥାଏ। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ତ୍ରୟମାସିକ ଅଗ୍ରିମ ଓ ପ୍ରୋଭିଜନାଲ ସବସିଡି ମାଧ୍ୟମରେ ରାଜ୍ୟକୁ ଅର୍ଥ ପରିଶୋଧ କରିବାର ବ୍ୟବସ୍ଥା ରହିଛି। ତେବେ କେନ୍ଦ୍ରରୁ ଏହି ଅର୍ଥ ନିୟମିତ ଭାବେ ମିଳୁନଥିବାରୁ ରାଜ୍ୟର ଆର୍ଥିକ ପରିଚାଳନା ଉପରେ ଚାପ ବଢୁଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଧାନ ବିକ୍ରିର ଅର୍ଥ ପ୍ରଦାନ ପାଇଁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ (ଓଏସ୍‌ସିଏସ୍‌ସି) କୁ ଖୋଲା ବଜାରରୁ ଋଣ ନେବାକୁ ପଡୁଛି ଓ ଏଥିପାଇଁ ମଧ୍ୟ ସରକାର ସୁଧ ବୋଝ ବୋହୁଛନ୍ତି। ଗୋଟିଏ ପଟେ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ରାଜ୍ୟକୁ ତୁରନ୍ତ ଅର୍ଥ ଯୋଗାଡ଼ କରିବାକୁ ପଡୁଛି, ଅନ୍ୟପଟେ ଏଫ୍‌ସିଆଇ ଚାଉଳ ଉଠାଇ ନେବାରେ ବିଳମ୍ବ କଲେ ଗୋଦାମରେ ଚାଉଳ ଜମା ହୋଇ ରହୁଛି। ଫଳରେ ଆଗାମୀ ଧାନ ସଂଗ୍ରହ ପାଇଁ ଗୋଦାମ ଖାଲି ହୋଇ ପାରୁନାହିଁ।

### ମହାକାଶରେ 'ଇଓଏସ୍-୦୫'...

'ଇଓଏସ୍-୦୫'ର ସବୁଠାରୁ ବଡ଼ ବିଶେଷତା ହେଉଛି—ଏହା ଭୂସମକାଳୀନ କକ୍ଷରୁ ପୃଥିବୀର ଚିତ୍ର ଉତ୍ତୋଳନ ପାଇଁ ଭାରତର ପ୍ରଥମ ଉପଗ୍ରହ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଭୂସମକାଳୀନ କକ୍ଷରେ ଥିବା ଉପଗ୍ରହ ପୃଥିବୀର ଘୂର୍ଣ୍ଣନ ସମୟ ସହ ପ୍ରାୟ ସମାନ ସମୟରେ ପରିକ୍ରମା କରେ। ଫଳରେ ଏହା ପୃଥିବୀର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବାରମ୍ବାର ନିରୀକ୍ଷଣ କରିପାରେ। ବିଶାଳ ଅଞ୍ଚଳର ନିୟମିତ ଓ ଦ୍ରୁତ ନିରୀକ୍ଷଣ ପାଇଁ ଏହା ବେଶ୍ ଉପଯୋଗୀ ହେବ। ଜିଏସ୍‌ଏଲ୍‌ଭି-ଏଫ୍୧୭ ହେଉଛି ଇସ୍ରୋର ଭୂସମକାଳୀନ ଉପଗ୍ରହ ଉତ୍କ୍ଷେପଣ ଯାନ ପରିବାରର ଏକ ରକେଟ୍। ଭାରୀ ଉପଗ୍ରହକୁ ଉଚ୍ଚ ଶକ୍ତିର କକ୍ଷରେ ସ୍ଥାପିତ କରିବା ପାଇଁ ଏହି ଶ୍ରେଣୀର ରକେଟ୍ ବ୍ୟବହାର କରାଯାଏ। ଏହି ମିଶନରେ ପ୍ରାୟ ୪ ମିଟର ବ୍ୟାସର ଓଗିଭ୍ ଆକୃତିର ସଂଯୁକ୍ତ ପେଲୋଡ୍ ଫେୟାରିଂ ବ୍ୟବହାର କରାଯାଇଛି। ଉତ୍କ୍ଷେପଣର ପ୍ରାରମ୍ଭିକ ପର୍ଯ୍ୟାୟରେ ବାୟୁମଣ୍ଡଳୀୟ ପ୍ରଭାବରୁ ଉପଗ୍ରହକୁ ସୁରକ୍ଷା ଦେବାରେ ଏହା ସାହାଯ୍ୟ କରେ। ଏହି ମିଶନ ଜିଏସ୍‌ଏଲ୍‌ଭିର ୧୯ତମ ଉତ୍କ୍ଷେପଣ ଭାବେ ମଧ୍ୟ ଗୁରୁତ୍ୱ ବହନ କରୁଛି। ଏହା ଦ୍ୱାରା କୃଷିଠାରୁ ବିପର୍ଯ୍ୟୟ ପରିଚାଳନା—ବହୁ କ୍ଷେତ୍ରରେ ଲାଭ ମିଳିବ। ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ପୃଥିବୀର ଭୂପୃଷ୍ଠ ଓ ବାୟୁମଣ୍ଡଳ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରେ। 'ଇଓଏସ୍-୦୫'ରୁ ମିଳୁଥିବା ତଥ୍ୟ ଭାରତର ବିଭିନ୍ନ ଉନ୍ନୟନ ଓ ପରିଚାଳନା କାର୍ଯ୍ୟରେ ଉପଯୋଗ ହୋଇପାରେ। ବନ୍ୟା, ଘୂର୍ଣ୍ଣିବାତ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହର ତଥ୍ୟ ବହୁତ ମୂଲ୍ୟବାନ ହୋଇଥାଏ। ପ୍ରଭାବିତ ଅଞ୍ଚଳର ଚିତ୍ର ଓ ତଥ୍ୟ ମାଧ୍ୟମରେ କ୍ଷୟକ୍ଷତିର ଆକଳନ କରିବା ସହିତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ଯୋଜନା କରାଯାଇପାରେ। ସେହିପରି କୃଷି କ୍ଷେତ୍ରରେ ଫସଲର ସ୍ଥିତି, ଜଳ ଉପଲବ୍ଧତା ଓ ଜମିର ପରିବର୍ତ୍ତନ ସମ୍ପର୍କରେ ତଥ୍ୟ ମିଳିପାରିବ। ଜଙ୍ଗଲ ଓ ପରିବେଶରେ ଘଟୁଥିବା ପରିବର୍ତ୍ତନକୁ ମଧ୍ୟ ନିୟମିତ ଭାବେ ନଜରରେ ରଖାଯାଇପାରିବ। 'ଇଓଏସ୍-୦୫' ମିଶନ ଭାରତର ଦୂରସମ୍ବେଦନ ଓ ପୃଥିବୀ ପର୍ଯ୍ୟବେକ୍ଷଣ କ୍ଷମତାକୁ ଆହୁରି ମଜବୁତ କରିବ। ଭୂସମକାଳୀନ କକ୍ଷକୁ ପୃଥିବୀର ଚିତ୍ର ଉତ୍ତୋଳନ କାର୍ଯ୍ୟରେ ବ୍ୟବହାର କରିବା ଦିଗରେ ଏହି ମିଶନ ଏକ ନୂଆ ପ୍ରଯୁକ୍ତିଗତ ପଦକ୍ଷେପ ବୋଲି ମନେ କରାଯାଉଛି। ଉପଭୂସମକାଳୀନ ସ୍ଥାନାନ୍ତରଣ କକ୍ଷରେ ସ୍ଥାପନ ପରେ ଉପଗ୍ରହକୁ ଆବଶ୍ୟକ କକ୍ଷପଥ ପରିବର୍ତ୍ତନ ମାଧ୍ୟମରେ ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷମ କକ୍ଷକୁ ନିଆଯାଇପାରିବ। ଜିଏସ୍‌ଏଲ୍‌ଭି-ଏଫ୍୧୭ ମାଧ୍ୟମରେ 'ଇଓଏସ୍-୦୫'ର ସଫଳ ଉତ୍କ୍ଷେପଣ ଭାରତର ମହାକାଶ ଓ ପୃଥିବୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ। କୃଷି, ପରିବେଶ, ଜଳସମ୍ପଦ, ବିପର୍ଯ୍ୟୟ ପରିଚାଳନା ଓ ଯୋଜନା ପ୍ରସ୍ତୁତି ଭଳି କ୍ଷେତ୍ରରେ ଏହାର ତଥ୍ୟ ଭାରତର କ୍ଷମତାକୁ ଆହୁରି ବଢ଼ାଇପାରେ।

### ବର୍ଷାରେ ବୁଡ଼ିଲା...

ଏହାପରେ ବର୍ଷା ଜଳ ଟର୍ମିନାଲ୍-୨ ଓ ୩ ଭିତରକୁ ପ୍ରବେଶ କରିଥିଲା। ପରେ ସେହି ପାଣି ଗୁଡ଼ିକୁ ବାହାର କରାଯାଇଥିଲେ ଦେଶର ସବୁଠୁ ପ୍ରମୁଖ ବିମାନବନ୍ଦରର ଏପରି ଦୁର୍ଦ୍ଦଶା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ବିମାନବନ୍ଦର ପରିଚାଳନା କରୁଥିବା ସଂସ୍ଥା ଡିଆଇଏଲ୍ ଏକ୍ସରେ ଶୁକ୍ରବାର ବର୍ଷା ଯୋଗୁଁ ପ୍ରବେଶ ପଥ ଏବଂ ସମ୍ମୁଖ ଭାଗରେ ପାଣି ଜମି ଯାଇଥିବା ସୂଚନା ଦେଇଛି। ବିମାନବନ୍ଦରର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଅପରାହ୍ଣ ପାଗ ଖରାପ ହେବା କାରଣରୁ ଅନ୍ତତଃ ୯ଟି ବିମାନକୁ ଅନ୍ୟତ୍ର ଅବତରଣ କରାଯାଇଛି। ଏଥିମଧ୍ୟରୁ ୪ଟି ବିମାନକୁ ଜୟପୁର ଓ ଲକ୍ଷ୍ନୌ ଏବଂ ଗୋଟିଏ ବିମାନକୁ ଅହମ୍ମଦାବାଦ ଅଭିମୁଖେ ପଠାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଆଇଜିଆଇ ବିମାନବନ୍ଦରରେ ଦୈନିକ ୧,୩୦୦ ରୁ ଅଧିକ ବିମାନ ଚଳାଚଳ କରିଥାଏ। ଦେଶର ସବୁଠାରୁ ବ୍ୟସ୍ତବହୁଳ ବିମାନବନ୍ଦର ଏଭଳି ପରିସ୍ଥିତି ମାମଲାର ଗୁରୁତ୍ୱକୁ ବର୍ଣ୍ଣନା କରୁଛି। ସେପଟେ ଶୁକ୍ରବାର ଦିନ ସାରା ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ହୋଇଛି।

### କୃଷକଙ୍କ ସମୃଦ୍ଧି...

ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି। ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଚାଷୀଙ୍କ ଆୟ ଦୁଇଗୁଣ କରିବ। ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ।

ସେ ପୁଣି କହିଛନ୍ତି ଯେ ୨୦୨୫-୨୬ ଖରିଫ ଋତୁରେ ୧୮.୮୪ ଲକ୍ଷ ଚାଷୀଙ୍କଠାରୁ ୭୭.୪୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସବସିଡି ବାବଦକୁ ରେକର୍ଡ ୫,୬୭୩.୮୪ କୋଟି ଟଙ୍କା ଏବଂ ରବି ଋତୁରେ ୩.୬୩ ଲକ୍ଷ ଚାଷୀଙ୍କୁ ୧,୪୯୪.୮୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ "କୃଷି ବିଦ୍ୟାନିଧି ଯୋଜନା'ରେ ୨୦୨୫-୨୬ ଶିକ୍ଷା ବର୍ଷରେ ରେକର୍ଡ ସଂଖ୍ୟକ ୬୮,୯୧୦ ଜଣ ହିତାଧିକାରୀଙ୍କ ସନ୍ତାନଙ୍କୁ ୨୯୧.୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଗତବର୍ଷ ରାଜ୍ୟରେ ୪,୮୮୬ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି। ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତ୍ତିକା କ୍ଷୟ ଭଳି ଗମ୍ଭୀର ସମସ୍ୟା କୃଷି ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଜୈବିକ ଚାଷ, ମାଣ୍ଡିଆ ଚାଷ ଏବଂ ପୁନରୁଦ୍ଧାରକାରୀ କୃଷିକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଉଛି। ଏହି ସମସ୍ତ ସଫଳତା ଏବଂ ଐତିହାସିକ ଉପଲବ୍ଧି ପାଇଁ ସେ ରାଜ୍ୟର ସମସ୍ତ କୃଷକମାନଙ୍କ ଧନ୍ୟବାଦ ଜଣାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବନ୍ୟା ପ୍ରପୀଡିତ ଚାଷୀଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯିବା କଥା କହିଛନ୍ତି। କୌଣସି ବି ଯୋଗ୍ୟ ହିତାଧିକାରୀ ଏହି ପ୍ରକ୍ରିୟାରେ ସହାୟତା ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି। ଏଥିସହ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଯିଏ କି ଚାଷୀମାନଙ୍କୁ ସବୁଠାରୁ ଅଧିକ ସବସିଡି ପ୍ରଦାନ କରୁଛି। ଚାଷୀମାନଙ୍କ ଆର୍ଥିକ ଅବସ୍ଥାର ପୁନରୁଦ୍ଧାର ଏବଂ ସେମାନଙ୍କୁ କୃଷି କାର୍ଯ୍ୟ ପାଇଁ ସମସ୍ତ ଅନୁକୂଳ ପରିବେଶ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏତଦ୍‌ବ୍ୟତୀତ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

**Government of Odisha**
**Office of the Superintending Engineer**
**Rural Works Division-II, Nabarangpur, Umarkot.**
e-mail: eerwukt@gmail.com & eerwukt@ymail.com
25001/1074/2627

Letter No. 3283 — Date: 29-08-2026

**GePNIC e-Procurement Notice**

| | | | |
|---|---|---|---|
| 1 | Name of the work | :- | Road Works |
| 2 | Total No of works | :- | 09 (Nine) Nos. |
| 3 | Approx. Estimated Cost | :- | Varies from 52.88 Lakhs to 81.69 Lakhs. |
| 4 | Class of Contractor | :- | "B" Class of Contractor |
| 5 | Period of Completion | :- | As per TCN |

| Procurement officer | Bid Identification No. | Availability of tender online for bidding: From | Availability of tender online for bidding: To | Last Date & Time of Seeking Tender Clarification | Date & Timing of Opening of Tender: Technical Bid | Date & Timing of Opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Nabarangpur, Umarkot. | Online Tender/05/ RWD-UKT /2026-27 | 07.09.2026 at 11.00 AM | 17.09.2026 up to 5.00 PM | 17.09.2026 at 01.00 PM | 18.09.2026 at 11:00 AM | To be intimated separately |

Further details can be seen from the Government website www.tendersodisha.gov.in

Sd/-
Superintending Engineer
Rural Works Division-II
Nabarangpur, Umarkot

OIPR-25001/25103/1/26-27/0006

**WATCO** 13001/1741/2627
**OFFICE OF THE GENERAL MANAGER,**
**WATCO DIVISION-I, BHUBANESWAR,**
Vanivihar Square, Bhubaneswar-751022,
Odisha, India
Telefax: +91-674-2542821 E-mail – gmdivonewatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**GMWATCO-I/44/ 2026-27 Dt.29.08.2026**

| | | | |
|---|---|---|---|
| 01 | Name of the work | : | 04 Nos. of Work |
| 02 | Estimate cost | : | Rs. 34.50 Lakh to 80.11 Lakhs |
| 03 | Period of completion | : | 24 Months |
| 04 | Class of contractor | : | "C & B" Class |
| 05 | Date & Time of availability of bid document in the portal | : | From 11.00 AM of Dt.09.09.2026 to 5.00 PM of 23.09.2026 |
| 06 | Last date / time of receipt of bids in the portal | : | 5.00 PM of 23.09.2026 |
| 07 | Date & Time of opening of bids | : | At 12.30 PM of 24.09.2026 |
| 08 | Name and Address of the Officer Inviting Bid | : | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"

OIPR-13001/13083/1/26-27/0002
**GENERAL MANAGER, WATCO DIVISION-I, BHUBANESWAR**

**OFFICE OF THE SUPERINTENDING ENGINEER,**
**KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
34001/730/2627
**Tender Call Notice**
**Bid Identification No. S.E.-KHD-(R&B)-13/2026-27**

Letter No. 4469 — dtd. 29/08/2026

The Superintending Engineer, Khordha (R&B) Division, Khordha on behalf of Governor of Odisha invites Percentage Rate bids in Single Cover System from valid Empanelled Fire licensed agency of class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO or MV/HT above having valid license from ELBO conforming with DTCN registered with the State Governments and contractors of equivalent Grade / Class registeted with Central Government / MES / Railways for execution of the E.I Work. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : Electrical Works
2. No of Work : 4 Nos.
3. Tender Cost : Sl.No. 01 & 03 Rs. 6000.00 (Online); Sl.No. 02 Rs. 2000.00 (Online); Sl.No. 04 Rs. 4000.00 (Online)
4. Class of Contractor : Sl.No. 01 to 02 - Empanelled Fire licensed agency of class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO. Sl.No 03 & 04- MV/HT/ above having valid license from ELBO
5. Available of Bid documents in the web site. : From **Dt. 05.09.2026 at 10.30 A.M to Dt. 17.09.2026 at 5.00 PM**
6. Date of opening of Bids : **Dt. 18.09.2026 at 11.00 AM**
7. Bidders have to participate in ONLINE bidding only. Further details can be seen from the Website: https://tendersodisha.gov.in . Any information regarding Addendum / Corrigendum / cancellation of tender can be available in the said website.

Superintending Engineer
Khordha (R&B) Division, Khordha

OIPR-34001/34095/1/26-27/0013

**CERTIFICATE LOST**

I, **Lipsa Panda,** D/o Dusmanta Kumar Panda, resident of Vill/PO-Mundeilo, PS- Parjang, Dist-Dhenkanal, Odisha, student of Post Graduate, Department of Sanskrit, Ravenshaw University, Cuttack, **Roll No. 18MSN-058, Year of Passing-2022**, hereby inform that my original Transfer-cum-Conduct Certificate has been destroyed by white ants and is untraceable despite thorough search. I have applied for duplicate certificate. Affidavit No. 998, dated- 01.09.2026 before The Executive Magistrate, Parjang.
**Lipsa Panda**

**LOST**

I, **Manoj Rajuka** do hereby declare that, the original Money Receipt issued by **WESCO** Utility towards Security Deposit of **₹18,52,340/-** in the name of **RADHA GOPI RICE MILL, BISRA** has been lost / misplaced. If the original money receipt is found in future, **RADHA GOPI RICE MILL** shall have no claim for refund of the said security deposit on the basis of original receipt.
**Sd/- Manoj Rajuka**
**Partner RADHA GOPI RICE MILL, Bisra**

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, dated 01.09.2026, I, SANJAY AGRAWAL, At-Khetrajpur, PO/PS-Khetrajpur, Dist.- Sambalpur declare that my correct name is SANJAY AGRAWAL, but my name has been wrongly recorded as SANJAYA AGRAWAL in the Birth Certificate of my son SABHYA AGRAWAL. I further declare that SANJAY AGRAWAL and SANJAYA AGRAWAL refer to one and the same person, i.e. myself. Henceforth, I shall be known as **SANJAY AGRAWAL** for all purposes.
**Sd/- SANJAY AGRAWAL**

**AFFIDAVIT**

ପ୍ରମିଳା ଭୋଇ, ସ୍ୱାମୀ ସ୍ୱର୍ଗତ ମନୋଜ ଭୋଇ, ବେରବୋଇ, ଡେଲାଙ୍ଗ, ପୁରୀ, ଡେଲାଙ୍ଗ ଏକଜ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତରେ ତା.13.07.2026 ସତ୍ୟପାଠ କ୍ରମେ ତାଙ୍କ ପୁଅର ନାମ ଜନ୍ମ ପ୍ରମାଣ ପତ୍ର ଓ ବାସିନ୍ଦା ପ୍ରମାଣପତ୍ରରେ ବଣ୍ଟି ଭୋଇ (Banti Bhoi) ବୋଲି ଉଲ୍ଲେଖ ରହିଥିଲା ବେଳେ ଆଧାର କାର୍ଡ ନଂ 4515 6323 6696 ରେ ଭୁଲକ୍ରମେ ବାଦଲ ବେହେରା ଉଲ୍ଲେଖ ରହିଛି। ବଣ୍ଟି ଭୋଇ ଓ ବାଦଲ ବେହେରା ଜଣେ ବ୍ୟକ୍ତି ହୋଇଥିବାରୁ ସେ ବଣ୍ଟି ଭୋଇ ଭାବେ ସବୁ ସ୍ତରରେ ପରିଚିତ ହେବେ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 03.09.2026, I, K. VAJARAM, At/PO-Palanga, P.S.-Rambha, Dist.-Ganjam, PIN-761028, declare that I have changed my name from K. AJARAM DORA to K. VAJARAM. Henceforth, I shall be known as **K. VAJARAM** for all purposes
**Sd/- K. VAJARAM**

**AFFIDAVIT**

By virtue of an Affidavit sworn before Executive Magistrate, Balasore on dt. 02.09.2026, Sl No.-6797 I, **Mrutunjay Jena,** S/o Prasanna Kumar Jena, At./Po. Chhanua, P.S. Basta, Dist. Balasore 756027, declare that I have change my name from **Mrutyunjay Jena & Mrutyunjaya Jena to MRUTUNJAY JENA.** Henceforth, I shall be known as **Mrutunjay Jena** for all purposes.

**AFFIDAVIT**

By virtue of an affidavit before the Executive Magistrate, Bargarh vide no. 1326, dtd.21.11.2025, I, Binodini Padhan, W/o-Late Gunian Padhan, R/o-Vill./Po.- Kadobahal, Ps./Tah.- Attabira, Dist.- Bargarh, Odisha state that, before marriage I was known as **Binodini Sahu**, D/o-Haribandhu Sahu. After marriage to Gunian Padhan I known as **Binodini Padhan**. Hence **Binodini Padhan** and **Binodini Sahu** is same and one person.

**AFFIDAVIT**

By virtue of an affidavit sworn before the Executive Magistrate, Sohela vide CF no. 02, dtd.03.09.2026, I, Bharati Meher, W/o- Bhuja Pandey, R/o- Vill.: Budamal, Po.- Kangaon, Ps.- Sohela, Dist.- Bargarh, Pin- 768033 state that, I have changed my name from **Bharati Pandey** to **Bharati Meher**. Henceforth I shall be known as **Bharati Meher** for all future purposes.

ସକାଳ THE SAKALA



# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ଖଇରା, ୪।୯ (ସମିସ):** ଖଇରା ବ୍ଲକ୍ ନଦ୍ଦୂରୁ ପଞ୍ଚାୟତ ଶୁଙ୍ଗୁଡ଼ା ଗ୍ରାମରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି। ମୃତକ ହେଲେ ଗ୍ରାମର ଉମାକାନ୍ତ ଶଙ୍ଖୁଆଙ୍କ ପୁଅ ସୁଦର୍ଶନ ଶଙ୍ଖୁଆ । ଏହି ଦୁଃଖଦ ଖବର ପାଇବା ପରେ ଯୁବ ନେତା ଡାକ୍ତର ନୀଳମାଧବ ପଣ୍ଡା ସୁଦର୍ଶନଙ୍କ ଶୁଙ୍ଗୁଡ଼ାସ୍ଥିତ ବାସଭବନରେ ପହଞ୍ଚିଥିଲେ। ସେଠାରେ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ, ଗଭୀର ସମବେଦନା ପ୍ରକାଶ କରିବା ସହ ଧୈର୍ଯ୍ୟ ଧରିବାକୁ ଆଶ୍ୱାସନା ଦେଇଥିଲେ। ଏଥିସହିତ ସ୍ୱର୍ଗତ ସୁଦର୍ଶନଙ୍କ ଆଦାର ସଦଗତି କାମନା କରିଥିଲେ। ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଏବଂ ଶୁଙ୍ଗୁଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସରକାରୀ ନିୟମାନୁସାରେ ମୃତକଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ସମାଜସେବୀ ଦାବି କରିଛନ୍ତି। ଏଥିରେ ନଦ୍ଦୁରୁ ପଂଚାୟତର ଯୁବନେତା ବୈକୁଣ୍ଠ ସାମଲ, ସୁରେନ୍ଦ୍ର ନାୟକ ଓ ତ୍ରୈଲୋକ ଓଝା ଉପସ୍ଥିତ ଥିଲେ।

## ଦୁର୍ଗାପୁର ଗ୍ରାମକୁ ରାସ୍ତା ନାହିଁ

# ଗ୍ରାମବାସୀଙ୍କ ପଞ୍ଚାୟତ ଭୋଟ ବର୍ଜନ ଚେତାବନୀ

**ଖଇରା, ୪।୯ (ସମିସ)**

ଖଇରା ବ୍ଲକ ମାଖନପୁର ପଞ୍ଚାୟତର ଦୁର୍ଗାପୁର ଗାଁ ଏବେ ସମସ୍ୟା ଘେରରେ ଉବୁଟୁବୁ । ସାମାନ୍ୟ ବର୍ଷା ଗ୍ରାମବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। କେମିତି ଗାଡି ଖଣ୍ଡେ ଧରି ପାଣି କାଦୁଅ ଭର୍ତ୍ତି ରାସ୍ତା ଏବଂ ବିପଦସଂକୁଳ ପୋଲ ଦେଇ ବାହାରକୁ ବାହାରିବେ,ନିଜ ପିଲାମାନଙ୍କୁ କିଭଳି ଅଙ୍ଗନବାଡି, ହାଇସ୍କୁଲ ଓ ୟୁପି ସ୍କୁଲରେ ପହଞ୍ଚାଇବେ ତାକୁ ନେଇ ଚିନ୍ତାଗ୍ରସ୍ତ ହୋଇ ପଡନ୍ତି।

ନିର୍ବାଚନ ମଣ୍ଡଳୀସ୍ତରୀୟ ସମସ୍ତ ନେତାଙ୍କୁ ସେମାନେ ଗୁହାରି କରଛନ୍ତି। ବ୍ଲକ ଠାରୁ ଆରମ୍ଭ କରି ଜିଲାସ୍ତରର ସର୍ବୋଚ୍ଚ ଅଧିକାରୀ ଜିଲାପାଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରିସାରିବା ପରେ ବି ରାସ୍ତା କି ପୋଲ ନିର୍ମାଣ ହୋଇ ପାରିନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ଓ ପୋଲ ନିର୍ମାଣ କରାନଗଲେ ସମୂହ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ବାଧ ହେବେ ବୋଲି ଗ୍ରାମର ବିଦ୍ୟାଧର ବେହେରା ପ୍ରଦୀପ ବେହେରା, ଅନାଦି ଚରଣ ସାହୁ, ଗୌରାଙ୍ଗ ବାରିକ, ବାବାଜି ବାରିକ ଓ ପଙ୍କଜ ପାଣିଗ୍ରାହୀ ପ୍ରମୁଖ ଚେତାବନୀ ଦେଇଛନ୍ତି।




ଉକ୍ତ ଗ୍ରାମର ଲୋକସଂଖ୍ୟା ପାଖାପାଖି ୧ ହଜାର ୫ଶହ। ତରାଙ୍ଗ ମୁଖ୍ୟଛକରୁ ଦୂର୍ଗାପୁର ଗାଁର ଦୂରତା ପ୍ରାୟ ୧କିମି। ଏହି ରାସ୍ତା ଦେଇ କେବଳ ଦୁର୍ଗାପୁର ନୁହେଁ ରଫାୟାତପୁର, ଜହ୍ନିଆପଦା, ଭାଟପଡା, ରାଇପଡା ଗ୍ରାମର ଅଧିବାସୀ ତଥା ଟ୍ରେନ ଧରିବାକୁ ମାର୍କୋଣା ଷ୍ଟେସନ ଉପରେ ନିର୍ଭର କରିଥାନ୍ତି । ଏହାଛଡା ଗାଁରେ ଅଙ୍ଗନୱାଡି ନଥିବାରୁ ଛୋଟ ଛୋଟ ପିଲା ମାନେ ୨କିମି ଦୁର କାଶିନ୍ଦିପୁର ଗ୍ରାମ ଅଙ୍ଗନବାଡି ଏବଂ ହାଇସ୍କୁଲରେ ପଢୁଥିବା ଛାତ୍ରୀଛାତ୍ର ମାଖନପୁର ଏବଂ ତରାଙ୍ଗ ହାଇସ୍କୁଲ ଉପରେ ନିର୍ଭର କରିଥାନ୍ତି । ନିଜଗାଁରେ ଭୋଟଦାନ କେନ୍ଦ୍ର ନଥିବାରୁ ଭୋଟ ଦେବାକୁ ପଡୋଶୀ କାଶିନ୍ଦିପୁର ଯାଇଥାନ୍ତି। ଏଣୁ ସବୁ କାମରେ ବାହାରକୁ ଯିବାକୁ ପଡୁଥିବା ବେଳେ ଏକମାତ୍ର ସାହାରା ଭାବେ ପାଣିକାଦୁଅ ପରିପୂର୍ଣ୍ଣ ରାସ୍ତା ଏବଂ ରାସ୍ତା ସଂଲଗ୍ନ ନାଳ ଉପରେ ବିପଦ ସଂକୁଳ ପୋଲ ପ୍ରତିମୁହୂର୍ତ୍ତରେ ଯାତ୍ରୀଙ୍କୁ ଯମଯନ୍ତ୍ରଣା ଦେଉଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ସବୁ ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ରହିବା ଗ୍ରାମବାସୀଙ୍କ ପାଇଁ ଅଭିଶାପ ବୋଲି ତରାଙ୍ଗ ରାମକୃଷ୍ଣ ସେବାଶ୍ରମର ପ୍ରତିଷ୍ଠାତା ମଣିଭଦ୍ର ବେହେରା କହିଛନ୍ତି। ରାସ୍ତା ସମ୍ପର୍କରେ ଖଇରା ବିଡିଓ ନାରାୟଣ ସାହୁଙ୍କ ସହ ଯୋଗଯୋଗ କରିବାରେ ସେ ଯନ୍ତ୍ରୀଙ୍କୁ ପଠାଇ ରାସ୍ତା ଓ ପୋଲ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

## ଆସୁଛନ୍ତି ବିଘ୍ନରାଜ

# ଏକାଦଶ ବର୍ଷରେ ବ୍ଲାକହକ୍ ମାନିଆ ବଏଜ୍

**ବାଲେଶ୍ୱର, ୪।୯ (ସମିସ):** ଗଣେଶ ପୂଜା ପାଇଁ ସହରରେ ବିଭିନ୍ନ କ୍ଲବ ପକ୍ଷରୁ ତୋରଣ ଓ ମୂର୍ତ୍ତି ତିଆରି କାମ ଆରମ୍ଭ ହୋଇଛି। ସହରର କନଭେଣ୍ଟ ସ୍କୁଲ ନିକଟସ୍ଥ କ୍ଲବ ବ୍ଲାକହକ୍ ମାନିଆ ବଏଜ୍ ଚଳିତ ବର୍ଷ ନିଆରା ଢଙ୍ଗରେ ଏକାଦଶ ବର୍ଷ ଗଣେଶ ପୂଜା ପାଳନ କରିବ। କ୍ଲବ ପକ୍ଷରୁ ବଜେଟ୍ ଓ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୦୧୬ ମସିହାରୁ ଏହି କ୍ଲବ ପ୍ରତିବର୍ଷ ଗଣେଶ ପୂଜା କରି ଆସୁଛି। ଚଳିତ ବର୍ଷ ୧୪ ଫୁଟ୍ ଉଚ୍ଚର ବାଲ ଗଣେଶ ଅବତାରରେ ଗଜାନନଙ୍କ ମୂର୍ତ୍ତି ନୂଆ ଶୈଳୀରେ ପ୍ରସ୍ତୁତ ହେଉଛି। ଜଣେ ମୁଖ୍ୟ ଶିଳ୍ପୀଙ୍କ ନିର୍ଦ୍ଦେଶରେ ୫ ଜଣ କାରିଗର ମୂର୍ତ୍ତି ନିର୍ମାଣ କରୁଛନ୍ତି। ଏଥର ପୂଜାର ମୁଖ୍ୟ ଆକର୍ଷଣ ହେବ ସାଜସଜ୍ଜା ଓ ଆଲୋକମାଳା। କ୍ଲବର ୫୦ ରୁ ଅଧିକ ସଦସ୍ୟଙ୍କ ସହଯୋଗରେ ପୂଜା ଆୟୋଜନ ହେଉଛି। ପୂଜା ସମୟରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ପ୍ରତିବର୍ଷ ଶାନ୍ତି ଶୃଙ୍ଖଳା ସହ ପୂଜା ଓ ବିସର୍ଜନ କରାଯାଏ ବୋଲି କ୍ଲବ ସଭାପତି ସୂଚନା ଦେଇଛନ୍ତି।



## ପୋଡ଼ିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

# ପାଣି ପାଇଁ ଡହଳବିକଳ ୨ ଶହ ପରିବାର

**ଜଳେଶ୍ୱର ବ୍ଲକ, ୪।୯ (ସମିସ):** ଜଳେଶ୍ୱର ବ୍ଲକ୍ ଅଧୀନ ଓଲମରା ପଞ୍ଚାୟତଅଫିସ ନିକଟସ୍ଥ ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ ସବ୍ ଷ୍ଟେସନ୍ର ଟ୍ରାନ୍ସଫର୍ମରଟି ନିଆଁଲାଗି ପୋଡ଼ିଯାଇଛି। ଫଳରେ ଗୋପାଳପୁର ଗାଁର ୨ ଶହରୁ ଅଧିକ ପରିବାର ପିଇବା ପାଣି ପାଇଁ ସମସ୍ୟାରେ ପଡ଼ିଛନ୍ତି। ଏହି ଟ୍ରାନ୍ସଫର୍ମରଟି ୬ ମାସ ତଳେ ମଧ୍ୟ ପୋଡ଼ି ଯାଇଥିଲା । ତେବେ ବିଦ୍ୟୁତ ବିଭାଗ ନୂତନ ଟ୍ରାନ୍ସଫର୍ମର ଲଗାଇବାରେ ବିଳମ୍ବ କରିବାରୁ ଗ୍ରାମବାସୀଙ୍କ ବିରୋଧ ପରେ ଅନ୍ୟ ଏକ ଟ୍ରାନ୍ସଫର୍ମରରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ଏଥିସହ ଗତ ୨୯ ତାରିଖରେ ୬ ମାସ ଧରି ଅଚଳ ଥିବା ଉକ୍ତ ସବ୍ ଷ୍ଟେସନ୍ରେ ନୂଆ ଟ୍ରାନ୍ସଫର୍ମର ଲଗାଯାଇଥିଲା । ଗତକାଲି ଅପରାହ୍ନରେ ନୂଆ ଟ୍ରାନ୍ସଫର୍ମରରେ ନିଆଁ ଜଳୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କିଛି ମିନିଟ୍ ମଧ୍ୟରେ ଏକ ବିସ୍ଫୋରଣ ହୋଇ ଟ୍ରାନ୍ସଫର୍ମରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଫଳରେ ଗୋପାଳପୁର ଗାଁର ଦୁଇ ଶହ ପରିବାରକୁ ପାନୀୟ ଜଳ ଯୋଗାଣ ପାଇଁ ଉଦ୍ଦିଷ୍ଟ ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ଛିନ୍ନ ହୋଇଯାଇଛି। ଗାଁ ଲୋକେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏ ନେଇ ଯୁବନେତା ରାସବିହାରୀ ରଣା ହାତୀଗଡ଼ସ୍ଥିତ ବିଦ୍ୟୁତ ସେକ୍ସନ ଅଫିସକୁ ଜଣାଇବା ସହ ଅବିଳମ୍ବେ ନୂଆ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଦାବି କରିଛନ୍ତି।

# ପେନ୍ସନ୍ଧାରୀଙ୍କ ବୈଠକ



**ଚନ୍ଦନେଶ୍ୱର, ୪।୯ (ସମିସ):** ଭୋଗରାଇ ପେନସନ ଭୋକ୍ତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଶଙ୍ଖାରି ମନ୍ମଥମନୋଜ ସ୍ମାରକୀ ପରିସର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଦାସ ପୌରୋହିତ୍ୟ କରିଥିଲେ। ଶିକ୍ଷକ ନେତା ଗୋପବନ୍ଧୁ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେବାକୁ ଯାଇ ପେନସନ ନିର୍ଦ୍ଧାରଣରେ ବୈଷମ୍ୟ ତଥା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ପେନସନଧାରୀ ମାନଙ୍କ ଦାବି କିପରି ସରକାରଙ୍କ ପାଖରେ ପ୍ରସ୍ତାବିତ କରାଯିବ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ରାଧା ବିନୋଦ ଦାସ, ଶ୍ରୀପତି ସାଁ, ଡ. ଅନନ୍ତ ମହାନ୍ତି, ପ୍ରାଣକୃଷ୍ଣ ଦାସ, ଅରୁଣ କୁମାର ଗିରି, ରବୀନ୍ଦ୍ର ପ୍ରଧାନ, ବିପିନ ଜେନା, ଗିରିଧାରୀ ମଣ୍ଡଳ, ହରିହର ମଣ୍ଡଳ, ଯତୀନ୍ଦ୍ର ପାତ୍ର, ସୁଶାନ୍ତ ଭଞ୍ଜ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ରଖିଥିଲେ। ଶେଷରେ ଦୀପକ ଜେନା ଧନ୍ୟବାଦ ଦେଇଥିଲେ।

# ବନ୍ୟା ଗୋଖାଦ୍ୟ ବଣ୍ଟନରେ ପକ୍ଷପାତିତା ଅଭିଯୋଗ



**ଜଳେଶ୍ୱର, ୪।୯ (ସମିସ) :** ଚଳିତ ବର୍ଷ ସୁବର୍ଣ୍ଣରେଖା ବନ୍ୟାରେ ରିଲିଫ୍ ସାମଗ୍ରୀ ବଣ୍ଟନରେ ବାଦ ବିବାଦ ଦେଖିବାକୁ ମିଳୁଛି। ଜଳେଶ୍ୱର ବ୍ଲକ ପାଇକସିଦା ପଞ୍ଚାୟତକୁ ଆସିଥିବା ୧୧୮ ବସ୍ତା ଗୋଖାଦ୍ୟ ବଣ୍ଟନରେ ପକ୍ଷପାତିତା ଅଭିଯୋଗ ହୋଇଛି। ଅନ୍ୟ ଗ୍ରାମ ତୁଳନାରେ ପାଇକସୁଦା ଗାଁର ୩ଟି ୱାଡର୍କୁ ଅପେକ୍ଷାକୃତ କମ୍ ଗୋଖାଦ୍ୟ ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ଶୁକ୍ରବାର ପଶୁ ନୀରିକ୍ଷକ ଅଧିକାରୀ ସତ୍ରୁଘ୍ନ ସିଂ, ରାଜେନ୍ଦ୍ର ହାଁସଦା, ଦିବ୍ୟାଶ୍ରୀ ମାରେଣ୍ଡି, ନିମାଇଁ ମୁର୍ମୁ ପ୍ରମୁଖ ପଞ୍ଚାୟତ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ପାଇକସିଦା ଗ୍ରାମବାସୀ ବିଜୟ କୁମାର ପରିଡ଼ା, ଭାଗବତ ମାଝି, ହରିହର ପଢିଆରୀ, ଗୋପାଳ ମାଝି, ଜୟ ଶଙ୍କର ମହାନ୍ତି, ଖଗେନ୍ଦ୍ର ପରିଡ଼ା, ସୁଜୟ ପରିଡ଼ା, ଶିବ ବାଗ, ସତ୍ୟବ୍ରତ ନାୟକ, ସୁଜୟ କୁମାର ପରିଡ଼ା,ଯୋଗନ୍ଦ୍ର ପରିଡ଼ା, ସନ୍ୟାସୀ ପରିଡ଼ା,ବେଣୁଧର ମୁଖୀ, ଜଗନ୍ନାଥ ଜେନା, ସୃଷ୍ଟି ଧର ମୁଖୀ, ବଙ୍କିମ ଚନ୍ଦ୍ର ବାଗ,ରବୀନ୍ଦ୍ର ମାଝି, ଝାଡେଶ୍ୱର ମାଝି,ଗୌର ଗୋପାଳ ମାଝି,ଦାମୋଦର ମାଝି, ସୁଶାନ୍ତ ମାଝି, ରଙ୍ଗବତୀ ଜେନା, ସୁକାନ୍ତି ମାଝି, ସପନ ମାଝି ପ୍ରମୁଖ ଗୋ ପାଳକ ସରପଞ୍ଚ ଓ ସରକାରୀ ଅଫିସରଙ୍କ ଉପରେ ଅସନ୍ତୋଷ ହୋଇ ଅଧିକ ଗୋଖାଦ୍ୟ ଦେବାକୁ ଦାବି କରିଥିଲେ। କେଉଁ ଆଧାରରେ ବଣ୍ଟନ ହେଉଛି ଏବଂ ତାଙ୍କ ଅଗୋଚରରେ କେତେକଙ୍କୁ ଗୋଖାଦ୍ୟ ବିତରଣ ହୋଇଥିବା ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ସରସ୍ୱତୀ ସେଠୀଙ୍କୁ ପଚାରିବାରୁ ୭ଟି ଗ୍ରାମ ମଧ୍ୟରେ କେଶପୁରା ୩୫, ପାଇକସୁଦା ୨୨,ବାଲିକବାର୍ଡ ୧୧, ତାଳ ଗୋଝିଆ ୫, ଖଳାବାଡିଆ ୯, ଉତ୍ତର ପଡା ୨୨, ଚିତ ମିଶ୍ରା ଗାଁକୁ ୧୪ ବସ୍ତା ଗୋଖାଦ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ସରକାରୀ ଅଫିସରଙ୍କ ଉପସ୍ଥିତରେ ଏବଂ ୱାର୍ଡ ସଭ୍ୟଙ୍କ ସହଯୋଗରେ ଚାରା ବଣ୍ଟନ ହୋଇଥିବା କହିଛନ୍ତି।

# ଫକୀରମୋହନ ମେଡିକାଲ୍ କଲେଜରେ ଡାକ୍ତରୀ ଶିକ୍ଷାରମ୍ଭ ଦିବସ

**ବାଲେଶ୍ୱର, ୪।୯ (ସମିସ):** ବାଲେଶ୍ୱର ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବର୍ଷଭଳି ଚଳିତବର୍ଷ ଡାକ୍ତରୀ ଶିକ୍ଷାରମ୍ଭ ଦିବସ ପାଳିତ ହୋଇଯାଇଛି। ଫକୀରମୋହନ ମେଡିକାଲ୍ କଲେଜ୍ ନିକଟରେ ଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅବୟବରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଭୁବନେଶ୍ୱର କମିଟିର ସଭାପତି ତଥା କୃଷି ବୈଜ୍ଞାନିକ ଡ. ଅଦ୍ୱୈତ ପାତ୍ର ଓ ପ୍ରାକ୍ତନ ସଭାପତି ମମତା ମହାପାତ୍ର ଓ କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସଂପାଦକ ପ୍ରଦୀପ ଦାସ, ତରୁଣ ଦାସ, ଦିଲ୍ଲୀପ ଗିରି, ଡ. କ୍ଷିତିଶ୍ୱର ଦାଶ, କଲ୍ୟାଣୀ ନନ୍ଦ, ବିଧାନ ଚନ୍ଦ୍ର ରାୟ, ଦୁଷ୍ମନ୍ତ ଦାସ, ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଗିରିଶ ଚନ୍ଦ୍ର ଦତ୍ତ ଓ ମାନସ ରାଉତ ପ୍ରମୁଖ କର୍ମକର୍ତ୍ତାମାନେ ଡାକ୍ତରୀ ଶିକ୍ଷାରମ୍ଭ ଦିବସକୁ ଓ ବାଲେଶ୍ୱରବାସୀଙ୍କ ଐକ୍ୟବଦ୍ଧ ସଂଗ୍ରାମକୁ ସ୍ମରଣୀୟ କରିବା ପାଇଁ ୨୦୧୮ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୩ ତାରିଖ ଦିନ ଏହି ଦିବସକୁ ପାଳନ କରାଯାଇଆସୁଛି। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନର ମେଡିକାଲ୍ କଲେଜ୍ କର୍ତ୍ତୃପକ୍ଷଙ୍କ ଅସହଯୋଗକୁ ବକ୍ତାମାନେ ଦୃଢ଼ ସମାଲୋଚନା କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଆସନ୍ତା ୫ ତାରିଖ ଅପରାହ୍ନରେ ଓକିଲସଂଘ ସଭାଗୃହରେ "ପ୍ରେରଣା ଦିବସ' ସଭାରେ ଯୋଗ ଦେବାକୁ ସଭାରେ ଅନୁରୋଧ କରାଯାଇଥିଲା। ସଭାଶେଷରେ ମେଡିକାଲ୍ କଲେଜ୍ ହସପିଟାଲ୍ରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ନିମ୍ନମାନର ନିର୍ମାଣ ଯୋଗୁଁ ଛାତରୁ ବର୍ଷାଦିନେ ପାଣି ପଡୁଥିବା ସଂପର୍କରେ ରୋଗୀମାନେ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜଗତାନନ୍ଦ ବିଶ୍ୱାଳ, ଶ୍ୟାମସୁନ୍ଦର ଜେନା, ମିନତୀ ପ୍ରଧାନ, ମମତା ଦାସ, ସୁଧାଂଶୁ ରାୟ, କାଞ୍ଚନ ପାତ୍ର, ମମତା ପାଲ, ସୁପ୍ରୀତି ନାୟକ, ଅକ୍ଷୟ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତା ସହ ରିଲିଫ୍ ବଣ୍ଟନ



**ବାଲିଆପାଳ, ୪।୯ (ସମିସ) :** ଚଳିତ ବର୍ଷ ଲଗାତାର ବନ୍ୟା ଲୋକଙ୍କ ଧନଜୀବନ ନଷ୍ଟ କରିବା ସହ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ମହାବଳା ଛକଠାରୁ ପାଞ୍ଚୁପାଲି ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ବସବାସ କରୁଥିବା ପରିବାର ଗୁଡ଼ିକଙ୍କ ନିକଟରେ। ବର୍ତ୍ତମାନ ସୁଦ୍ଧା ଏହି ପରିବାର ଗୁଡ଼ିକର ଘର ଅଗଣାରେ ପାଣି ଜମି ରହିଥିବା ବେଳେ ଘରର ବାରଣ୍ଡାଗୁଡ଼ିକ କାଦୁଅରେ ସନ୍ତସନ୍ତ ହୋଇ ରହିଛି। ପ୍ରଶାସନ ତରଫରୁ କେବଳ ୧ କେଜି ଚୁଡା ଓ ଗୁଡ଼ ୫୦ ଗ୍ରାମ ପ୍ରତି ପରିବାରକୁ ମିଳିଛି । କୌଣସି ଘରକୁ ପଲିଥିନ ମିଳିନାହିଁ କି ବନ୍ୟା କ୍ଷୟକ୍ଷତିର ଆକଳନ ପାଇଁ ରାଜସ୍ୱ ନିରୀକ୍ଷକ ଙ୍କ ଦେଖା ମଧ୍ୟ ନାହିଁ । ଚଳିତ ବନ୍ୟା ସମୟରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ଏହି ଅସହାୟ ପରିବାରଗୁଡ଼ିକର ଦୁର୍ଦ୍ଦଶା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ସାମାଜିକ ସଂଗଠନ 'ଆମ ଅଧିକାର ଫାଉଣ୍ଡେସନ' ତରଫରୁ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଥିଲା। ସଂଗଠନର ପ୍ରତିଷ୍ଠାତା ଶ୍ରୀ ପାତ୍ରଙ୍କ ସହ ସଦସ୍ୟ ଗୋବିନ୍ଦ ବେହେରା, କଟି ମାରାଣ୍ଡି ଓ ଆଶିଷ ସାହୁଙ୍କ ଆର୍ଥିକ ସହଯୋଗରେ ଗତକାଲି ଏହି ପରିବାର ଗୁଡ଼ିକ ନିକଟରେ ସ୍ୱାସ୍ଥ୍ୟ ସଚେତନତା ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବଳା ଗ୍ରାମର ଆଶାକର୍ମୀ ବିସୋୟା ପାଲ, ବାଲିକୁଟି ପଞ୍ଚାୟତର ଏମ୍‌ବିକେ ଶୁଭଶ୍ରୀ ପାତ୍ର ଓ ପ୍ରେରଣା ଦିଦି କବିତା ବିଶ୍ୱାଳ ଉପସ୍ଥିତ ଥିଲେ ।

# ବନ୍ୟା କ୍ଲିଷ୍ଟଙ୍କୁ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାରର ସହାୟତା



**ଜଳେଶ୍ୱର,୪।୯ (ସମିସ):** ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀ ରେ ଲଗାତାର ୩ଥର ବନ୍ୟା ଆସିଥିବାରୁ ବନ୍ୟା ପ୍ରଭାବିତଙ୍କ ଦୁଃଖ ବଢ଼ିଯାଇଛି। ସରକାରୀ ରିଲିଫ୍ ପର୍ଯ୍ୟାପ୍ତ ନଥିବା ବେଳେ ବହୁ ସାମାଜିକ ସଂଗଠନ ବନ୍ୟା ଦୁର୍ଗତଙ୍କ ଠାରେ ପହଞ୍ଚି ସହାୟତାର ହାତ ବଢ଼ାଉଛି। ଦୁଃଖି ରଙ୍କି ଙ୍କ ଭରସା ପାଲଟିଥିବା ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ ଭୋଗରାଇ ବ୍ଲକର ବାରବାଟିଆ, ନଥିପୁରା, ଆରୁହା ବୃତ୍ତି ଗାଁରେ ପହଞ୍ଚି ବନ୍ୟା ଭିତରେ ଫସି ରହିଥିବା ୩ଶହ ପରିବାରକୁ ରିଲିଫ୍ ବଣ୍ଟନ କରିଥିଲେ। ସଂଗଠନର ଅଗ୍ରଦୂତ ହରିଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଶିକ୍ଷକ ବିଭୁତି ଭୋଇ, ତୋଫାନ ଆଚାର୍ଯ୍ୟ, ପ୍ରିୟ ରଞ୍ଜନ ପ୍ରଧାନ, ସର୍ବେଶ୍ୱର ଦାସ, ସସ୍ମିତା ଦାସ, ଗୀତ ଘୋଷ, ସଂଯୁକ୍ତା ଭୋଇ, ଲକ୍ଷ୍ମୀପ୍ରିୟା ବାଗ, ସରୋଜ ଦାସ, ସୁଭଦ୍ରା ବେହରା, ବିଜୟ ଆଚାର୍ଯ୍ୟ, ବଳରାମ ବାଗ ପ୍ରମୁଖ ୧୦ ଫୁଟ ପାଣି ଭିତରେ ଯାଇ ସହାୟତା ପ୍ରଦାନ କରିଥିଲେ।

# ୧୨ରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ବାଲେଶ୍ୱର, ୪।୯ (ସମିସ):** ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୨ ତାରିଖ (ଶନିବାର ଦିନ) ଜିଲ୍ଲା ଅଦାଲତ ପରିସର, ବାଲେଶ୍ୱର, ତାଲୁକ ଆଇନସେବା ସମିତି ଜଳେଶ୍ୱର, ନୀଳଗିରି, ସୋର, ବସ୍ତା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦା, ଖଇରା ଓ ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇରେ ଅନୁଷ୍ଠିତ ହେବ। ପ୍ରକାଶ ଥାଉକି, ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ମାମଲାର ଆପୋଷ ସ୍ୱହମତିରେ ସମାଧାନ କରାଯିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ତରଫରୁ ଅନୁରୋଧ କରାଯାଇଛି।

# ରକ୍ତଦାନ ଶିବିର; ୬୧ ୟୁନିଟ୍ ସଂଗୃହୀତ



**ଜଳେଶ୍ୱର ବ୍ଲକ, ୪।୯ (ସମିସ) :** ଆଜିର ଏହି ପବିତ୍ର ଜନ୍ମାଷ୍ଟମୀ ଓ ସ୍ୱର୍ଗତ ସୁଶୀଳା ଜେନାଙ୍କ ପ୍ରଥମଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବରଡିହା ଗ୍ରାମ ପଞ୍ଚାୟତର ବାଗବୁଡ଼ା ଗ୍ରାମର ସୁଶୀଳାଙ୍କ ପୁତ୍ର ରାଜୀବ କୁମାର ଜେନାଙ୍କ ପ୍ରେଚେଷ୍ଟାରରେ ଗ୍ରାମରେ ଥିବା ମାଣିକେଶ୍ୱୀର ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର ଯୋଗ ଦେଇ ରକ୍ତ ଦାତା ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଥିରେ ଉପସ୍ଥିତ ରହିଥିଲେ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ସରପଞ୍ଚ ଅଜୟ କୁମାର ମହାନ୍ତି, ଯୁବନେତା ରାଜୀବ ଲୋଚନ ଗିରି, ମୁନିନ୍ଦ୍ର ଧର, କଂଗ୍ରେସ ବ୍ଲକ ସଭାପତି ହେମନ୍ତ କୁମାର ଗିରୀ ଲେଲିନ କୁମାର ପ୍ରଧାନ,ମୋନରଞ୍ଜନ ଦେ, ରାଜୀବ ଗିରି, ସୋରଜ କୁମାର ଜେନା, ସଞ୍ଜୟ କୁମାର ଜେନା, ରକ୍ତ ଦାତା ସବ୍ରବିକାଶ ଜେନା, ଜନ୍ମଜୟ ଜେନା, ସୁଜାତା ଗିରି, ଜୟଦେବ ପରିଡ଼ା, ଗୁରୁଭା ପରିଡ଼ା, ମାଳତୀ ତୁଡ଼ି ଦିଲ୍ଲୀପ ଘୋଷ , ବ୍ରଜ କିଶୋର ଦାସ ପଟ୍ଟନାୟକ, ସମେତ ହାତିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡକ୍ଟର ଭୀଷ୍ମ ଚରଣ ପରିଡ଼ା, ଅକ୍ଷୟ କୁମାର ଜେନା ଅଜୟ ମହାପାତ୍ର, ଲକ୍ଷ୍ମୀଧର ବାରିକ୍, ଜିଲ୍ଲା ରକ୍ତ ଦାତା ସଂଘର ସଂଯୋଜକ କମଳ ଚକ୍ରବର୍ତ୍ତୀ, ସୁବ୍ରତ ରଣା , ବିଦ୍ୟାଧର ସାହୁ , ପ୍ରମୁଖ ଉପସ୍ଥିତ ରହିଥିଲେ ଏହି ରକ୍ତ ଦାନ ଶିବିରରେମୋଟ୍ ୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ଗ୍ରାମ ବାସୀଙ୍କର ପ୍ରେଚେଷ୍ଟା ପାଇଁ ଏହି ପରି ଏକ ମହାନକାର୍ଯ୍ୟକ୍ରମ ସମ୍ଭବ ବୋଲି ସୁଶୀଳା ଙ୍କ ପୁତ୍ର ରାଜିବ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପଲିଥିନ୍ ବଣ୍ଟନରେ ପାତରଅନ୍ତର ଅଭିଯୋଗ

# ପଶ୍ଚିମବାଡ଼ ଆର୍‌ଆଇ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

**ଜଳେଶ୍ୱର, ୪।୯ (ସମିସ)**

ସୁବର୍ଣ୍ଣରେଖା ନଦୀର ବନ୍ୟା ଜଳ ପ୍ରବେଶ କରିବା ଫଳରେ ଜଳେଶ୍ୱର ବ୍ଲକର ପାଞ୍ଚଟି ପଞ୍ଚାୟତ ଜଳବନ୍ଦୀ ହୋଇ ଗମ୍ଭୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସଙ୍କଟ ସମୟରେ ତହସିଲ ପ୍ରଶାସନ ପକ୍ଷରୁ ବିପନ୍ନଙ୍କୁ ପଲିଥିନ୍ (ପାଲ) ବଣ୍ଟନ କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଓ ପାତରଅନ୍ତର କରାଯାଉଥିବା ନେଇ ଜନଅସନ୍ତୋଷ ତୀବ୍ର ହୋଇଛି। ଏହାର ପ୍ରତିବାଦରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ପଶ୍ଚିମବାଡ଼ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ହେମନ୍ତ ଗିରିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ପଶ୍ଚିମବାଡ଼ ପଞ୍ଚାୟତର ବହୁ ବନ୍ୟା ପ୍ରଭାବିତ ଲୋକ ସାମିଲ ହୋଇଥିଲେ। ବାସ୍ତବ ପୀଡ଼ିତଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ଆଣି ଯଥାଶୀଘ୍ର ସମସ୍ତ ବନ୍ୟାବିପନ୍ନ ପରିବାରକୁ ନିରପେକ୍ଷ ଭାବେ ପଲିଥିନ୍ ଯୋଗାଇ ଦେବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ଏହି ବିକ୍ଷୋଭରେ ବର୍ତ୍ତନାର ଯୁବ ନେତା ପଦ୍ମଲୋଚନ ବେହେରା, ବ୍ଲକ୍ ଚାଷୀ ନେତା ସୁଦାମ ପାତ୍ର, ଗୋପାଳ କୃଷ୍ଣ ଜେନା, ଜଗଦୀଶ ଚରଣ ନନ୍ଦୀ, ମଧୁସୂଦନ ଦାସ, ଶୋଭିକ ଜେନା, ପ୍ରଦୀପ କୁମାର ଜେନା ଏବଂ ଜାବେଦ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନିକ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଘଟଣାର ଖବର ପାଇ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଉତ୍ତେଜିତ ଲୋକ ଏବଂ ନେତୃବୃନ୍ଦଙ୍କ ସହ ଆଲୋଚନା କରି ସମସ୍ତ ଯୋଗ୍ୟ ବନ୍ୟାପୀଡ଼ିତଙ୍କୁ ତୁରନ୍ତ ପଲିଥିନ୍ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ସମୟରେ ତହସିଲ ସୁପରଭାଇଜର ଶୁଭେନ୍ଦୁ ସାହୁ ଏବଂ ଆର୍‌ଆଇ ରାକେଶ ଦାସ ଉପସ୍ଥିତ ଥିଲେ।



# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଜନ୍ମାଷ୍ଟମୀ: ଭକ୍ତଙ୍କ ଭିଡ଼

ବାରିପଦା, ୪।୯ (ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ହରିବଳଦେବଜୀଉ ଓ ନନ୍ଦ ଯଶୋଦାଙ୍କୁ ଆବାହନ କରି ପ୍ରଥମେ ପୂଜା କରାଯାଇଥିଲା। ମହାପ୍ରଭୁଙ୍କ ରାତ୍ରୀର ସମସ୍ତ ନୀତି ପରେ ପ୍ରଥମେ ପୁରୋହିତ ଅରୁଣ କୁମାର ମିଶ୍ରଙ୍କ ଦ୍ୱାରା ପଞ୍ଚଉପଚାର ପରେ ଶ୍ରୀଦୁର୍ଗାଙ୍କ ଜନ୍ମୋତ୍ସବ ଓ ସୁଭଦ୍ରା ଦେବୀଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା। ଦୁର୍ଗାଙ୍କ ଜନ୍ମ ପରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ଆରମ୍ଭ କରାଯାଇଥିଲା। ମଧ୍ୟରାତ୍ରରେ କୋଠ ଘରୁ ଜନ୍ମ ଠାକୁର ଶ୍ରୀକୃଷ୍ଣଙ୍କୁ ଅଣାଯାଇ ପୂଜାମଣ୍ଡପରେ ରଖାଯିବା ପରେ ପୁରାଣ ପଣ୍ଡାଙ୍କ ଦ୍ୱାରା ଜନ୍ମାଷ୍ଟମୀ ବ୍ରତ ପାଠ ଓ ପୁରାଣ ପାଠରେ ଠାକୁରଙ୍କ ଜନ୍ମ କଥା ସମୟରେ ଭିତର ମଣ୍ଡପରେ ଠାକୁର ଜନ୍ମ ହୋଇଥିଲେ। ଜନ୍ମପୂର୍ବରୁ କୃଷ୍ଣଙ୍କର ସଖା ଜନ୍ମ ଠାକୁରଙ୍କ ସହିତ ଆଣ୍ଠୁଆ ଗୋପାଳ ଓ ମଦନମୋହନ ମହାପ୍ରଭୁ ଜନ୍ମୋତ୍ସବରେ ସାମିଲ ହୋଇଥିଲେ। ମହାଭୋଇ ସେବକଙ୍କ ଦ୍ୱାରା ସର ଲବଣୀ ଛେନା ଲାଗି

**ଆଜି ନନ୍ଦୋତ୍ସବ**



ହୋଇଥିଲା। ଠାକୁରଙ୍କୁ ପୂଜକ ପହଣ୍ଡି କରାଇଥିଲେ। ପରେ ତିନି ଠାକୁର କୋଠ ଘର ଭିତରକୁ ଫେରିଥିଲେ। ଏହା ବିଳମ୍ବିତ ରାତ୍ରିରେ ସମାପନ ହୋଇଥିଲା।

ସେହିପରି ୪୦୦ ବର୍ଷର ପୁରାତନ ସ୍ଥାନୀୟ ରାଧାମୋହନ ମନ୍ଦିରର (ମାଉସୀ ମା' ମନ୍ଦିର) ରତ୍ନ ମଣ୍ଡପରେ ରାଧାମୋହନଙ୍କୁ ସୁନ୍ଦର ବେଶରେ ସଜା ଯିବା ସହିତ ପାରମ୍ପରିକ ରୀତିନୀତି ସରିବା ପରେ ଦିନ ତମାମ ସାଧାରଣ ପୂଜା ଓ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଲାଗିଥିଲା। ଭକ୍ତ ଶାନ୍ତି ଶୃଙ୍ଖଳାର ସହିତ ଧାଡିରେ ଦର୍ଶନ କରିବା ସହିତ ନିଜ ନିଜ ମନ ପସନ୍ଦର ତଥା ମାନସିକ ଭୋଗ ଅର୍ପଣ କରି ଆଶିଷ ଭିକ୍ଷା କରିଥିଲେ। ମନ୍ଦିର ବାହାରେ ପଦ୍ମଫୁଲ, ମୟୂରପଙ୍ଖ ଓ ଖସାଲଡୁର ଚାହିଦା ଅଧିକ ରହିଥିଲା। ଅନେକ ଭକ୍ତ ସେମାନଙ୍କ ଶିଶୁଙ୍କୁ କୃଷ୍ଣ ବେଶରେ ସଜାଇ ମନ୍ଦିର ଆସିଥିବା ଦେଖାଯାଇଥିଲା। ସହରର ଲାଲବଜାର ଛକ ରାଧାମୋହନ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରରେ ମଧ୍ୟ ଭିଡ ଲାଗିଥିଲା। ଶନିବାର ନନ୍ଦୋତ୍ସବରେ ମନ୍ଦିର ନାଟମଣ୍ଡପରେ ତିନି ଠାକୁରଙ୍କୁ ଝୁଲାରେ ବିରାଜମାନ କରାଯିବ। ଭୋଗ ଲାଗି ସହିତ ଆରତୀ ପରେ ଦହିହାଣ୍ଡି ବେଢା କରାଯାଇ ଭଜନ କାର୍ଯ୍ୟକ୍ରମ ରହିଛି।

## ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

● ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ

ବୈଶିଙ୍ଗା, ୪।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ଗଡ଼ଗଡ଼ିଆ ଉପକଣ୍ଠ ଧଡ଼ାସାହି ଘଞ୍ଚ ଜଙ୍ଗଲରୁ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ବୈଶିଙ୍ଗା ପୁଲିସ ମୃତଦେହ ଜବତ କରିବା ସହ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ବାରିପଦାରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍‌ର ସହାୟତାରେ ଘଟଣାସ୍ଥଳରେ ତଦନ୍ତକୁ ଜୋରଦାର କରିଛି।

ଧଡ଼ାସାହି ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା କିଛି ସ୍ଥାନୀୟ ଲୋକ ଗୁରୁବାର ସନ୍ଧ୍ୟାରେ ଜଙ୍ଗଲ ଭିତରେ ଜଣେ ଯୁବକଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ ସେମାନେ ବୈଶିଙ୍ଗା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ଛାନଭିନ ଆରମ୍ଭ କରିଥିଲେ। ତେବେ ଅନ୍ଧାର ହୋଇଯିବାରୁ ଘଞ୍ଚ ଜଙ୍ଗଲ ମଧ୍ୟରେ ତଦନ୍ତ ଆଗକୁ ବଢ଼ାଇବାରେ ବାଧା ସୃଷ୍ଟି ହୋଇଥିଲା। ଶୁକ୍ରବାର ଅପରାହ୍ନରେ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଟିମ୍ ସଦସ୍ୟ ଘଟଣାସ୍ଥଳରେ ସରଜମିନ ତଦନ୍ତ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ମୃତଦେହଟି ଗଳିତ ଅବସ୍ଥାରେ ଥିବାରୁ ଯୁବକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ। ମୃତକଙ୍କ ବୟସ ପ୍ରାୟ ୨୫ରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ପୁଲିସ ଅନୁମାନ କରୁଛି। ବୈଶିଙ୍ଗା ପୁଲିସ ଏ ନେଇ ମାମଲା ରୁଜୁ କରି ମୃତଦେହ ଜବତ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ନମୁନା ସଂଗ୍ରହ କରିଛି। ଯୁବକଙ୍କ ପରିଚୟ ଓ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବା ପରେ ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ଆଶା ପ୍ରକାଶ କରିଛି।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ



ବାରିପଦା, ୪।୯ (ସମିସ):ପୋଡ଼ା ଅସ୍ତିଆ କେନାଲ ସାହିରେ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ଜଙ୍ଗଲ ସିଂ ଦୀପ ପ୍ରଜ୍ୱଳନ କରିଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାରକ ଆଦରଣୀୟ ତେଜସ୍ୱୀ ମଲ୍ଲିକ ମୁଖ୍ୟବକ୍ତା ଭାବେ ସ୍ୱାମୀଜୀଙ୍କର ଜୀବନୀ ଆଲୋଚନା କରିଥିବାବେଳେ ସଂସ୍କାର କେନ୍ଦ୍ରର ଗୁରୁଜୀ ବିଷ୍ଣୁ ଚରଣ ମହାନ୍ତ ଅତିଥି ପରିଚୟ କରିଥିଲେ। ସ୍ୱାମୀଜୀଙ୍କର ସମାଜ ପ୍ରତି ଅବଦାନ ଓ ବାଳିକା ଶିକ୍ଷାକୁ ଅଗ୍ରଗତି କରିବା ସପକ୍ଷରେ ସ୍ଥାନୀୟ ମାଆ ଭଉଣୀମାନେ କଥା ରଖିଥିଲେ।

## ସଚେତନ ନାଗରିକ ମହାମଞ୍ଚ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଶିବିର



ଉଦଳା, ୪।୯ (ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ସଚେତନ ନାଗରିକ ମହାମଞ୍ଚ ପକ୍ଷରୁ ପ୍ରାକୃତିକ ଉପାୟରେ ଚିକିତ୍ସା ସହିତ ସ୍ୱାସ୍ଥ୍ୟ ପରୀକ୍ଷା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଶିବିରକୁ ଉଦଘାଟନ କରିବା ସହିତ ଶରୀର ନିରୋଗ ପାଇଁ ପ୍ରକୃତିରୁ ମିଳୁଥିବା ସମସ୍ତ ଉର୍ଜା ଆମମାନଙ୍କ ଦୈନନ୍ଦିନ ଜୀବନର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ। ମହାମଞ୍ଚ ସଭାପତି ଅଜୟ ବେହେରା ଓ ଉପଦେଷ୍ଟା ଅଶୋକ ମହାନ୍ତି ପ୍ରମୁଖ ଯୋଗଦେଇ ନିରୋଗ ପାଇଁ ପ୍ରକୃତିରୁ ମିଳୁଥିବା ସମସ୍ତ ଉପାଦାନ ଆଜିର ଦିନରେ ଜରୁରୀ ଅଟେ। ସୁସ୍ଥ ଜୀବନ ପାଇଁ ପ୍ରକୃତିରୁ ମିଳୁଥିବା ଦାନ ଆମକୁ ଆରୋଗ୍ୟ ସହିତ ଉନ୍ନତ ଜୀବନଶୈଳୀରେ ବଞ୍ଚିବା ପାଇଁ ସହାୟକ ହୋଇଥାଏ। ସୁସ୍ଥ ଓ ସନ୍ତୁଳିତ ଜୀବନ ପାଇଁ ପ୍ରାକୃତିକ ସ୍ୱାସ୍ଥ୍ୟ ପଦ୍ଧତି ମୁନି ଋଷି ସମୟରୁ ହୋଇଆସୁଛି। ଏହାକୁ ଆଧାର କରି ବୈଜ୍ଞାନିକ ପଦ୍ଧତିରେ ମଣିଷର ସମସ୍ତ ଅଙ୍ଗର କାର୍ଯ୍ୟଦକ୍ଷତା ଓ ତା'ର ନିରାକରଣ ଉପରେ ବୈଦ୍ୟରାଜ ସମ୍ପଦ ଜେନା ମତବ୍ୟକ୍ତ କରିଥିଲେ। ପ୍ରାକୃତିକ ସ୍ୱାସ୍ଥ୍ୟ ପଦ୍ଧତିରେ ଚିକିତ୍ସା ଦ୍ୱାରା ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନ ଥାଏ। ଉଦଳା ଆଖପାଖରୁ ୫୦ରୁ ଅଧିକ ବ୍ୟକ୍ତି ପରୀକ୍ଷା କରି ରୋଗର କାରଣ ଓ ନିରାକରଣ ବ୍ୟବସ୍ଥାରେ ଓଡ଼ିଶା ବାଡ଼ି ବଗିଚାର ପତ୍ର, ଫୁଲ, ଫଳ, ଚେରରୁ ସଠିକ ଅନୁପାନରେ ସେବନ କରିବା ସହିତ ଗୋମାତାର ମଳମୁତ୍ରରୁ ବହୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରି ପ୍ରଦାନ କରାଯାଇଥିଲା। ଶିବିରକୁ ସାଧାରଣ ସମ୍ପାଦକ ଆରତ ପରିଡ଼ା, କାର୍ଯକାରୀ ସମ୍ପାଦକ କୃଷ୍ଣଚୈତନ ସଦୁଆଳ ଓ ଉପସଭାପତି ଜଗବନ୍ଧୁ ପ୍ରଧାନ, ସତ୍ୟେନ୍ଦୁ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବିଶ୍ୱବିଦ୍ୟାଳୟରେ ଆମନ୍ତ୍ରିତ ସେମିନାର ବକ୍ତୃତା

ବାରିପଦା, ୪।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ 'ଧାରଣକ୍ଷମ ବିକାଶ ନିମନ୍ତେ ଚକ୍ରାକାର ଅର୍ଥନୀତିର ଭୂମିକା' ଶୀର୍ଷକ ଏକ ଆମନ୍ତ୍ରିତ ସେମିନାର ବକ୍ତୃତା ଆୟୋଜିତ



ହୋଇଯାଇଛି। କାନାଡା ଡେଲ୍‌ହାଉସି ବିଶ୍ୱବିଦ୍ୟାଳୟର କୃଷି ଅନୁଷ୍ଠାନ ଇଞ୍ଜିନିୟରିଂ ବିଭାଗ ସହକାରୀ ପ୍ରଫେସର ଡ. ସୋନିଲ ନନ୍ଦ ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚକ୍ରାକାର ଅର୍ଥନୀତିର ଧାରଣା, ସମ୍ପଦର ପୁନଃବ୍ୟବହାର, ଅପଚୟ ହ୍ରାସ, ନବସୃଜନ, ଦକ୍ଷତା ବିକାଶ ଏବଂ ସ୍ଥାନୀୟସ୍ତରରେ ନୂତନ ସାମାଜିକ-ଆର୍ଥିକ ସୁଯୋଗ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଧାରଣକ୍ଷମ ବିକାଶ ପାଇଁ କେବଳ ସମ୍ପଦ ସଂରକ୍ଷଣ ଯଥେଷ୍ଟ ନୁହେଁ; ଶିକ୍ଷାନୁଷ୍ଠାନ, ଶିଳ୍ପ ଓ ସମାଜ ମଧ୍ୟରେ ସମନ୍ୱିତ ଉଦ୍ୟମ ସହିତ ନବସୃଜନ ଓ ଦକ୍ଷତା ବିକାଶକୁ ଆଗକୁ ନେବା ଆବଶ୍ୟକ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏପରି ଅନ୍ତର୍ଜାତୀୟ ଜ୍ଞାନ ବିନିମୟ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ସମକାଳୀନ ବିଶ୍ୱସ୍ତରୀୟ ଆହ୍ୱାନ ଓ ସମ୍ଭାବନା ସହିତ ଯୋଡ଼ିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ବ୍ୟାପାର କାର୍ଯ୍ୟାଳୟର ନୋଡାଲ ଅଧିକାରୀ ଡ. ପ୍ରିୟ ରଞ୍ଜନ ଦେବତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଜ୍ଞାନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଗଣ ଯୋଗ ଦେଇଥିଲେ।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା**

## ଟିକେଟ୍ ଓ ନିରାମୟ କାଉଣ୍ଟର ସଂଖ୍ୟା ବୃଦ୍ଧି

ବାରିପଦା,୪।୯ (ସମିସ): ବାରିପଦାସ୍ଥ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାରେ ଘୋର ଅବ୍ୟବସ୍ଥା ଦେଖାଦେଇଛି। ଚିକିତ୍ସାଳୟକୁ ପ୍ରତିଦିନ ଶହ ଶହ ରୋଗୀ ଆସୁଥିବାବେଳେ ଟିକେଟ୍ ଓ ଔଷଧ ପାଇଁ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍‌ରେ ଛିଡ଼ା ହେବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ମାସାଆର୍ମୀ ସଂଗଠନ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ସୂଚନା ମୁତାବକ, ଡାକ୍ତରଖାନାରେ ଆଉଟ୍‌ଡୋର୍ ରୋଗୀଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ କାଉଣ୍ଟର ଥିଲେ ମଧ୍ୟ ମାତ୍ର ଗୋଟିଏ ଟିକେଟ୍ କାଉଣ୍ଟର ଖୋଲା ରହୁଛି। ଫଳରେ ଅତ୍ୟଧିକ ଭିଡ଼ ଜମିବା ସହ ପୁରୁଷ, ମହିଳା, ବୃଦ୍ଧବୃଦ୍ଧା ଓ ଗୁରୁତର ରୋଗୀ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସେହିପରି ଚିକିତ୍ସାଳୟର ୪ ମହଲା ସମ୍ମୁଖରେ ଥିବା ନିରାମୟ ମାଗଣା ଔଷଧ ବିତରଣ କେନ୍ଦ୍ରରେ ୩ଟି କାଉଣ୍ଟର ରହିଥିବା ସତ୍ତ୍ୱେ ମାତ୍ର ଗୋଟିଏ କାଉଣ୍ଟର ଚାଲୁ ରହୁଛି। ଏଠାରେ ସମସ୍ତ ବର୍ଗର ଲୋକେ ଗୋଟିଏ ଲାଇନ୍‌ରେ ଛିଡ଼ା ହେବାକୁ ବାଧ୍ୟ ହେଉଥିବାରୁ ପ୍ରବଳ ଗହଳି ହେବା ସହ ସମୟ ନଷ୍ଟ ହେଉଛି।

ଏହି ପରିପ୍ରେକ୍ଷୀରେ ମାସାଆର୍ମୀ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି ଯେ, ଆଉଟ୍‌ଡୋର୍‌ରେ ଅତିକମ୍ରେ ୨ଟି ଟିକେଟ୍ କାଉଣ୍ଟର ଓ ନିରାମୟ କେନ୍ଦ୍ରରେ ଆବଶ୍ୟକତା ଅନୁଯାୟୀ ସମସ୍ତ ୩ଟି କାଉଣ୍ଟର ନିୟମିତ ଭାବେ ଖୋଲାଯାଉ। ଏହା ସହ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରାଥମିକତା ଲାଇନ୍ ଓ ଆବଶ୍ୟକ ମାନବସମ୍ବଳ ନିୟୋଜିତ କରିବାକୁ ଦାବି କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ମାସାଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଧାରଣା ଦିଆଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୬୮ ଲିଟର ମଦ ଜବତ, ୩ ଗିରଫ

କୁଆମରା, ୪।୯ (ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ୩ ଜଣଙ୍କୁ ଗିରଫ କରାଯିବା ସହ ୬୮ ଲିଟର ମଦ ଜବତ ହୋଇଛି। ଖୁଣ୍ଟା ଥାନା ଅନ୍ତର୍ଗତ ଧାଉଁଡିଆ ଗ୍ରାମର ସାନିଆ ସିଂ (୩୬)ଙ୍କଠାରୁ ୩୦ ଲିଟର, କୁଆମରା ଗ୍ରାମର ତପନ ଜେନା (୩୫)ଙ୍କଠାରୁ ୧୮ ଲିଟର ଓ ବାରଡାଙ୍ଗୁଆ ଗ୍ରାମର ବଦଲ ମାରାଣ୍ଡିଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ ହୋଇଛି। ଏ ନେଇ ପୃଥକ ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଥାନା ଉପନିରୀକ୍ଷକ ଅଞ୍ଜନ ଜେନା, ସହନିରୀକ୍ଷକ କୃଷ୍ଣସୁନ୍ଦର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ସୋରେନ, ପାର୍ବତୀ ମାରାଣ୍ଡି ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ଯୌତୁକ ନିଷେଧ ଆଇନ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ



ବାରିପଦା, ୪।୯ (ସମିସ): ଯୌତୁକ ପ୍ରଥାର ନିରାକରଣ, ଯୌତୁକ ନିଷେଧ ଆଇନ, ୧୯୬୧ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଓ ଏ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣରେ ଯୌତୁକ ପ୍ରଥାର ନିରାକରଣ ଓ ଆଇନର ପ୍ରଭାବଶାଳୀ ପ୍ରୟୋଗ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଷୟ ବିଶାରଦ ବିଭୁପ୍ରସାଦ ଦାସ ପିପିଟି ପ୍ରେଜେଣ୍ଟେସନ ମାଧ୍ୟମରେ ଯୌତୁକ ନିଷେଧ ଆଇନ, ୧୯୬୧ର ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ବିସ୍ତୃତ ଓ ସୂଚନାପୂର୍ଣ୍ଣ ଆଲୋଚନା କରିଥିଲେ। ଯୌତୁକର ପରିଭାଷା, ଯୌତୁକ ଦେବା, ନେବା କିମ୍ବା ଦାବି କରିବା ସମ୍ବନ୍ଧୀୟ ଆଇନଗତ ପ୍ରାବଧାନ, ଅପରାଧ ଓ ଦଣ୍ଡବିଧାନ, ଯୌତୁକଜନିତ ନିର୍ଯାତନା ଓ ହିଂସା ସମ୍ବନ୍ଧରେ ଅଭିଯୋଗ ଓ ରିପୋର୍ଟ କରିବାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏ ଅବସରରେ ଯୌତୁକ ପ୍ରଥାର ସାମାଜିକ, ଆର୍ଥିକ ଓ ମାନସିକ କୁପ୍ରଭାବ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଯାଇଥିଲା। ଯୌତୁକ ପ୍ରଥା ନାରୀଙ୍କ ସମ୍ମାନ, ସମାନତା ଓ ଅଧିକାରକୁ ପ୍ରଭାବିତ କରୁଥିବାରୁ ଏହାର ନିରାକରଣ ପାଇଁ ଆଇନର କଡ଼ା କାର୍ଯ୍ୟାନ୍ୱୟନ ସହିତ ସାମାଜିକ ସଚେତନତା, ସମନ୍ୱିତ ପଦକ୍ଷେପ ଓ ସମୂହଗତ ଅଂଶଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଶିକ୍ଷଣରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ମହାରଣା, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ଉପସ୍ଥିତ ରହି ଯୌତୁକ ପ୍ରଥାର ନିରାକରଣ, ମହିଳାଙ୍କ ସୁରକ୍ଷା ଓ ଆଇନର କାର୍ଯ୍ୟାନ୍ୱୟନ ସମ୍ପର୍କରେ ମତ ରଖିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ଓ ଏଫସିସି ସହ ଜଡ଼ିତ କର୍ମଚାରୀ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାରିପଦା, ୪।୯ (ସମିସ): ବାରିପଦା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସଙ୍କ ନିଜସ୍ୱ ପ୍ରଚେଷ୍ଟାରେ ୨୦୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଚିକିତ୍ସା ତାଲିମ୍ ପ୍ରଦାନ କରିଛନ୍ତି। ବିଶେଷକରି ବାରିପଦା ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ପିଲାଙ୍କ ସୁରକ୍ଷା ଓ ନିରାପତ୍ତାକୁ ଆଖି ଆଗରେ ରଖି ଦିନିଆ ପ୍ରଶିକ୍ଷଣ ଶିବିର ପୁଲିସ ଲାଇନ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପ୍ରାଥମିକ ଚିକିତ୍ସା ସମସ୍ତ ବ୍ୟକ୍ତି ଜାଣିପାରିଲେ, ସମସ୍ତେ ନିଜକୁ ସୁରକ୍ଷିତ ରଖି ପାରିବା ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ପ୍ରାଥମିକ ଚିକିତ୍ସା ରାଜ୍ୟ ସାଧନ କର୍ମୀ ସତ୍ୟନାରାୟଣ ଦାସ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଜେଆରସି ସରୋଜ ମହାନ୍ତ, ବିଜୟ କୁମାର କଳା ସାଧନ କର୍ମୀ ଭାବେ ତାଲିମ ପ୍ରଦାନ କରିଥିଲେ। ଶିବିରକୁ ବାରିପଦା ବ୍ଲକର ଶିକ୍ଷକ ସମନ୍ୱୟ ସମିତି ଅଧ୍ୟକ୍ଷ ଗୌରଗୋପାଳ ଲେଙ୍କା, ସାଧାରଣ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ସଭାପତି ପ୍ରଦୀପ ନାଥ, ଉପଦେଷ୍ଟା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ



ବାରିପଦା, ୪।୯ (ସମିସ): ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ଗିରି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ସରୋଜ କୁମାର ମହାନ୍ତ ସହଯୋଗ କରିଥିଲେ। ବିଦ୍ୟାଳୟର ଶିଶୁ ଭଉଣୀଙ୍କ ଦ୍ୱାରା ସାମୂହିକ ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟଅତିଥି ଶିଶୁଙ୍କୁ ଜନ୍ମାଷ୍ଟମୀ ଉତ୍ସବ ପାଳନର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସଞ୍ଜୀବ କୁମାର ଗିରି ବିସ୍ତୃତ ଭାବରେ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ଅବସରରେ ଶିଶୁ ବଟିକାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ରାଧାକୃଷ୍ଣ ବେଶରେ ସଜ୍ଜିତ ଶିଶୁ ଭାଇଭଉଣୀଙ୍କୁ ଦେଖିଲେ ଲାଗେ ଶିଶୁ ମନ୍ଦିର ପରିବେଶ ସତେ ଯେପରି ଗୋପପୁରରେ ପରିଣତ ହୋଇଛି। ଜନ୍ମାଷ୍ଟମୀ ଉତ୍ସବ ପାଳନ ପରେ ଶିଶୁ ଭାଇଭଉଣୀଙ୍କୁ ସ୍ଥାନୀୟ ଗାନ୍ଧୀ ପାର୍କ ନିକଟସ୍ଥ ଶ୍ରୀବିଷ୍ଣୁ ମନ୍ଦିର ଦର୍ଶନ କରିବାକୁ ନିଆଯାଇଥିଲା। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ କେଦାର ନାଥ ବାରିକ ଓ ବିଦ୍ୟାଳୟର ଉତ୍ସବ ପ୍ରମୁଖ ମନୋରଞ୍ଜନ ଧୀରଙ୍କ ତତ୍ତ୍ୱାବଧାନରେ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କ ସହିତ ପରିଚାଳନା ସମିତି ସଦସ୍ୟ ପରିଚାଳନା କରିଥିଲେ।

# ବେଆଇନ ବାଲି ଉତ୍ତୋଳନ ଓ ପୁଲିସର ନିଷ୍କ୍ରିୟତା ନେଇ ହାଇକୋର୍ଟରେ ମାମଲା

ବାରିପଦା, ୪।୯ (ସମିସ):ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଚୋରାଚାଲାଣରେ ସମ୍ପୃକ୍ତ ମାଫିଆଙ୍କ ବିରୋଧରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅଭିଯୋଗକାରୀ ଦୁଲାରାମ ମୁର୍ମୁ। ଅଭିଯୁକ୍ତଙ୍କୁ ଘଣ୍ଟ ନ ଘୋଡ଼ାଇ ନିରପେକ୍ଷ ତଦନ୍ତ ଦାବି କରି ସେ ହାଇକୋର୍ଟରେ ଏକ ଫୌଜଦାରୀ ମାମଲା ଦାୟର କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜୁଲାଇ ୧୩ ତାରିଖରେ ବଡ଼ସାହି ଥାନା ଅଧୀନ ପାଇକପଡ଼ା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ଦୁଲାରାମ ଜିଲ୍ଲା ଖଣି ଅଧିକାରୀ ଭବାନୀଶଙ୍କର ପାତ୍ରଙ୍କୁ ଜଣାଇଥିଲେ। ସେ ଘଟଣାସ୍ଥଳକୁ ଆସି ବାଲି ମାଫିଆଙ୍କ ସହ ମିଶି ଜରିମାନା ଆଳରେ ଗାଡ଼ି ଛାଡ଼ିଦେବା ସହ ଅଭିଯୋଗକାରୀଙ୍କୁ ଜାତିଗତ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାକୁ ନେଇ ଜୁଲାଇ ୧୫ ତାରିଖରେ ବଡ଼ସାହି ଥାନାରେ ଏତଲା ଦିଆଯିବା ପରେ ପୁଲିସ



ମାମଲା ରୁଜୁ କରିଥିଲା। କିନ୍ତୁ ଅଭିଯୋଗ ହୋଇଛି ଯେ, ପୁଲିସ ସଙ୍ଗଠିତ ଅପରାଧ ଏବଂ ଖଣି ଓ ଖଣିଜ ଦ୍ରବ୍ୟ ଆଇନ ଅନୁଯାୟୀ କଡ଼ା ଦଫା ନ ଲଗାଇ ମାମଲାକୁ ହାଲୁକା କରିବାକୁ ଚେଷ୍ଟା କରିଛି। ଅଭିଯୁକ୍ତମାନେ ରାଜନୈତିକ ଓ ଆର୍ଥିକ ଭାବେ ପ୍ରଭାବଶାଳୀ ହୋଇଥିବାରୁ ସେମାନେ ଖୋଲାଆକାଶରେ ବୁଲୁଛନ୍ତି ଓ ଅଭିଯୋଗକାରୀଙ୍କ ପରିବାରକୁ କେସ୍ ପ୍ରତ୍ୟାହାର ପାଇଁ ଲଗାତାର ଧମକ ଦେଉଛନ୍ତି। ଏ ନେଇ ମୟୂରଭଞ୍ଜ ଏସ୍‌ପି ଓ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ଅଭିଯୁକ୍ତଙ୍କ ଅଗ୍ରୀମ ଜାମିନ ଆବେଦନ ଖାରଜ ହୋଇଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଗିରଫ କରୁ ନ ଥିବା ଯାଚିକାରେ ଉଲ୍ଲେଖ କରାଯାଇଛି। ଏହି ବାଲି ଦୁର୍ନୀତିର ପରିମାଣ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବାରୁ ସ୍ଥାନୀୟ ପୋଲିସ ବଦଳରେ କ୍ରାଇମବ୍ରାଞ୍ଚ କିମ୍ବା ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଏହାର ନିରପେକ୍ଷ ତଦନ୍ତ କରିବାକୁ ଅଦାଲତଙ୍କ ନିକଟରେ ନିବେଦନ କରାଯାଇଛି। ଆଇନଜୀବୀ ଶିବାନୀ ସମର୍ପିତା ଓଝାଙ୍କ ଜରିଆରେ ଏହି ଆବେଦନ ଦାୟର ହୋଇଛି।

## ଗ୍ରାମ୍ୟରାସ୍ତାରେ ଭାରୀଯାନ ଚଳାଚଳକୁ ବିରୋଧ

# ଓଏମ୍‌ସିରୁ ଲୁହାପଥର ପରିବହନ ପ୍ରଭାବିତ

କେନ୍ଦୁଝର,୪।୯ (ସମିସ)

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ତଳକଇଁସାରୀ ଗ୍ରାମ ରାସ୍ତା ଦେଇ ଭାରୀଯାନ ଚଳାଚଳକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଫଳରେ ଗତ ୩ ଦିନ ହେବ ଉକ୍ତ ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶୁଆକାଟୀସ୍ଥିତ ଓଏମ୍‌ସି ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ଦୈନିକ ଶହ ଶହ ଟ୍ରକ ତଳକଇଁସାରୀ ଗ୍ରାମ୍ୟ ରାସ୍ତାରେ ଚଳାଚଳ ଯୋଗୁ ଧୂଳି, ଧୂଆଁ ହେବା ସହ ଜଳ ଓ ବାୟୁ ପ୍ରଦୂଷଣ ହେଉଛି। ଓଏମ୍‌ସି ଲୁହାପଥର ବୋଝେଇ ଟ୍ରକ ଚଳାଚଳ ପାଇଁ ବିକଳ୍ପ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ତଳକଇଁସାରୀ ଗ୍ରାମବାସୀ କେନ୍ଦ୍ର ସରକାରଙ୍କ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ଅଭିଯୋଗ କରିଥିଲେ।

ଅଭିଯୋଗ ଅନୁଯାୟୀ, ତଳକଇଁସାରୀ ଗ୍ରାମ୍ୟ ରାସ୍ତାରେ ଗାଡି ଚଳାଚଳ ଯୋଗୁଁ ବାୟୁ ପ୍ରଦୂଷଣ ହେଉଛି ଏବଂ ରାସ୍ତା ଉପରେ ଲୁହାପଥର ଗୁଣ୍ଡ ପଡି ବର୍ଷା ପାଣିରେ ଧୋଇ ନିକଟସ୍ଥ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। ଗ୍ରାମବାସୀଙ୍କ ସୁରକ୍ଷା ବିପନ୍ନ ହେବା ସହ ଉକ୍ତ ରାସ୍ତାରେ ଯାତାୟତ କରୁଥିବା ସ୍କୁଲ ଛାତ୍ରଛାତ୍ରୀ ଏବଂ ବୃଦ୍ଧ ବ୍ୟକ୍ତି ନାନାଦି ସମସ୍ୟାରେ ପଡିବା ସହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାକୁ ନେଇ ଗତ ୨୪ ତାରିଖରେ ଗ୍ରାମବାସୀ ଜିଲ୍ଲାପାଳ, କେନ୍ଦୁଝର ବନଖଣ୍ଡ ଅଧିକାରୀ, ରାଜ୍ୟ



ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ସମସ୍ୟା ନେଇ କେହି ନ ଶୁଣିବାରୁ ପରିବେଶବିତ୍ ତଥା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଭୁବନେଶ୍ୱର କାର୍ଯ୍ୟାଳୟକୁ ଚିଠି କରି ଏ ଦିଗରେ ପଦକ୍ଷେପ ନେବା ସହ ଲୋକଙ୍କ ଜୀବନଜୀବିକା ଓ ଚାଷଜମିର ସୁରକ୍ଷା କରିବାକୁ ଜିଲ୍ଲା ପ୍ରଶାସନକୁ ଆଦେଶ କରିବାକୁ କହିଥିଲେ।

ଗତ ୧ତାରିଖରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବଙ୍କୁ ଚିଠି କରି ପଦକ୍ଷେପ ନେବାକୁ କହିଛନ୍ତି। ଗ୍ରାମ୍ୟ ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ ମଣିଷ ଏବଂ ଗୃହପାଳିତ ପଶୁ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାବ୍ୟତୀତ ଗ୍ରାମ୍ୟ ରାସ୍ତା ପାଶ୍ୱର୍ ବେସରକାରୀ ଜମି ଅଧିଗ୍ରହଣ ନ କରି ଏବଂ ଲୋକଙ୍କୁ କ୍ଷତିପୂରଣ ନ ଦେଇ ରାସ୍ତା ଚଉଡା କରାଯାଉଛି। ତଳକଇଁସାରୀ ଗ୍ରାମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଶତାଧିକ ପରିବାର ବସବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁଣ୍ଡା, ପାଉଡିଭୂୟାଁ ସମ୍ପ୍ରଦାୟର ଅଟନ୍ତି। ଚାଷ ଜମିରେ ଲୌହ ମିଶ୍ରିତ ଲାଲ ପାଣି ମିଶୁଥିବାରୁ ଜମିର ଉର୍ବରତା ନଷ୍ଟ ହେବା ସହ ଚାଷ କଲେ କମ୍ ଉତ୍ପାଦନ ହେଉଛି। ଖଣି ବର୍ଜ୍ୟବସ୍ତୁ ବର୍ଷା ଦିନରେ ଧୋଇ ଆସି ବିଲ, ନାଳରେ ମିଶି ଜଳ ପ୍ରଦୂଷିତ କରୁଛି। ଖରା ଏବଂ ଶୀତ ଦିନରେ ଗାଡି ଚଳାଚଳ ବେଳେ ଧୂଳି ଉଡି ଘର,ପୋଖରୀ ଉପରେ ପଡୁଛି। ପୋଖରୀ ଏବଂ ନାଳରେ ଧୂଳିର ଆସ୍ତରଣ ବସି ରହୁଥିବାରୁ ଏଠାରେ ଗାଧୋଉଥିବା ଲୋକ ବିଭିନ୍ନ ଜଳ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗାଁ ରାସ୍ତାରେ ଭାରୀଯାନ ଚଳାଚଳ ନ କରିବାକୁ ଗାଁ ଲୋକ ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣିର ଆଞ୍ଚଳିକ ପରିଚାଳକଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ କରିଛନ୍ତି। ଲୁହାପଥର ପରିବହନ ପାଇଁ ଏକ ସ୍ୱତନ୍ତ୍ର ରାସ୍ତା କରିବାକୁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଖଣିଜ ପଥର ପରିବହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ କରି ଗ୍ରାମ୍ୟ ରାସ୍ତାରେ ଗାଡି ଚଳାଚଳ କରୁଥିବାରୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି ବୋଲି ଆଇନଜୀବୀ ଶଙ୍କର ପ୍ରସାଦ ପାଣି କହିଛନ୍ତି। ତଳକଇଁସାରୀ ଗ୍ରାମ୍ୟ ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ସହ କ୍ଷତିଗ୍ରସ୍ତ ଚାଷ ଜମିର ପୁନରୁଦ୍ଧାର ଏବଂ ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି। କରିଛନ୍ତି। ଶୁଆକାଟିସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣିର ଆଞ୍ଚଳିକ ପରିଚାଳକ ପଙ୍କଜ ମହାନ୍ତ କହିଛନ୍ତି, ଲୋକମାନେ ଗ୍ରାମ୍ୟ ରାସ୍ତାରେ ଗାଡି ଚଳାଚଳକୁ ବିରୋଧ କରି ଆନ୍ଦୋଳନ କରୁଛନ୍ତି। ଓଏମ୍‌ସି ପକ୍ଷରୁ ଉକ୍ତ ଗ୍ରାମ୍ୟ ରାସ୍ତାର କଂକ୍ରିଟକରଣ କରିବା ସହ ରକ୍ଷଣାବେକ୍ଷଣ କାମ କରାଯାଉଛି। ପୂର୍ବରୁ ଲୋକମାନଙ୍କ ସହମତିରେ ଗାଡି ଚଳାଚଳ କରୁଥିଲା। କେବଳ ଉକ୍ତ ରାସ୍ତାରେ ଖାଲି ଗାଡି ଚଳାଚଳ କରୁଛି।

## ଶ୍ରୀନୃସିଂହ ନାରାୟଣ ରାସପାର୍ଟିରେ ଜନ୍ମାଷ୍ଟମୀ



ଆନନ୍ଦପୁର, ୪।୯ (ସମିସ): ଆନନ୍ଦପୁର ଶ୍ରୀ ନୃସିଂହନାରାୟଣ ରାସ ପାର୍ଟିରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ପୂଜକ ଗୌରଚନ୍ଦ୍ର ମିଶ୍ରଙ୍କ ବେଦପାଠ ଓ ସତ୍ୟବ୍ରତ ରାମ ସଂକଳ୍ପରେ ଆହୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର କଳାକାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବା ବେଳେ ରାସ ପାର୍ଟି ଉପଦେଷ୍ଟା ନାରାୟଣ ଚନ୍ଦ୍ର ଶା ନାରାୟଣ ସାମଲ ସନ୍ତୋଷ ସିଂହ ଶ୍ରୀଧର ଖୁଣ୍ଟିଆ ରମାକାନ୍ତ ନାୟକ ମଦନ ପାଣି ମନରଞ୍ଜନ ମହାପାତ୍ର ହରିହର ଜେନା ମଦନ କୁଣ୍ଡ ଗୌରାଙ୍ଗ ବେହେରା ବୁବୁଲ ଚାନ୍ଦ ବାପୁ ମିଶ୍ର କାନ୍‌ହା ଭଟାଚାର୍ଯ୍ୟ କିରଣ ପାଢ଼ୀ ଗୌରାଙ୍ଗ ବେହେରା ଦେବେନ ଦାସ ରବୀନ୍ଦ୍ର ପାତ୍ର ପଦ୍ମନାଭ ପାତ୍ର ରୋଶନ କୁମାର ବରାଳ ସୁରେଶ କୁମାର ସାହୁ ରାସ ସଂଗୀତ ପରିବେଷଣ କରିଥିଲେ।

## ଚନ୍ଦ୍ରିକା କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ ଓ ଜନ୍ମାଷ୍ଟମୀ ପାଳିତ

ଶୁଳିଆପଦା,୪।୯ (ସମିସ): ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ ଦେଉଳିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ର ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଓ ୩୩ତମ ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଭକ୍ତି ଓ ଆଡମ୍ବର ସହକାରେ ପାଳନ କରାଯାଇଛି। ଏ ଅବସରରେ ଅନୁଷ୍ଠାନର କୁନି କୁନି ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ ଓ ରାଧା ବେଶରେ ସଜ୍ଜିତ ହୋଇ ମନମୋହକ ନାଚ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୀତ ସହିତ ପିଲାଙ୍କ ନୃତ୍ୟର ତାଳେ ତାଳେ ସମଗ୍ର ପରିବେଶ ଭକ୍ତିମୟ ହୋଇ ଉଠିଥିଲା।

ଉପସ୍ଥିତ ଦର୍ଶକ ଝୁମିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ମନୋଜ କୁମାର ବେହେରା, ପରିଚାଳନା ନିର୍ଦ୍ଦେଶିକା ଚନ୍ଦ୍ରିକା ପୋଥାଳ, ସମସ୍ତ ଗୁରୁଜୀ, ଗୁରୁମା ଓ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇଥିଲା। ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ ନାଏକ, ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରଣ ଭୋଳ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା, ଶିକ୍ଷାବିତ ଆଦିତ୍ୟପଣ୍ଡା, ସମାଜସେବୀ ଅନ୍ତର୍ଯ୍ୟାମୀ କାନୁନଗୋ, ମଣ୍ଡଳ ସଭାପତି ମନୋଜ ଦାଁ, ଶୁଳିଆପଦା +୨ ମହାବିଦ୍ୟାଳୟର ଅଧକ୍ଷ ଶୋଭାକର ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ମନୋଜ ପଣ୍ଡା, ରଞ୍ଜନ କୁମାର ଦାଶ, ଦୀପକ କୁମାର ନାୟକ, ସାରଦା ପ୍ରସାଦ ବାରିକ, ଜୟନ୍ତ ଧଡା, ସତ୍ୟ ମହାପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।



## କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମେହେର ଜୟନ୍ତୀ

କରଞ୍ଜିଆ,୪।୯ (ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ତମ ଜୟନ୍ତୀ ଅବସରରେ ଆଲୋଚନାଚକ୍ର ଓ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ମିଳନ ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ ଇଂରାଜୀ ବିଭାଗ ମୁଖ୍ୟ ଡକ୍ଟର ଅବନୀକାନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରାଚ୍ୟ ସଂସ୍କୃତି ପ୍ରୀତି, ସ୍ୱାଭିମାନ ଓ ସାହିତ୍ୟ ସାଧନାର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ କବି ଓ କଥାକାର ମିତ୍ରଭାନୁ ତନ୍ତୀ ଗଙ୍ଗାଧର ମେହେରଙ୍କ କାବ୍ୟକବିତାରେ ପ୍ରକୃତି ଚିତ୍ରଣର ଅନନ୍ୟ କୌଶଳ ଓ ମାନବୀୟ ସମବେଦନାର ସ୍ୱରୂପ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

ସେହିପରି ଆଭାସୀ ମାଧ୍ୟମରେ ଯୋଗଦେଇ ଚିତାଲୋ ଡିଗ୍ରୀ କଲେଜ, ଯାଜପୁରର ଓଡ଼ିଆ ବିଭାଗ ମୁଖ୍ୟ ତଥା ବିଶିଷ୍ଟ କଥାକାର ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ ଗଙ୍ଗାଧର ମେହେରଙ୍କୁ "ଆଲୋକ ଓ ଅମୃତର କବି' ଓ ଓଡ଼ିଆ ଜାତି ଅସ୍ମିତାର ଅନନ୍ୟ ପ୍ରତୀକ ଓ ମାର୍ଗଦର୍ଶକ ଭାବେ ଅଭିହିତ କରିଥିଲେ। କାର୍ଯ୍ୟକ୍ରମକୁ ଚାରିଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟ କୃତିକୁ ନେଇ ମହାବିଦ୍ୟାଳୟର +୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତାଙ୍କ ସମେତ ଅଧ୍ୟାପକ-ଅଧ୍ୟାପିକା ପୂଜାଶ୍ରୀ ସେଠୀ, ସନ୍ଧ୍ୟାରାଣୀ ନାଏକ, ସଞ୍ଜୟ କୁମାର ମୁଣ୍ଡା, ଡକ୍ଟର ନରେନ୍ଦ୍ର କୁମାର ପାତ୍ର ଓ ଗବେଷକ ସୁଦର୍ଶନ ସାହୁ ଗଙ୍ଗାଧର ମେହେରଙ୍କ କାବ୍ୟ କବିତାର



ଉଦ୍‌ଘାଟନୀ ପର୍ଯ୍ୟାୟରେ ମୁଖ୍ୟଅତିଥି ଅଗ୍ରପୂଜ୍ୟ ଶ୍ରୀଗଣେଶ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପରେ ସଦ୍ୟ ପ୍ରୟାତ ପ୍ରଥିତଯଶା କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଓ ସାହିତ୍ୟିକ ଗିରି ଦଣ୍ଡସେନାଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସ୍ମୃତି, ସ୍ୱାଗତିକା, ପ୍ରତୀମା, ସତ୍ୟବ୍ରତ, ଗୀତାଞ୍ଜଳି ଓ ଗାୟତ୍ରୀ ପ୍ରମୁଖ ଗଙ୍ଗାଧର ମେହେରଙ୍କ ସାହିତ୍ୟକୃତି ଉପରେ ନିଜସ୍ୱ ନିବନ୍ଧ ଉପସ୍ଥାପନ କରିଥିଲେ। କୁଇଜ୍ ପ୍ରତିଯୋଗିତା ଓ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପାଠଚକ୍ର ସମ୍ପାଦିକା ସ୍ୱାଗତିକା ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ● ଅର୍ଜୁନବିଲ୍ଲା ପଞ୍ଚାୟତରେ ହାତୀ ଉପଦ୍ରବ

## ବ୍ୟାପକ ଫସଲ ନଷ୍ଟ, ଚିନ୍ତାରେ ଚାଷୀ





ଖୁଣ୍ଟିଂ,୪।୯ (ସମିସ): ଶୁକ୍ଳି ବ୍ଲକର ଅର୍ଜୁନବିଲ୍ଲା ପଞ୍ଚାୟତ ଅନ୍ତର୍ଗତ ବରଦାପାଳ, ଶିଆଳି ଗୋଠାଣି, ଆଦିପୁର ପ୍ରଭୃତି ମୌଜାରେ ୯ ଟିକିଆ ହାତୀପଲର ଉପଦ୍ରବ ଦେଖିବାକୁ ମିଳିଛି। ବୈତରଣୀ ନଦୀ କୂଳବର୍ତ୍ତୀ ଏହି ଗ୍ରାମର ଚାଷୀ ବର୍ଷ ସାରା ବିଭିନ୍ନ ଫସଲ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଆଜି ବଡିଭୋରରୁ ବରଦାପାଳ ମୌଜା ପରିସୀମାରେ ଥିବା ଶିଆଳିଗୋଠାଣି ଗ୍ରାମର ମିତ୍ରଭାନୁ ବେହେରା, ଶିରିଶ ଚନ୍ଦ୍ର ବେହେରା, ପ୍ରସନ୍ନ ବେହେରା, ବିପିନ ବିହାରୀ ବେହେରା ଓ ସତ୍ୟାନନ୍ଦ ବେହେରା ପ୍ରମୁଖ ଚାଷୀଙ୍କ ୧୫ ଏକରରୁ ଉର୍ଦ୍ଧ୍ୱ ତଳିରୁଆ ଧାନ କିଆରୀରେ ହାତୀପଲ ଦଳିଚକଟି ଚାଲି ଯାଇଥିବାରୁ ତାହା ନଷ୍ଟ ହୋଇଯାଇଛି। ଏଥିସହିତ ଆଦିପୁର ମୌଜାର ସହଦେବ ମୁଣ୍ଡା ପ୍ରମୁଖ କ୍ଷୁଦ୍ର ଓ ନାମମାତ୍ର ଚାଷୀ କିଛି ଅର୍ଥ ରୋଜଗାର କରିବା ଆଶାରେ ପ୍ରାୟ ୧୦ ଏକର ପରିମିତ ନିଜ ଟିକଟଭୁକ୍ତ ପଡିଆ ଜମିରେ ବୋଇତି କଖାରୁ ଚାଷ କହିଥିଲେ। ମାତ୍ର ଏହି ହାତୀପଲ ଫୁଲ, ଫଳ ଧରିବା ଅବସ୍ଥାରେ ଥିବା ଏହି ଫସଲକୁ ଖାଇବା ସହିତ ଦଳି ନଷ୍ଟ କରିଦେଇଛନ୍ତି। ହାତୀଙ୍କ ଦ୍ୱାରା ଏହି ବ୍ୟାପକ କ୍ଷୟକ୍ଷତି ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ବନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଅନୁକମ୍ପା ରାଶି ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

## ୪୦ ମେଟ୍ରିକ ଟନ୍ ଲୁହାପଥର ସହ ଗାଡ଼ି ଜବତ

ଯୋଡ଼ା/ବଡ଼ବିଲ, ୪।୯ (ସମିସ): ଖଣି ବିଭାଗ ପକ୍ଷରୁ ଯାଞ୍ଚ ବେଳେ ପ୍ରାୟ ୪୦ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ଏକ ଗାଡ଼ିକୁ ଜବତ କରାଯାଇଛି। ଜବତ ଗାଡ଼ିର ନମ୍ବର ହେଉଛି ଓଡି୦୯ ଜେଡ୍ ୪୮୪୬। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨ ତାରିଖ ରାତ୍ରି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ବଡ଼ବିଲ ବେଲକୁଣ୍ଡିସ୍ଥିତ ଜେଆରସି ରେଳ ସାଇଡିଂ ନିକଟରେ ଖଣି ବିଭାଗର ଅଧିକାରୀମାନେ ଯାଞ୍ଚ କରୁଥିବା ବେଳେ ଏହି ଗାଡ଼ିଟି ଧରାପଡ଼ିଥିଲା। ଗାଡ଼ିରେ ପ୍ରାୟ ୪୦ ମେଟ୍ରିକ ଟନ୍ ଉଚ୍ଚ ମାନର ଲୁହାପଥର ବୋଝେଇ ଥିବା ଜଣାପଡ଼ିଛି। ଖଣି ବିଭାଗ ପକ୍ଷରୁ ଗାଡ଼ିଟିକୁ ଜବତ କରାଯାଇ ଘଟଣାର ତଦନ୍ତ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ ଜାରି ରହିଛି। ନିୟମ ଉଲ୍ଲଂଘନ ହୋଇଥିଲେ ସମ୍ପୃକ୍ତ ଗାଡି ଓ ଏହାର ମାଲିକ ବିରୋଧରେ ଖଣି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି। ଯୋଡ଼ା ଖଣି ବିଭାଗର ଏକ ଚାରି ଜଣିଆ ଟିମ୍ ବଡବିଲ ରେଳ ସାଇଡିଙ୍ଗରେ ଉକ୍ତ ଅତର୍କିତ ଚଢ଼ଉ କରିଥିଲେ। ଜବତ ଲୁହାପଥରର ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିବା ବେଳେ ଖଣି ବିଭାଗ ତଦନ୍ତକୁ ବ୍ୟାପକ କରିଛି।

## ଯୋଡ଼ା ପୌରପାଳିକା ପାଇଁ ବିଧାୟକଙ୍କ ପ୍ରତିନିଧି ନିଯୁକ୍ତ



ଯୋଡ଼ା, ୪।୯ (ସମିସ): ଯୋଡ଼ା ପୌରପାଳିକାରେ ନିଜର ପ୍ରତିନିଧି ଭାବେ ଚତୁର୍ଭୁଜ ପଲେଇଙ୍କୁ ନିଯୁକ୍ତ କରିବା ପାଇଁ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ସୁପାରିସ କରିଛନ୍ତି। ଏନେଇ ବିଧାୟକଙ୍କ ପକ୍ଷରୁ ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ପତ୍ର ଦିଆଯାଇଛି।ୟ ବାଂଶପାଣି ଅଞ୍ଚଳର ବାସିନ୍ଦା ଚତୁର୍ଭୁଜ ପଲେଇ ବିଧାୟକଙ୍କ ଅନୁପସ୍ଥିତିରେ ଯୋଡ଼ା ପୌରପାଳିକା ସମ୍ବନ୍ଧୀୟ ସରକାରୀ ବୈଠକରେ ଯୋଗଦେବା ସହ ବିଭିନ୍ନ ସରକାରୀ ଚିଠିପତ୍ର ଓ ଯୋଗାଯୋଗ କାର୍ଯ୍ୟରେ ବିଧାୟକଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେପ୍ଟେମ୍ବର ୩, ୨୦୨୬ରେ ଜାରି ହୋଇଥିବା ଏହି ପତ୍ରରେ ବିଧାୟକ ମହାକୁଡ଼ ଆବଶ୍ୟକ ପଦକ୍ଷେପ ନେବାକୁ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

## ଦିଲ୍ଲୀପ ପାତ୍ର ଚିତ୍ରଡା ଫାଣ୍ଡି ନୂଆ ଅଧିକାରୀ

ମୋରଡା,୪।୯ (ସମିସ): ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ଗୁରୁବାର ଏଏସଆଇ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ତେବେ ମଦ ମାଫିଆଙ୍କ ସହ ମଧୁଚନ୍ଦ୍ରିକା ରଖିଥିବା ଅଭିଯୋଗରେ ଏସ୍‌ପି ଚିତ୍ରଡାରେ ସେହି ସମୟରେ କାର୍ଯ୍ୟରତ ଥିବା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ତେବେ ମୋରଡା ଥାନାରେ ରୁଜୁ ହେଉଥିବା ମାମଲାର ୬୦ ପ୍ରତିଶତ ଚିତ୍ରଡା ଫାଣ୍ଡି ଅଞ୍ଚଳର ଘଟଣା ରହିଥାଏ। ଦୀର୍ଘଦିନ ଧରି ଫାଙ୍କା ପଡିଥିବା ଫାଣ୍ଡି ଅଧିକାରୀଙ୍କ ପଦବୀକୁ ବଡ଼ସାହି ଥାନା ଏଏସଆଇ/୪୬ ଦିଲ୍ଲୀପ କୁମାର ପାତ୍ରଙ୍କୁ ନୂତନ ଦାୟିତ୍ୱ ଦେଇଥିବା ନେଇ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୮୮୭/୩।୯।୨୬ରେ ଉଲ୍ଲେଖ କରାଯାଇଛି।

## ଗୋହିରା ଛକରେ ଦୁଇ ବାଇକ୍ ମୁହାଁମୁହିଁ

ଆନନ୍ଦପୁର, ୪।୯ (ସମିସ): ୨୦ ନମ୍ବର ଜାତୀୟ ରାଜପଥର ଗୋହିରା ଛକରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତରଙ୍କ ସହ ତିନି ଜଣ ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଳଗାଆଁ ଗ୍ରାମର ଅର୍ଜୁନ ଜେନା, ଗୋବର୍ଦ୍ଧନ ପାତ୍ର, ଅଭି ଦାସ ଗୋହିରା ହାଟରୁ ଟୁକୁଣା ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଓସ୍ତପୁରା ମିଲ ସାହି ଗୋହିରାରୁ କାମ ସାରି ଫେରୁଥିବା ସମୟରେ ଏଭଳି ଦୁର୍ଘଟଣା ହୋଇଥିଲା।

## ଠକେଇ ଅଭିଯୋଗରେ ଯୁବକ ଗିରଫ

ତୁରୁମୁଙ୍ଗା, ୪।୯ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ଠକେଇ ଅଭିଯୋଗରେ ଭୁବନେଶ୍ୱରରୁ ଜଣେ ଯୁବକକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଯାଜପୁର ଜିଲ୍ଲା ମଙ୍ଗଳପୁର ଗ୍ରାମର ସତ୍ୟଜିତ ଘଡେଇ (୩୬)। ତୁରୁମୁଙ୍ଗା ଥାନା ବଡ ଗମ୍ଭାରୀଆ ଗ୍ରାମର ନିତ୍ୟାନନ୍ଦ ମହାପାତ୍ରଙ୍କୁ ଏକ ୧୪ଚକିଆ ଟ୍ରକ ୨୫ ଲକ୍ଷ ୬୦ ହଜାରରେ କରାଇଦେବ କହି ୪ ବର୍ଷ ତଳୁ ଅଗ୍ରୀମ ୨ ଲକ୍ଷ ଟଙ୍କା ନେଇଥିଲା। ମାତ୍ର ଗାଡି ଦେଇ ନଥିଲା। ଏନେଇ ବାରମ୍ବାର ତାଙ୍କୁ ହଇରାଣ କରିବା ପରେ ନିତ୍ୟାନନ୍ଦ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ



ହୋଇଥିଲା। ଗୁରୁବାର ଏକ ଟିମ ଭୁବନେଶ୍ୱର ଯାଇ ବରଗଡ଼ ଥାନାଞ୍ଚଳରୁ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ସତ୍ୟଜିତ ଘଡେଇଙ୍କ ନାମରେ ପୂର୍ବରୁ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଥାନାରେ ଏକାଧିକ ଠକେଇ ମାମଲା ଥିବା ପୁଲିସ ସୂଚନା ଦେଇଛି। ଏଏସଆଇ ସୁଜାତା ମହାନ୍ତ ତଦନ୍ତ କରୁଛନ୍ତି।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା

# ବାଲିଡିହାରେ ବିଦ୍ୟୁତ୍ ସଂଯୋଗ ଦାବିକୁ ମାସେ ପୂରିଲା

ଠାକୁରମୁଣ୍ଡା/ମହୁଲଡିହା, ୪।୯ (ସମିସ)

ଦୀର୍ଘଦିନ ଧରି ବିଦ୍ୟୁତ ଆଲୋକରୁ ବଞ୍ଚିତ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ବାଲିଡିହା ଗ୍ରାମବାସୀଙ୍କ ଦୁର୍ଦ୍ଦଶା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଗତ ଜୁଲାଇ ୨୯ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ବିଦ୍ୟୁତ ସଂଯୋଗୀକରଣ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ଗ୍ରହଣ କରି ଜିଲ୍ଲାପାଳ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ବାରିପଦା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକୁ ଇତିମଧ୍ୟରେ ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରିଯାଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ନା ଅଧିକାରୀ ଗ୍ରାମକୁ ଆସିଛନ୍ତି, ନା ସମସ୍ୟାର ସମାଧାନ ପାଇଁ କୌଣସି କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ଗ୍ରାମବାସୀଙ୍କ ମନରେ ପ୍ରଶ୍ନ ଉଠିଛି ଜିଲ୍ଲାପାଳଙ୍କ ନିର୍ଦ୍ଦେଶର ମୂଲ୍ୟ କ'ଣ? ଯଦି ସମ୍ପୃକ୍ତ ବିଭାଗ ଜିଲ୍ଲାପାଳଙ୍କ



ନିର୍ଦ୍ଦେଶକୁ ଅଣଦେଖା କରିବ? ତେବେ ଆମେ କାହା ପାଖରେ ଅଭିଯୋଗ କରିବୁ ବୋଲି ପ୍ରଶ୍ନ କରିଛନ୍ତି। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ବାଲିଡିହା ଗ୍ରାମରେ ବିଦ୍ୟୁତ ଭଳି ମୌଳିକ ସୁବିଧା ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଘରୋଇ କାର୍ଯ୍ୟ, ମୋବାଇଲ ଚାର୍ଜ, ସରକାରୀ ଅନଲାଇନ ସେବା ଓ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ, ଦାବିପତ୍ର ଦେଲେ ନିର୍ଦ୍ଦେଶ ମିଳୁଛି, ନିର୍ଦ୍ଦେଶ ମିଳିଲେ ମଧ୍ୟ କାମ ହେଉନାହିଁ। ତେବେ ସାଧାରଣ ଲୋକେ ନିଜ ସମସ୍ୟା ନେଇ କାହା ପାଖକୁ ଯିବେ? ଏ ନେଇ ବିଦ୍ୟୁତ ବିଭାଗର ନିଷ୍କ୍ରିୟତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯଦି ବିଭାଗୀୟ ଅଧିକାରୀ ଏଭଳି ନିରବ ରହନ୍ତି, ତେବେ ଏହା କେବଳ ବିଭାଗୀୟ ଅବହେଳା ନୁହେଁ, ବରଂ ପ୍ରଶାସନିକ ନିର୍ଦ୍ଦେଶର ଅବମାନନା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ତୁରନ୍ତ ବାଲିଡିହାକୁ ବିଦ୍ୟୁତ ସଂଯୋଗ ଦେବା ସହ ଏହି ମାମଲାରେ ବିଳମ୍ବ କରୁଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରି କଡ଼ା ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ବ୍ୟବସାୟ ଆରମ୍ଭ କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କର୍କଟ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି।

**ସିଂହ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧନ ହେବ। ଅତିଥି ସତ୍କାର କରିପାରନ୍ତି। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ଛାତ୍ରଛାତ୍ରୀଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଲୋକ ସମ୍ପର୍କ ବୃଦ୍ଧି ପାଇପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ମିଳିପାରେ। ପିଲାମାନେ ଖେଳମନସ୍କ ହେବେ। ଅନ୍ୟମାନଙ୍କୁ କଷ୍ଟ ଦେବା ପରି କଥା କୁହନ୍ତୁନି। ଧୈର୍ଯ୍ୟ ରଖି କାମ କରନ୍ତୁ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କର୍ମଚଞ୍ଚଳ ରହିବେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମକର:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ନିଜ ଲୋକ ଶତ୍ରୁ ସାଜିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୬୬୬- ଲଣ୍ଡନରେ ଭୟାବହ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୩,୨୦୦ ଘର ନଷ୍ଟ ହେବା ସହ ଆଠ ଜଣଙ୍କ ମୃତ୍ୟୁ।
- ୧୮୩୯- ଚୀନ୍‌ରେ ପ୍ରଥମ ଅଫିମ ଯୁଦ୍ଧ ଆରମ୍ଭ।
- ୧୯୨୦-ମେକ୍ସିକୋରେ ରାଷ୍ଟ୍ରପତି ନିର୍ବାଚନ ଆରମ୍ଭ।
- ୧୯୯୧- ନେଲସନ୍ ମଣ୍ଡେଲା ଆଫ୍ରିକୀୟ ନ୍ୟାସନାଲ୍ କଂଗ୍ରେସର ଅଧ୍ୟକ୍ଷ ନିର୍ବାଚିତ।
- ୧୯୯୭- ମଦର ଟେରେସାଙ୍କ ପରଲୋକ।

# ଗୁରୁ ହିଁ ସାକ୍ଷାତ ଈଶ୍ୱର



ଭାରତବର୍ଷରେ ଗୁରୁଶିଷ୍ୟ ପରମ୍ପରା ବହୁ ପ୍ରାଚୀନ। ବିନା ଗୁରୁରେ କେହି କେବେ ସଫଳତାର ଶିଖର ଛୁଇଁପାରି ନ ଥାଏ। କେବେ ଆକଟ ଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା । ସାଧାରଣ ଛାତ୍ରଟିକୁ ଅସାଧାରଣ କରିବାର ଶକ୍ତି ତାଙ୍କ ପାଖେ। କଞ୍ଚାମାଟି ପିଣ୍ଡୁଳାକୁ ସୁନ୍ଦର ପ୍ରତିମା ରୂପେ ଗଢ଼ିବାରେ ନିରନ୍ତର ଚେଷ୍ଟା କରିଥାନ୍ତି ଗୁରୁ। ଶିକ୍ଷା ପ୍ରଦାନ ସହ ଜୀବନକୁ ମାର୍ଜିତ, ଶୃଙ୍ଖଳିତ କରିବାରେ ତାଙ୍କ ଅବଦାନ ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପାଠ ଠାରୁ ଖେଳକୁଦ ପୁଣି ନୃତ୍ୟ, ସଙ୍ଗୀତ, ଅଭିନୟ, ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁଙ୍କ ଯୋଗଦାନ ଲୋଡ଼ାଥାଏ । ଛାତ୍ରର ମାର୍ଗଦର୍ଶକ ସାଜି ଭଲ ମଣିଷ ରୂପେ ଗଢ଼ିତୋଳିବାରେ ଗୁରୁଙ୍କ ଭୂମିକା ସର୍ବାଗ୍ରେ। ଭାରତୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ। ଅତୀତରେ ଗୁରୁକୁଳ ଆଶ୍ରମଗୁଡ଼ିକରେ ଶିଷ୍ୟମାନଙ୍କୁ ସାଧୁତା-ନୈତିକତା ମୂଲ୍ୟବୋଧ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଥିଲା। ଆଜିର ଆଧୁନିକ ଯୁଗରେ ଶିକ୍ଷାଦାନର ଶୈଳୀ ବଦଳିଛି। ବ୍ଲାକବୋର୍ଡ ସ୍ଥାନରେ ସ୍ମାର୍ଟବୋର୍ଡ ଏବଂ କ୍ଲାସରୁମ୍ ସ୍ଥାନରେ ଇଣ୍ଟରନେଟ୍ ଆସିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଗୁଗଲ୍ ତଥ୍ୟ ଦେଇପାରେ, ହେଲେ ସେହି ତଥ୍ୟକୁ ଜୀବନରେ କେମିତି ପ୍ରୟୋଗ କରାଯିବ ଏବଂ ଭଲ-ମନ୍ଦର ବିଚାର କେବଳ ଜଣେ ଗୁରୁ ହିଁ ଦେଇପାରିବେ। ଗୁରୁଙ୍କ ସ୍ନେହଭରା ଚାହାଣୀ ଓ ଶାସନର ବିକଳ୍ପ କୌଣସି ଟେକ୍ନୋଲୋଜି ହୋଇପାରିବ ନାହିଁ। ଆମ ଦେଶରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ। ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିରେ ପାଳିତ ହୁଏ ଗୁରୁ ଦିବସ। ୧୮୮୮ ମସିହା ଆଜିର ଦିନରେ ତାମିଲନାଡୁର ତିରୁଟ୍ଟନୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷା ପ୍ରତି ଥିବା ତାଙ୍କର ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଏ। ୧୯୬୨ ମସିହାରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହେଲେ। ସେ ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ। ମାତ୍ର ସେ ସେମାନଙ୍କୁ ନିଜ ଜନ୍ମଦିନ ପାଳିବାକୁ ମନା କରିଥିଲେ। ଜନ୍ମଦିନ ପାଳନ କରିବା ଅପେକ୍ଷା ଏହି ଦିନକୁ ଗୁରୁମାନଙ୍କ ଦିବସ ଭାବେ ପାଳନ କରାଗଲେ, ତାହା ତାଙ୍କ ପାଇଁ ବଡ଼ ସମ୍ମାନ ହେବ ବୋଲି କହିଥିଲେ। ସେବେଠୁ ତାଙ୍କ ଜନ୍ମଦିବସକୁ 'ଗୁରୁ ଦିବସ' ଭାବେ ପାଳନ କରାଯାଇ ଆସୁଛି। ରାଧାକ୍ରିଷ୍ଣନ୍‌ଙ୍କ କ୍ୟାରିୟର ଶିକ୍ଷକତାରୁ ଆରମ୍ଭ ହୋଇଥିଲା। ଶିକ୍ଷାର ମହତ୍ତ୍ୱ ଉପରେ ସଚେତନତା ସୃଷ୍ଟି କରିବା ସହ ଦେଶର ସାକ୍ଷରତା ହାର କିଭଳି ଉପରକୁ ଉଠିବ, ତାହା ଥିଲା ତାଙ୍କର ଲକ୍ଷ୍ୟ। ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନରେ ଶିକ୍ଷାଦାନ କରିଥିଲେ। ବେଦ, ଉପନିଷଦକୁ ସେ ଅତି ସୁନ୍ଦର ଭାବେ ବ୍ୟାଖ୍ୟା କରୁଥିଲେ। ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଏ। ଜୀବନର ପ୍ରଥମ ଗୁରୁ ମାଆଙ୍କଠାରୁ ଆରମ୍ଭ କରି ସ୍କୁଲ, କଲେଜ ଏବଂ କର୍ମକ୍ଷେତ୍ରରେ ଆମକୁ ବାଟ ଦେଖାଇଥିବା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଏହି ଦିନଟି କୃତଜ୍ଞତା ଜଣାଇବାର ଦିନ।

# 'ସମୁକ୍' ଅକ୍ଷୟଙ୍କ ସହ ଧମାକା କରିବେ ବଙ୍ଗୀୟ ନାୟିକା





ବଲିଉଡ୍‌ରେ ଅକ୍ଷୟ କୁମାର ଏକମାତ୍ର ତାରକା ଯାହାଙ୍କର ବର୍ଷରେ ଏକାଧିକ ଫିଲ୍ମ ରିଲିଜ୍ ହୁଏ। ସବୁଠୁ ବଡ଼ କଥା ହେଲା, କରୋନା ମହାମାରୀ ସମୟରେ ଫିଲ୍ମ ରିଲିଜ୍ କରିବାକୁ ବଡ଼ ବଡ଼ କଳାକାରମାନେ ପଛଘୁଞ୍ଚା ଦେଇଥିବାବେଳେ ଅକ୍ଷୟଙ୍କର ଏହି ସମୟରେ ବି ଫିଲ୍ମ ରିଲିଜ୍ ହୋଇଥିଲା। ଚଳିତ ବର୍ଷ ଅକ୍ଷୟଙ୍କ ଅଭିନୀତ 'ଭୂତ୍‌ବଙ୍ଗଲା' ଏବଂ 'ୱେଲକମ୍ ଟୁ ଦ ଜଙ୍ଗଲ' ରିଲିଜ୍ ହୋଇଛି। ଆଉ କିଛି ଦିନ ପରେ ତାଙ୍କ ଅଭିନୀତ 'ହୈୱାନ୍' ମୁକ୍ତିଲାଭ କରିବ। ନିକଟରେ ଅକ୍ଷୟ ତାଙ୍କ ନୂଆ ସିନେମା 'ସମୁକ୍'ର ଘୋଷଣା କରିଥିଲେ। ଏହା ଏକ ସାଇନ୍ସ ଫିକ୍ସନ୍ ଏଲିଅନ୍ ଥ୍ରିଲର୍ ଫିଲ୍ମ ହେବ। ଏଥିରେ ଅକ୍ଷୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ପାଇଁ ଅନେକ ଦିନ ହେଲାଣି ନାୟିକା ଖୋଜା ଚାଲିଥିଲା। ଏବେ ଏଥିରେ ବଙ୍ଗୀୟ ନାୟିକା ରୁକ୍ମଣୀ ମୈତ୍ରାଙ୍କୁ ଫାଇନାଲ କରାଯାଇଛି। ଏବେ ବଲିଉଡ୍‌ର ପ୍ରଯୋଜକମାନେ ସାଉଥ୍ ଅଭିନେତ୍ରୀଙ୍କୁ ଫିଲ୍ମରେ ବ୍ରେକ୍ ଦେଉଥିବାବେଳେ ପ୍ରଯୋଜକ ବିପୁଲ ଅମୃତ ଶାହ କିନ୍ତୁ ଜଣେ ବଙ୍ଗୀୟ ନାୟିକାଙ୍କୁ ତାଙ୍କ ଫିଲ୍ମରେ ନେବାକୁ ସ୍ଥିର କରିଛନ୍ତି। ରୁକ୍ମଣୀ ବଙ୍ଗଳା ସିନେମା ଜଗତର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି। କନିଷ୍କ ବର୍ମା ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିବାବେଳେ ବିପୁଲ ଶାହା ଓ ଅକ୍ଷୟ କୁମାରଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ।

# ୫ ବର୍ଷର ଝିଅ ପେଟରେ ୫୦ ଗ୍ରାମ୍‌ର ସୁନା ବିସ୍କୁଟ୍




ଚୀନ୍‌ରେ ଘଟିଥିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଉତ୍ତର ଚୀନ୍‌ର ଜଣେ ୫ ବର୍ଷର ଶିଶୁ କନ୍ୟା ଘରେ ଖେଳୁଥିବା ସମୟରେ ହଠାତ୍ ଏକ ୫୦ ଗ୍ରାମ୍ ଓଜନର ଛୋଟ ସୁନା ବିସ୍କୁଟ୍ ଗିଳି ଦେଇଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷରୁ ଅଧିକ ଥିଲା। ସୁନା ବିସ୍କୁଟ୍‌ଟି ଶିଶୁର ପେଟ ଭିତରେ ରହିଯାଇଥିଲା। ଏହାର ଅତ୍ୟଧିକ ଓଜନ ଏବଂ ଘନତ୍ୱ ଯୋଗୁଁ ପିଲାଟିର ପାକସ୍ଥଳୀ କିମ୍ବା ଖାଦ୍ୟନଳୀ କଟିଯିବାର ଏବଂ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ଥିବାରୁ ତା'ର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବେଜିଂ ଚିଲ୍‌ଡ୍ରେନ୍ସ ହସ୍‌ପିଟାଲକୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତରୀ ଦଳ ଏକ ଜଟିଳ ଏଣ୍ଡୋସ୍କୋପି ପ୍ରକ୍ରିୟା ମାଧ୍ୟମରେ ସେହି ସୁନା ବିସ୍କୁଟ୍‌ଟିକୁ ସୁରକ୍ଷିତ ଭାବେ ବାହାର କରି ଦେଇଥିଲେ। ବର୍ତ୍ତମାନ ଶିଶୁ କନ୍ୟାଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏହି ଖବର ଭାଇରାଲ ହେବା ପରେ, ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। ଏହି ଘଟଣା ପ୍ରତ୍ୟେକ ବାପାମାଆଙ୍କ ପାଇଁ ଏକ ଶିକ୍ଷା ବୋଲି ଅନେକ ଏଥିରେ ପ୍ରତିକ୍ରିୟା ଦେଇଛନ୍ତି। ଆଉ କିଛି ଜଣ ୫ ବର୍ଷର ପିଲା ପାଖରେ ସୁନା ବିସ୍କୁଟ୍ କେମିତି ପହଞ୍ଚିଲା, ସେ ନେଇ ପିତାମାତାଙ୍କ ଦାୟିତ୍ୱହୀନତାକୁ ନେଇ ସମାଲୋଚନା କରିଛନ୍ତି।

## ପ୍ରହେଳିକା

- କାହାସାଥେ ନାହିଁ ତା'ର ତୁଳନା
  ଦୁନିଆଁ ଅସାର ଲାଗେ ତାହାରି ବିନା
  ଯାହାଙ୍କ ପାଖରେ ନ ଥାଏ ସିଏ
  ଦୁନିଆଁ ତାହାଙ୍କୁ ମୂରୁଖ କୁହେ
  ଅତି ମୂଲ୍ୟବାନ ସମ୍ପତ୍ତି ସିଏ
  ନାମଟି ତାହାର କହିବ କିଏ ?

  ଉ- ଶିକ୍ଷା

- ଯାହାଙ୍କ ପାଇଁ ଆମେ ହେଉ ଶିକ୍ଷିତ
  ବୁଦ୍ଧି ବିବେକରେ ହେଉ ଶାଣିତ
  ଯିଏ ସେ ଗଢ଼ନ୍ତି ଆମ ଜୀବନ
  ଯାହାଙ୍କ ପାଇଁ ସଫଳ ଆମ ସପନ
  ଦୁନିଆଁର ଶ୍ରେଷ୍ଠ ବ୍ୟକ୍ତିତ୍ୱ ସିଏ
  ନାମଟି ତାଙ୍କର କହିବ କିଏ ?

  ଉ-ଗୁରୁ

- ବହିବସ୍ତାନୀ ସାଥିରେ ନେଇ
  ସକାଳୁ ଯାଉ ପଢିବା ପାଇଁ
  ରହିଥାନ୍ତି ସେଠି ଆମରି ଗୁରୁ
  ଶିକ୍ଷାଲାଭ କରୁ ତାଙ୍କରି ଠାରୁ
  କେତେ ସାଙ୍ଗସାଥି ସେଇଠି ଦେଖୁ
  ନୂଆ ନୂଆ କଥା ସେଠାରୁ ଶିଖୁ
  ସେ ସ୍ଥାନର ନାମ କହିବ ଯିଏ
  ସୁନାପିଲା ନିଶ୍ଚେ ହୋଇବ ସିଏ ?

  ଉ-ବିଦ୍ୟାଳୟ

- ଆମକୁ ଯିଏ ଶିକ୍ଷା ଦିଅନ୍ତି
  ଭଲମନ୍ଦ ସବୁ ସିଏ ଶିଖାନ୍ତି
  ସଫଳ କରନ୍ତି ଜୀବନ ପଥ
  ଚଳାଉଥାନ୍ତି ସେ ଶିକ୍ଷାର ରଥ
  ତାଙ୍କ ପାଇଁ ପାଳିତ ଏକ ଦିବସ
  କହିଲ ସେ କେଉଁ ଦିନ ବିଶେଷ ?

  ଉ-ଗୁରୁ ଦିବସ

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲରେ ପଠାଇ ପାରିବେ।

## ଗୁରୁ ଆଶିଷ ଅମୂଲମୂଲ



କୁଞ୍ଜବିହାରୀ ସାହୁ

ବିଦ୍ୟାଳୟରେ ପଢ଼ିବା ପାଇଁ
ହୋଇଲା ନାଁ ଲେଖା,
ସେହିଦିନ ଠୁ ଗୁରୁ, ଗୁରୁମା
ସହିତ ହେଲା ଦେଖା ।
ଆଦର କରି ପାଖରେ ବସି
ଶିଖେଇ ଅ, ଆ
କହିଲେ -ପିଲେ ଅକ୍ଷର ପରେ
ନିତି ଗାଉଥା ।
ଅ ଠୁ ଔ ଶିଖେଇଦେଲେ
ତା ପରେ କ, ଖ
ଗ, ଘ କୁ ଲେଖେଇଦେଲେ
କହିଲେ ତୁଣ୍ଡେ ଧ ।
ପିଠି ଆଉଁଶି କହିଲେ ଗପ
ଶୁଣେଇଦେଲେ ଗୀତ,
ଗୁରୁ ଦିବସେ ହୋଇଛୁ ଆମେ
ତୁମରି ସାଥୀ ମିତ ।
ଯିଏ ଲେଖାଏ, ବହି ପଢ଼ାଏ
ଶିଖାଏ ଭଲ କଥା,
ସିଏ ତ ପରା ଅଟନ୍ତି ଗୁରୁ
ନୁଆଁଇ ଦିଅ ମଥା ।
ଗୁରୁ ଆଶିଷ ଅମୂଲମୂଲ
ସରଗ ଠାରୁ ବଡ଼,
ଜୀବନେ ତୁମେ ମାନି ଚଳିଲେ
ଜିଣିପାରିବ ଗଡ଼ । ■

ପାତ୍ରପଡ଼ା, ଭୁବନେଶ୍ୱର

## ଗୁରୁ ପୂଜିବା ଆସ



ମହେନ୍ଦ୍ର କୁମାର ଘଡ଼େଇ

ପିଲାଏ ଯେତେ ମିଳି
ଆଣିଛୁ ଫୁଲ ତୋଳି
ଗୁରୁ ପୂଜିବା ପାଇଁ ଧରିଛୁ
ହାତେ ବନ୍ଦାଣ ଥାଳି ।
ପାଦ ଯୁଗଳ ଧୋଇ
ଫୁଲ, ଚନ୍ଦନ ଦେଇ
ଭକତି ଭରା ସମରପଣେ
ମଥାକୁ ଦେବୁ ନୋଇଁ ।
ଆଶିଷ ତାଙ୍କ ପାଇ
ପାଠେ ଆଗେଇ ଯାଇ
ଅଜ୍ଞାନ ଅମା ଅନ୍ଧାର ପାଖ
ପୂରାଇ ଦେବୁ ନାହିଁ।
ହୋଇବୁ ଭଲ ଚାଟ
ପଢ଼ିବୁ ମିଳି ପାଠ
ଛନ୍ଦ କପଟ ଅନୀତି ଛାଡ଼ି
ବୁଜିବୁ ଯେତେ ଫାଟ ।
ଆମେରେ ଫୁଲଝରି
ମହକ ବୋଳା ପରି
ଦୁନିଆ ବୋଝ ବାହିନେବାକୁ
ଯିବୁ ବରତ କରି ।
ଉପରେ ଗୁରୁ ଥାନ
କରିଲେ ସନମାନ
କରାଇଦେବେ ଜ୍ଞାନସିନ୍ଧୁରେ
ଗୋବିନ୍ଦ ଦରଶନ ।
ନିନ୍ଦା ନରକେ ବାସ
ପୂଜାରେ ମିଳେ ଯଶ
ଏଇ କଥାଟି ମନରେ ରଖି
ଗୁରୁ ପୂଜିବା ଆସ। ■

କ୍ଷେତ୍ରମୋହନ ବିଦ୍ୟାପୀଠ
କଟରପଡ଼ା, କଟକ

# ସୁମନ

## ହରିମାଷ୍ଟ୍ରେଙ୍କ ଗୁରୁଦକ୍ଷିଣା



ଶୁଭନାରାୟଣ ଶତପଥୀ



ରାମପୁର-ସାହସପୁରକୁ ଯିବା ବାଟରେ ଥିବା ଜଙ୍ଗଲରେ କିଛି ଚୋର ରହୁଥିଲେ। ଜଙ୍ଗଲ ବାଟ ଦେଇ ଯେଉଁ ଲୋକମାନେ ଯାଆନ୍ତି ତାଙ୍କ ଠାରୁ ସେମାନେ ଧନରତ୍ନ ଲୁଟି ନିଅନ୍ତି। ଲୋକମାନେ ଭାରି ହଇରାଣ ହରକତ ହୁଅନ୍ତି। ସେହି ଚୋରମାନଙ୍କୁ ଧରିବାକୁ ଦୁଇ ଗାଁର ଲୋକେ ଯେତେ ଚେଷ୍ଟା କଲେ ବି କିଛି ଫଳ ମିଳେ ନାହିଁ। କାରଣ ସେହି ଘଞ୍ଚ ଜଙ୍ଗଲର ଭିତରେ ସେମାନେ କୁଆଡ଼େ ଲୁଚିଯାଆନ୍ତି ତାଙ୍କୁ କେହି ଧରିପାରନ୍ତି ନାହିଁ। ଏପରି ଅବସ୍ଥାରେ ଲୋକେ ଜଙ୍ଗଲ ଦେଇ ଗଲା ବେଳେ ବହୁତ ଭୟଭୀତ ହୋଇଯାଆନ୍ତି। ଏକଦା ଦୁଇ ଗାଁର ଗ୍ରାମବାସୀ ଘୋଷଣା କଲେ ଯେ ଯିଏ ସେହି ଚୋର ଦଳକୁ ଧରାଇଦେବ ତାଙ୍କୁ ପୁରସ୍କାର ଦିଆଯିବ। ଏ ପୁରସ୍କାର ଖବର ପାଇ ଅନେକ ଲୋକ ଚୋର ଧରିବାକୁ ଚେଷ୍ଟା କଲେ ତଥାପି ବିଫଳ ହେଲେ। ଶେଷରେ ବ୍ୟସ୍ତ ହୋଇ କିଛି ଲୋକ ହରିମାଷ୍ଟ୍ରେଙ୍କ ପାଖକୁ ଗଲେ। ହରିମାଷ୍ଟ୍ରେ ଦୀର୍ଘ କୋଡ଼ିଏ ବର୍ଷ ହେଲା ଦୁଇ ଗାଁର ପିଲାମାନଙ୍କୁ ଶିକ୍ଷାଦାନ କରି ଆସୁଛନ୍ତି। ହରିମାଷ୍ଟ୍ରେ ଆଶ୍ୱାସନା ଦେଇ କହିଲେ ତୁମେ ବ୍ୟସ୍ତ ହୁଅନାହିଁ ମୁଁ ଏହାର ଉପାୟ ଚିନ୍ତା କରୁଛି। କିଛି ଦିନ ଗଲା ପରେ ହରିମାଷ୍ଟ୍ରେଙ୍କ ଜନ୍ମଦିନ ପଡ଼ିଲା। ତାଙ୍କର କିଛି ଛାତ୍ରଛାତ୍ରୀ ଦାୟିତ୍ୱ ନେଇ ହରିମାଷ୍ଟ୍ରେଙ୍କ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ନେଲେ। ଦୁଇ ଗାଁର ସବୁ ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରଣ କରାଗଲା। ଭୋଜିର ଆୟୋଜନ ବି ହେଲା। ହରିମାଷ୍ଟ୍ରେ ସବୁ ଛାତ୍ରଛାତ୍ରୀଙ୍କ ପ୍ରିୟ ସାର୍ ହୋଇଥିବାରୁ ସମସ୍ତେ ଆସିଲେ। ଉପହାର ବି ଦେଲେ। ଏତେ ଉପହାର ଆସିଲା ଯେ, ହରିମାଷ୍ଟ୍ରେଙ୍କ ଘର ଛୋଟ ପଡ଼ିଗଲା। ଉପହାର ଗ୍ରହଣ କରୁଥିବା ସମୟରେ ହରିମାଷ୍ଟ୍ରେ ତାଙ୍କର କିଛି ପୁରୁଣା ଛାତ୍ରଙ୍କୁ ରହିବାକୁ କହିଲେ। କାର୍ଯ୍ୟକ୍ରମ ଶେଷରେ ସେହି ପୁରୁଣା ଛାତ୍ରଙ୍କୁ ପାଖକୁ ଡାକିଲେ ଓ କହିଲେ ମୋ ଶିକ୍ଷାଦାନରେ ବୋଧହୁଏ କେଉଁଠି ଭୁଲ ରହି ଯାଇଛି । ନହେଲେ ତୁମେମାନେ ସମାଜର ଉନ୍ନତି କରିବା ବଦଳରେ କ୍ଷତି କରୁ ନଥାନ୍ତ । ଏହା କହି ସେମାନେ ଦେଇଥିବା ଉପହାରକୁ ଫେରାଇ ଦେଲେ। ହରିମାଷ୍ଟ୍ରେ କହିଲେ, ଅସତ୍ ଉପାୟରେ ଅର୍ଜିତ ଧନକୁ ଉପହାର ଭାବରେ ମୁଁ ଗ୍ରହଣ କରିବି ନାହିଁ । ସେମାନେ ମନଦୁଃଖରେ ବସି ପଡ଼ିଲେ । ଆଶ୍ଚର୍ଯ୍ୟ ହୋଇ ସେମାନେ ଚାହିଁ ରହିଥାନ୍ତି ହରିମାଷ୍ଟ୍ରେଙ୍କୁ। ହରିମାଷ୍ଟ୍ରେ କହିଲେ ତୁମମାନଙ୍କ ବ୍ୟବହାର ଚାଲିଚଳଣିରୁ ମୁଁ ଜାଣିପାରିଲି ଯେ, ତୁମେମାନେ ସେହି ବ୍ୟକ୍ତି ଯିଏ ଜଙ୍ଗଲରେ ଚୋରି କରୁଛ । ସେମାନେ ହରିମାଷ୍ଟ୍ରେଙ୍କ ଗୋଡ଼ତଳେ ପଡିଗଲେ। ଚୋରମାନେ ନିଜର ଭୁଲ୍ ବୁଝି ପାରିଲେ । ସେମାନେ ଆଉ ଚୋରି କରିବେ ନାହିଁ ବୋଲି ହରିମାଷ୍ଟ୍ରେଙ୍କୁ କଥା ଦେଲେ ଏବଂ ସେମାନଙ୍କ ଉପହାର ଗ୍ରହଣ କରିବାକୁ କହିଲେ। ହରିମାଷ୍ଟ୍ରେଙ୍କୁ ସେହି ଚୋରମାନେ କହିଲେ ଆମେ ଆଉ ଚୋରି କରିବୁ ନାହିଁ। ହରିମାଷ୍ଟ୍ରେ କହିଲେ, ଏହାହିଁ ମୋର ଗୁରୁଦକ୍ଷିଣା ହେବ। ଏବେ ହରିମାଷ୍ଟ୍ରେ ସବୁ ଉପହାର ଦୁଇ ଗାଁକୁ ବାଣ୍ଟି ଦେଲେ। କହିଲେ ସବୁ ଧନରତ୍ନ ଉପହାର ଗାଁ କାମରେ ଲଗାଇବ। ଉପହାର ସବୁ ଦେଖି କିଛି ଗାଁ ଲୋକ ଆସି କହିଲେ ସାର୍ ଏଥିରେ ଆମ ଚୋରି ହୋଇଥିବା ଜିନିଷଗୁଡ଼ିକ ବି ଅଛି। ଆମେ ତାହା ଚିହ୍ନି ପାରୁଛୁ। ସେ ଧନରତ୍ନ ଆମର ଗାଁ କାମରେ ଲାଗୁ ପଛେ ଆମକୁ କୁହନ୍ତୁ ଏହାକୁ କିଏ ଉପହାର ଦେଇଛି। ସେ ହିଁ ଚୋର, ଜଙ୍ଗଲରେ ରହି ଚୋରି କରୁଛି। ହରିମାଷ୍ଟ୍ରେ କହିଲେ ଆଉ ବ୍ୟସ୍ତ ହୁଅନାହିଁ, ତାହା ମୁଁ ଜାଣି ସାରିଛି। ସେ ଚୋରମାନଙ୍କୁ ମୁଁ କାବୁ କରି ନେଇଛି। ସେମାନେ କାମଧନ୍ଦା ନ ପାଇ ଚୋରି କରୁଥିଲେ। ଗାଁ ଲୋକଙ୍କୁ ହରିମାଷ୍ଟ୍ରେ କହିଲେ ମୁଁ ସେମାନଙ୍କ ତରଫରୁ କଥା ଦେଉଛି, ଜଙ୍ଗଲରେ ଆଉ ଚୋରି ହେବ ନାହିଁ। ଏହା ଶୁଣି ଗ୍ରାମବାସୀ ଆଶ୍ୱସ୍ତ ହେଲେ। ସେହି ଚୋରମାନଙ୍କୁ କାମଧନ୍ଦା ଯୋଗାଇ ଦେଲେ ହରିମାଷ୍ଟ୍ରେ। ସେମାନେ ଘର ସଂସାର କରି ଭଲରେ ରହିଲେ। ଆଉ ସେହି ଜଙ୍ଗଲରେ କେବେ ଚୋରି ହେଲା ନାହିଁ। ଉଭୟ ଗାଁର ଲୋକେ କହୁଥିଲେ ହରିମାଷ୍ଟ୍ରେଙ୍କୁ ମାନିବାକୁ ପଡ଼ିବ। ଜନ୍ମଦିନ ପାଳନ କରି ଚୋର ଧରି ଆଉ ତାଙ୍କୁ ତାଙ୍କ ଚରିତ୍ର ବି ବଦଳାଇ ଦେଲେ। ହରିମାଷ୍ଟ୍ରେ ଜିନ୍ଦାବାଦ ଧ୍ୱନିରେ ଗାଁ କମ୍ପୁଥିଲା । ■

ବିଜିପୁର, ବ୍ରହ୍ମଗିରି, ପୁରୀ

## ଆମ ଚିତ୍ର





ସାଗର ପ୍ରଧାନ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନାଥପୁର
ଭୁବନେଶ୍ୱର





ରିଷିକା କାନୁନ୍‌ଗୋ
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର







ଲକ୍ଷ୍ମୀପ୍ରିୟା ଦାସ
ଚତୁର୍ଥ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ
ପୋଖରୀପୁଟ
ଭୁବନେଶ୍ୱର





ଅଭିଳାଷ ଦାଶ
ଦଶମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର






ତନିଷ୍କା ପାତ୍ର
ଷଷ୍ଠ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

# ଦ୍ୱିତୀୟ ରାଉଣ୍ଡରୁ ଫେଲିକ୍ସ, ଆଲେକ୍ସଙ୍କ ବିଦାୟ

ନ୍ୟୁୟର୍କ,୪।୯ (ଏଜେନ୍ସି)

ରେକର୍ଡ ଅପେକ୍ଷାରେ ଥିବା ଚତୁର୍ଥ ସିଡ୍ ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରୁ ବିଦା ହେବା ପରେ ଯେଉଁ ଧାରା ଆରମ୍ଭ ହୋଇଥିଲା ତାହା ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସର ପୁରୁଷ ବିଭାଗରେ ବଜାୟ ରହିଛି। ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ଖେଳାଯାଇଥିବା ପୁରୁଷ ବିଭାଗ ସିଙ୍ଗଲ୍ସ ମୁକାବିଲାରୁ ତୃତୀୟ ସିଡ୍ ଫେଲିକ୍ସ ଆଗର-ଆଲିଆସିମେ, ଷଷ୍ଠ ସିଡ୍ ଆଲେକ୍ସ ଡି ମିନାଉର ଓ ୧୩ ନମ୍ବର ସିଡ୍ ଲୋରେଞ୍ଜୋ ମୁସେଟୀଙ୍କ ପରି ଖେଳାଳିମାନେ ବିଦାୟ ନେଇଛନ୍ତି। ଏପରିକି ନଂ-୧ ସିଡ୍ ଆଲେକ୍ଜାଣ୍ଡର ଜ୍ୱେରେଭ୍ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ୫ ସେଟ୍ ବିଶିଷ୍ଟ ମ୍ୟାଚ୍‌ରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ବିଭାଗରେ ଟପ୍ ସିଡ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲାବେଳେ ସେପରି କିଛି ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି ହୋଇନାହିଁ।





#### ପୁରୁଷ ସିଙ୍ଗଲ୍ସରେ ବିପର୍ଯ୍ୟୟର ଦିନ

ଗୁରୁବାର ରାତିରେ ଖେଳାଯାଇଥିବା ପୁରୁଷ ବିଭାଗ ସିଙ୍ଗଲ୍ସରେ ୩ଜଣ ଶୀର୍ଷ ସିଡେଡ ଖେଳାଳି ବିଦାୟ ନେଇଛନ୍ତି। କାନାଡାର ଅଣସିଡେଡ ଖେଳାଳି କାରେନ ଖାଚାନୋଭ୍ ୩-୧ ସେଟ୍‌ରେ ଫେଲିକ୍ସଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଖାଚାନୋଭ ଏହି ମ୍ୟାଚ୍‌କୁ ୬-୭, ୬-୩, ୬-୩, ୬-୨ ସେଟ୍‌ରେ ଜିତିନେଇଥିଲେ। ଏହା ପରେ ଅଷ୍ଟ୍ରେଲିଆର ଅଣସିଡେଡ ଖେଳାଳି ଡେନ୍ ସ୍ୱିନୀ ମଧ୍ୟ ୪ ସେଟ ବିଶିଷ୍ଟ ମୁକାବିଲାରେ ୧୩ ନମ୍ବର ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ ହରାଇଥିଲେ।

#### ୪ ଘଣ୍ଟା ୩୩ ମିନିଟ୍‌ରେ ଜିତିଲେ ଜ୍ୱେରେଭ୍

ପୁରୁଷ ବିଭାଗର ଦ୍ୱିତୀୟ ରାଉଣ୍ଡରେ ଟପ୍ ସିଡ୍ ଜର୍ମାନୀର ଆଲେକ୍ଜାଣ୍ଡର ଜ୍ୱେରେଭ୍ ୩-୨ ସେଟ୍‌ରେ ଫ୍ରାନ୍ସର ଜ୍ୱେଣ୍ଟିନ୍ ହାଲିସଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍‌ଟି ଶେଷ ହେବାକୁ ୪ ଘଣ୍ଟା ୩୩ ମିନିଟ୍ ସମୟ ଲାଗିଥିଲା। ଏଥିରେ ଜ୍ୱେରେଭ୍ ୬-୪, ୪-୬, ୭-୬, ୬-୭, ୬-୩ରେ ଜିତିଥିଲେ। ପ୍ରଥମ ରାଉଣ୍ଡରେ ମଧ୍ୟ ଜ୍ୱେରେଭ ୫ ସେଟ୍ ବିଶିଷ୍ଟ ମୁକାବିଲାରେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ହରାଇଥିଲେ। ଟେନିସ କୋର୍ଟରେ ପାଖାପାଖି ୧୦ ଘଣ୍ଟା କଟାଇଥିବା ଜ୍ୱେରେଭ ତୃତୀୟ ରାଉଣ୍ଡରେ ନଂ-୨୫ ସିଡ୍ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ଭେଟିବେ। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ନଂ-୫ ସିଡ୍ ଫ୍ଲାଭିଓ କୋବୋଲି, ନଂ-୯ ଟେଲର ଫ୍ରିଜ୍, ନଂ-୧୭ ତଥା ମିକ୍ସଡ ଡବଲ୍ସ ଚାମ୍ପିଅନ ଜାକୁବ ମେନସିକ୍, ନଂ-୧୪ ଲର୍ଣ୍ଣର ଟିଏନ୍ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

#### ମହିଳାରେ ଇଆଲାଙ୍କ ଚମତ୍କାର ବିଜୟ

ମହିଳା ବିଭାଗ ସିଙ୍ଗଲ୍ସରେ ସିଡେଡ ଖେଳାଳିଙ୍କ ଜୟଯାତ୍ରା ଅବ୍ୟାହତ ରହିଛି। ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ଚତୁର୍ଥ ସିଡ୍ କୋକୋ ଗଫ୍, ୫ମ ସିଡ୍ ମୀରା ଆନ୍ଦ୍ରିଭା ସହଜ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗତକାଲି ଇଗା ସ୍ୱିଆଟେକ୍, ନାଓମି ଓସାକା, ଏଲିସେ ମେର୍ଟେନ୍ସ, ଆମାଣ୍ଡା ଆନିସିମୋଭାଙ୍କ ପରି ସିଡେଡ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। କିନ୍ତୁ ନଂ-୧୭ ସିଡ୍ ଆଲେକ୍ଜାଣ୍ଡ୍ରା ଇଆଲାଙ୍କ ବିଜୟ ବେଶ ଚମତ୍କାର ହୋଇଥିଲା। ସେ ଦ୍ୱିତୀୟ ରାଉଣ୍ଡରେ ଓଲେକଜାଣ୍ଡ୍ରା ଅଲିନ୍‌ନିକୋଭାଙ୍କୁ ୬-୧, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଭିବଷ୍ୟତର ତାରକା ଭାବେ ବିବେଚିତ ହେଉଥିବା ଫିଲିପାଇନ୍ସର ଇଆଲା ତୃତୀୟ ରାଉଣ୍ଡରେ ନଂ-୧୪ ସିଡ୍ ଆମେରିକାର ଇଭା ଜୋଭିଚ୍‌ଙ୍କୁ ଭେଟିବେ।

---

### ■ ମହିଳା ଏସିଆ କପ୍ କ୍ରିକେଟ

## ଭାରତ-ପାକିସ୍ତାନ ମୁକାବିଲା ଆଜି

ଦୁବାଇ,୪।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍ ଆସନ୍ତାକାଲି ଏଠାରେ ଖେଳାଯିବ। ଏହି ମୁକାବିଲା ପୂର୍ବରୁ ଭାରତ ଗ୍ରୁପ୍‌ରେ ଦୁଇଟିଯାକ ଦୁର୍ବଳ ଦଳ ଥାଇଲାଣ୍ଡ ଓ ହଂକଂ ବିପକ୍ଷରେ ବୃହତ୍ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିସାରିଛି। ପାକିସ୍ତାନ ଗୋଟିଏ ମ୍ୟାଚ୍ ଖେଳି ଥାଇଲାଣ୍ଡ ବିପକ୍ଷରେ ବିଜୟୀ ହୋଇଛି। କିନ୍ତୁ ଆସନ୍ତାକାଲି ମୁକାବିଲା ପରେ ଗ୍ରୁପ୍-ଏ'ରେ କେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିବ ତାହା ଆପାତତଃ ସ୍ଥିର ହେବ। କାରଣ ପାକିସ୍ତାନ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ହଂକଂକୁ ହରାଇବା ଲାଗି ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ଏଣୁ ଭାରତ ବିପକ୍ଷରେ ବିଜୟୀ ହେଲେ ପାକିସ୍ତାନ ସେମିଫାଇନାଲରେ ବାଂଲାଦେଶ ସହ ମୁକାବିଲା କରିବାକୁ ସୁଯୋଗ ପାଇବ। ଶ୍ରୀଲଙ୍କା ଅନ୍ୟ ପୁଲରେ ପ୍ରଥମ ସ୍ଥାନ ହାସଲ କରିବ ବୋଲି ସ୍ପଷ୍ଟ ହୋଇଛି।



ଆସନ୍ତାକାଲି ମ୍ୟାଚ୍‌ର ଫଳାଫଳ ଉପରେ ଗ୍ରୁପ୍ ଟପ୍ପର ସ୍ଥିର ହେବାକୁ ଥିଲେ ମଧ୍ୟ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଏହାକୁ ଏକ ସମ୍ମାନର ସହ ନେଇଛନ୍ତି। ଉଭୟ ଦେଶ ମଧ୍ୟରେ ରାଜନୈତିକ ସମ୍ପର୍କ ଭଲ ନ ଥିଲାବେଳେ ଏହି ମ୍ୟାଚ୍‌ରେ ବିଜୟୀ ଦଳକୁ ଖୁସି ମିଳିବ। ଯଦିଓ ଦକ୍ଷତା ଦୃଷ୍ଟିରୁ ଦେଖିଲେ ପାକିସ୍ତାନ ଅପେକ୍ଷା ଭାରତର ଶକ୍ତି ଢ଼େର ଅଧିକ। କିନ୍ତୁ ଟି-୨୦ ଫର୍ମାଟରେ କୌଣସି ଦଳକୁ ଦୁର୍ବଳ ମନେ କରାଯାଉନାହିଁ। ଭାରତ କ୍ରମାଗତ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରିଥିଲେ ମଧ୍ୟ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିନାହିଁ। ଥାଇଲାଣ୍ଡ ବିପକ୍ଷରେ ଶେଫାଳି ବର୍ମାଙ୍କ ୬୪ରନ୍ ଓ ହଂକଂ ବିପକ୍ଷରେ ସ୍ମୃତି ମନ୍ଧାନାଙ୍କ ୧୨୪ ରନ୍‌କୁ ବାଦ୍ ଦେଲେ ଭାରତୀୟ ବ୍ୟାଟର ବିଶେଷ ସଫଳତା ପାଇ ନାହାନ୍ତି। କିନ୍ତୁ ଦଳର ୩ ସ୍ପିନର ଉଭୟ ମ୍ୟାଚ୍‌ରେ ଦଳକୁ ସହଜ ବିଜୟ ଦେଇଛନ୍ତି। ଫାଷ୍ଟ ବୋଲର ନନ୍ଦିନୀ ଶର୍ମା, ସ୍ପିନର ଦୀପ୍ତି ଶର୍ମା, ଶ୍ରୀ ଚରଣି, ପ୍ରେମା ରାୱତ ଓ କାମଚଳ ଶେଫାଳି ବର୍ମା ମଧ୍ୟ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। କିନ୍ତୁ ପାକିସ୍ତାନକୁ ହରାଇବାକୁ ହେଲେ ଭାରତୀୟ ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ।

---

## ପାକିସ୍ତାନ ଚୟନକର୍ତ୍ତା ପ୍ୟାଣ୍ଟ ପରି ମନ ବଦଳାଇଥାନ୍ତି: ଗିଲେସ୍ପି

ସିଡ୍‌ନୀ,୪।୯ (ଏଜେନ୍ସି): ପାକିସ୍ତାନର ଜାତୀୟ ବରିଷ୍ଠ କ୍ରିକେଟ ଦଳ ଚୟନ କରାଯିବା ବେଳେ ଆକ୍ୱିବ୍ ଜାଭେଦଙ୍କ ନେତୃତ୍ୱରେ ଗଠିତ ଚୟନକର୍ତ୍ତାମାନେ ପ୍ୟାଣ୍ଟ ଭଳି ମନ ବଦଳାଇଥାନ୍ତି। ଯାହା ଫଳରେ ଖେଳାଳିମାନେ ନିଜର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଓ ଭୟ ମଧ୍ୟରେ ଖେଳିଥାନ୍ତି ବୋଲି ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ହେଡ୍ କୋଚ୍ ଜେସନ ଗିଲେସ୍ପି କହିଛନ୍ତି। ସେ କହନ୍ତି, ଆକ୍ୱିବ ଦର୍ପଣ ସମ୍ମୁଖରେ ଛିଡ଼ା ହୋଇ ନିଜକୁ ଦେଖିବା ଉଚିତ। ଖେଳାଳିମାନେ କିପରି ଭୟଙ୍କର ସ୍ଥିତିରେ ଖେଳୁଛନ୍ତି। ନିକଟରେ ଇଂଲଣ୍ଡଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ପାକିସ୍ତାନ ଟେଷ୍ଟ ଦଳରେ ଆକ୍ୱିବ ୭ଜଣ ଖେଳାଳିଙ୍କୁ ବଦଳାଇଦେଇଥିଲେ। ଏହାକୁ ନେଇ ଗିଲେସ୍ପି ଏପରି ମନ୍ତବ୍ୟ ଦେଇଛନ୍ତି।

### ● ଆଇସ୍‌ଲାଣ୍ଡ କ୍ରିକେଟର ପ୍ରସ୍ତାବ

## ପିସିବି ଅଧ୍ୟକ୍ଷଙ୍କଠାରୁ ଶିଖିବାକୁ ଗଲେ ସମସ୍ତ ଖର୍ଚ୍ଚ ବହନ କରିବ

ରେକ୍‌ଜାଭିକ୍,୪।୯ (ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନକ୍‌ଭୀଙ୍କଠାରୁ ଜାତୀୟ ଟିମ୍ ଲାଗି କିପରି ଖେଳାଳି ଚୟନ କରାଯିବ, ଦଳର ଅସୁବିଧା ସମୟରେ କିପରି ନିୟନ୍ତ୍ରଣ କରାଯିବ ସେ ସମ୍ପର୍କରେ ଶିଖିବାକୁ ଯିଏ ପାକିସ୍ତାନ ଯିବେ ସେମାନଙ୍କର ସମସ୍ତ ଖର୍ଚ୍ଚ ଆଇସ୍‌ଲାଣ୍ଡ କ୍ରିକେଟ ବହନ କରିବ ବୋଲି ଏକ ପ୍ରସ୍ତାବ ବୋର୍ଡ ଦେଇଛି। ଏହାର ଅର୍ଥ ହେଲା ପାକିସ୍ତାନ ଯେପରି ଖେଳାଳି ପରିବର୍ତ୍ତନ କରି ତିଷ୍ଠି ରହୁଛି, ପରାଜିତ ହେଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ ପାଇବା ପୂର୍ବରୁ ଯେପରି ନକ୍‌ଭୀ ଏହାକୁ ନିଜ ନିୟନ୍ତ୍ରଣରେ ରଖିପାରୁଛନ୍ତି ଏଭଳି ଦକ୍ଷ ବ୍ୟକ୍ତିଙ୍କଠାରୁ ଜ୍ଞାନ ଆହରଣ କରିବା ଆବଶ୍ୟକ। ଏଣୁ ତାଙ୍କଠାରୁ ଏପରି ଜ୍ଞାନ ଆହରଣ କରିବାକୁ ଆଇସ୍‌ଲାଣ୍ଡରୁ ଯିଏ ପାକିସ୍ତାନ ଯିବାକୁ ଚାହିଁବେ ତାଙ୍କୁ କ୍ରିକେଟ ବୋର୍ଡ ପକ୍ଷରୁ ସମସ୍ତ ଖର୍ଚ୍ଚ ଦିଆଯିବ। ମଜାଦାର ଓ ସମାଲୋଚନାମୂଳକ ମନ୍ତବ୍ୟ ଲାଗି ଆଇସ୍‌ଲ୍ୟାଣ୍ଡ କ୍ରିକେଟ ବୋର୍ଡ ଚର୍ଚ୍ଚାରେ ଥିଲାବେଳେ ଏଭଳି ପ୍ରସ୍ତାବକୁ ସାମାଜିକ ଗଣମାଧ୍ୟମରେ ବେଶ ପ୍ରଶଂସା କରାଯାଇଛି।

## ଶ୍ରୀଲଙ୍କା ଅଧିନାୟକ ମେଣ୍ଡିସ୍ ବାଦ୍ ପଡ଼ିଲେ

କଲମ୍ବୋ,୪।୯ (ଏଜେନ୍ସି): ଇଂଲଣ୍ଡରେ ଖେଳାଯିବାକୁ ଥିବା ସୀମିତ ଓଭର ସିରିଜ୍ ଲାଗି ଶ୍ରୀଲଙ୍କା କ୍ରିକେଟ ଦଳର ଅଧିନାୟକ ମନୋନୀତ ହୋଇଥିବା କୁଶାଲ ମେଣ୍ଡିସଙ୍କୁ ବାଦ୍ ଦିଆଯାଇଛି। ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ଚାରିତ ଆଶାଲଙ୍କା ତାଙ୍କ ସ୍ଥାନରେ ଟି-୨୦ ସିରିଜ୍ ଲାଗି ଦଳର ନେତୃତ୍ୱ ନେବେ, କିନ୍ତୁ ଦିନିକିଆ ସିରିଜ୍ ସମ୍ପର୍କରେ କିଛି କୁହାଯାଇନାହିଁ। ମେଣ୍ଡିସଙ୍କ ସହ ଫାଷ୍ଟ ବୋଲର ବିନୁରା ଫର୍ଣ୍ଣାଣ୍ଡୋଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଏମାନଙ୍କ ସ୍ଥାନରେ ପବନ ରତନାୟକେ ଓ ଦିଲଶାନ ମଦୁଶଙ୍କାଙ୍କୁ ଦଳରେ ସାମିଲ କରାଯାଇଛି। ସେପ୍ଟେମ୍ବର ୧୫ରୁ ସାଉଥାମ୍ପଟନରୁ ଟି-୨୦ ସିରିଜ୍ ଓ ସେପ୍ଟେମ୍ବର ୨୨ରୁ ଦିନିକିଆ ସିରିଜ୍ ଆରମ୍ଭ ହେବ।

---

### ଦୁଲିପ ଟ୍ରଫି କ୍ରିକେଟ ଫାଇନାଲ

## ଖେଳି ନ ପାରନ୍ତି ତିଳକ, ଇଶାନ ଓ ବୈଭବ

ଚେନ୍ନଇ,୪।୯ (ଏଜେନ୍ସି): ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଚଳିତ ଦୁଲୀପ୍ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ଥାନୀୟ ଏମ୍ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଆସନ୍ତା ରବିବାର ଖେଳାଯିବ। ଏହି ଫାଇନାଲ ଲାଗି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ହେଉଛି ଦୁଇ ଦଳରୁ ୩ଜଣ ପ୍ରମୁଖ ଖେଳାଳି ଏହି ମ୍ୟାଚ୍ ଖେଳିବାକୁ ବଞ୍ଚିତ ହୋଇ ପାରନ୍ତି। ସେମାନେ ହେଲେ ଦକ୍ଷିଣାଞ୍ଚଳ ଅଧିନାୟକ ତିଳକ ବର୍ମା, ପୂର୍ବାଞ୍ଚଳ ଅଧିନାୟକ ଇଶାନ କିଶାନ ଓ ଉପଅଧିନାୟକ ବୈଭବ ସୂର୍ଯ୍ୟବଂଶୀ। ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ଭାରତୀୟ ଦଳର ହେଡ କୋଚ୍ ଗୌତମ ଗମ୍ଭୀର। ଏହାର କାରଣ ହେଲା ସେପ୍ଟେମ୍ବର ୧୩ରୁ ଆଫଗାନିସ୍ତାନ ସହ ନୂଆଦିଲ୍ଲୀରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷଟ ଟି-୨୦ ସିରିଜ୍। ଦୁଲୀପ୍ ଟ୍ରଫି ଫାଇନାଲ ସେପ୍ଟେମ୍ବର ୧୦ରେ ଶେଷ ହେବ ଓ ଟି-୨୦ ସିରିଜ୍ ୧୩ରୁ ଖେଳାଯିବ। ଖେଳାଳିମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ଦେବା ଲାଗି ଏଭଳି ନିଷ୍ପତ୍ତି ଗମ୍ଭୀର ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ଫାଇନାଲ ମ୍ୟାଚ୍ ଖେଳିବାକୁ ଭାରତୀୟ ସିନିଅର ଦଳର ୩ଜଣ ବରିଷ୍ଠ ତଥା ନିୟମିତ ଖେଳାଳିଙ୍କୁ ଦକ୍ଷିଣାଞ୍ଚଳ ଦଳରେ ସାମିଲ କରିବାକୁ ବିସିସିଆଇ ନିର୍ଦ୍ଦେଶ ଦେଇଛି। ସେମାନେ ହେଲେ ଫାଷ୍ଟ ବୋଲର ହାଇଦ୍ରାବାଦ୍‌ର ମହମ୍ମଦ୍ ସିରାଜ, କର୍ଣ୍ଣାଟକର ଦୁଇ ବ୍ୟାଟର ଲୋକେଶ ରାହୁଲ ଓ ଦେବଦତ୍ତ ପାଡିକଲ। ଏମାନେ ଖେଳିଲେ ଦକ୍ଷିଣାଞ୍ଚଳକୁ ହରାଇବା ପୂର୍ବାଞ୍ଚଳ ଲାଗି କଷ୍ଟକର ହେବ।



#### ମାଗଣାରେ ଖେଳ ଦେଖିବେ ଦର୍ଶକ

ତାମିଲନାଡୁ କ୍ରିକେଟ ସଂଘ ଏହି ଫାଇନାଲ ମ୍ୟାଚ୍ ଦେଖିବା ଲାଗି ଷ୍ଟାଡିୟମ୍‌କୁ ଉନ୍ମୁକ୍ତ ରଖିବ। ଏହାର ଅର୍ଥ ଦର୍ଶକମାନେ ଏହି ଫାଇନାଲ ଖେଳ ମାଗଣାରେ ଦେଖିପାରିବେ। ଦର୍ଶକମାନଙ୍କୁ ଗେଟ ୪ରେ ସକାଳ ୯ଟାରୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ଚେପକର ସି' ଡି' ଓ ଇ' ଷ୍ଟାଣ୍ଡର ତଳଭାଗରେ ଦର୍ଶକମାନେ ବସିପାରିବେ। ବେଙ୍ଗାଲୁରୁରେ ୨ଟି କ୍ୱାର୍ଟର ଫାଇନାଲ ଓ ୨ଟି ଯାକ ସେମିଫାଇନାଲ ମୁକାବିଲା ହୋଇଥିଲା। ସେମିଫାଇନାଲରେ ଉତ୍ତରାଞ୍ଚଳକୁ ୭ ୱିକେଟରେ ଦକ୍ଷିଣାଞ୍ଚଳ ଏବଂ କେନ୍ଦ୍ରାଞ୍ଚଳକୁ ୪ ୱିକେଟରେ ହରାଇ ପୂର୍ବାଞ୍ଚଳ ଫାଇନାଲରେ ପ୍ରବେଶ କରିଥିଲା। ଚେନ୍ନଇରେ ଖେଳାଯିବାକୁ ଥିବା ଫାଇନାଲ ସେପ୍ଟେମ୍ବର ୬ରୁ ଆରମ୍ଭ ହୋଇ ୧୦ରେ ଶେଷ ହେବ।

---

### ■ ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

## ଉଜବେକିସ୍ତାନଠାରୁ ହାରିଲା ଭାରତ

ତାସକେଣ୍ଟ,୪।୯ (ଏଜେନ୍ସି): ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଆୟୋଜକ ଉଜବେକିସ୍ତାନଠାରୁ ୦-୪ ଗୋଲ୍‌ରେ ପରାସ୍ତ ହୋଇଛି। ଉଜବେକିସ୍ତାନ ପକ୍ଷରୁ ମାରାଟୋଭ୍ ୨୯ତମ, ଅବ୍ରାଏଭ୍ ୪୫ତମ, ଶୋରାଖମେଦୋଭ୍ ୬୭ତମ ଏବଂ ସେରସେନବାଏଭ୍ ୯୦ତମ ମିନିଟ୍‌ରେ ଗୋଲ୍ କରିଥିଲେ। ପରାଜୟ ସତ୍ତ୍ୱେ ଭାରତ ଗ୍ରୁପ୍ 'ବି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ସିରିଆକୁ ୧-୦ରେ ହରାଇଥିବା ଭାରତ ସେପ୍‌ଟେମ୍ବର ୬ରେ ଶେଷ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ଜିତିଲେ ଏବଂ ସିରିଆ ଉଜବେକିସ୍ତାନକୁ ହରାଇ ନପାରିଲେ, ଭାରତର ଯୋଗ୍ୟତା ଆଶା ଉଜ୍ଜୀବିତ ରହିବ। ଭାରତ ପ୍ରଥମ ମ୍ୟାଚ୍‌ରେ ସିରିଆକୁ ୧-୦ରେ ପରାସ୍ତ କରିଥିବାରୁ ଗ୍ରୁପ୍ 'ବି'ରେ ଏବେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଶେଷ ମ୍ୟାଚ୍‌ରେ ସେପ୍‌ଟେମ୍ବର ୬ରେ ବାଂଲାଦେଶକୁ ହରାଇବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ।

## ମୁମ୍ବାଇ କ୍ରିକେଟ୍‌ର ଘରୋଇ ସିଜନ୍ ଉପରେ ହେବ ୱେବ୍ ସିରିଜ୍

ମୁମ୍ବାଇ,୪।୯ (ଏଜେନ୍ସି): ମୁମ୍ବାଇ କ୍ରିକେଟ୍ ସଂଘ ଆସନ୍ତା ଘରୋଇ କ୍ରିକେଟ୍ ସିଜନ୍‌କୁ ନେଇ ଏକ ଡକ୍ୟୁମେଣ୍ଟାରି କିମ୍ବା ୱେବ୍ ସିରିଜ୍ ତିଆରି କରିବାକୁ ଯୋଜନା କରିଛି। ଏଥିପାଇଁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ଅନୁମତି ଚାହିଁଛି ସଂଘ। ଅଷ୍ଟ୍ରେଲିଆର କ୍ରିକେଟ୍‌କୁ ନେଇ ତିଆରି 'ଦ ଟେଷ୍ଟ' ଧାରାବାହିକର ଢାଞ୍ଚାରେ ଏହା ହେବ। ମୁମ୍ବାଇ କ୍ରିକେଟ୍ ସଂଘର ସଭାପତି ଅଜିଙ୍କ୍ୟ ନାଏକ କହିଛନ୍ତି, ଦଳର ପ୍ରସ୍ତୁତିଠାରୁ ସମଗ୍ର ଘରୋଇ ସିଜନ୍ ପର୍ଯ୍ୟନ୍ତ ପଛପଟର ଘଟଣାଗୁଡ଼ିକୁ ଦର୍ଶାଇବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ସଂଘ ଖ୍ୟାତନାମା ନିର୍ଦ୍ଦେଶକ ପ୍ୟାଟ୍ରିକ୍ ଗ୍ରାହାମ୍‌ଙ୍କୁ ନିଯୁକ୍ତ କରିଛି। ରଣଜୀ ଟ୍ରଫିର ୪୨ ଥରର ଚାମ୍ପିଅନ୍ ମୁମ୍ବାଇ ଦଳର ଐତିହ୍ୟକୁ ବିଶ୍ୱସମ୍ମୁଖରେ ରଖିବାକୁ ସଂଘ ଚାହୁଁଛି।

---

### ● ଭାରତ-ଜାପାନ ବନ୍ଧୁତ୍ୱର ୭୫ ବର୍ଷର ପୂର୍ତ୍ତି

## ପୁରୁଷ ଦଳ ଖେଳିବେ ଟି-୨୦ ମ୍ୟାଚ୍

ନୂଆଦିଲ୍ଲୀ,୪।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ବନ୍ଧୁତ୍ୱର ୭୫ ବର୍ଷ ପୂର୍ତ୍ତି ହେଉଛି। ଏହି ୭୫ବର୍ଷ ମଧ୍ୟରେ ଅନେକ ରାଜନୈତିକ ଓ କୂଟନୈତିକ ସ୍ତରରେ ଉଭୟ ଦେଶ ସହଯୋଗର ହାତ ବଢ଼ାଇଛନ୍ତି। ଏହି ବନ୍ଧୁତ୍ୱକୁ ସ୍ମରଣୀୟ କରିବା ଲାଗି ଉଭୟ ଦେଶର ବରିଷ୍ଠ ପୁରୁଷ ଦଳ ଏକ କ୍ରିକେଟ ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମ୍ୟାଚ୍‌ଟି ଜାପାନର ସାନୋ ଇଣ୍ଟରନ୍ୟାସନାଲ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ସେପ୍ଟେମ୍ବର ୨୨ ତାରିଖ ଦିନ ଉଭୟ ଦେଶର ପୁରୁଷ ଦଳ ଏହି ମ୍ୟାଚ୍‌ରେ ପରସ୍ପର ସହ ମୁକାବିଲା କରିବେ। ଏହି ମ୍ୟାଚ୍‌କୁ ସୁଜୁକି କପ୍ ନାମରେ ନାମିତ କରାଯାଇଛି। ଏହା ବ୍ୟତୀତ ଉଭୟ ଦେଶ ମଧ୍ୟରେ କ୍ରୀଡ଼ା ବିନିମୟ କାର୍ଯ୍ୟକ୍ରମ ଲାଗି 'ସ୍ପୋର୍ଟ୍ସ ୭୫' ନାମରେ ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜଣାଯାଇଛି। ନିକଟରେ ଭାରତ ଓ ଜାପାନ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜାପାନରେ ଏହି କ୍ରିକେଟ ମ୍ୟାଚ୍ ଖେଳାଗଲେ ତାହାର ପ୍ରଭାବ ସୁଦୁର ପ୍ରସାରୀ ହେବ ବୋଲି ଏହି ଦେଶର ପ୍ରଧାନମନ୍ତ୍ରର ସାନାଏ ତାକାଇଚି କହିଛନ୍ତି।




### ● ଚାଇନା ମାଷ୍ଟର୍ସ ବ୍ୟାଡ଼ମିଣ୍ଟନ

## ସାତ୍ତ୍ୱିକ-ଚିରାଗ ସେମିଫାଇନାଲରେ

ଶେନ୍‌ଝେନ୍,୪।୯ (ଏଜେନ୍ସି): ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ୍‌ରେ ଭାରତର ଶ୍ରେଷ୍ଠ ପୁରୁଷ ଯୁଗଳ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ସେମିଫାଇନାଲରେ ପହଞ୍ଚିଛନ୍ତି। ଶୁକ୍ରବାର ୭୦ ମିନିଟ୍‌ର ରୋମାଞ୍ଚକ ମୁକାବିଲାରେ ସେମାନେ ଡେନମାର୍କର କିମ୍ ଆଷ୍ଟ୍ରପ୍ ଓ ଆଣ୍ଡର୍ସ ରାସମୁସେନ୍‌ଙ୍କୁ ୨୧-୧୩, ୧୬-୨୧, ୨୧-୧୮ରେ ହରାଇଛନ୍ତି। ଅନ୍ୟପକ୍ଷରେ ଭାରତର କିଦାମ୍ବି ଶ୍ରୀକାନ୍ତ କ୍ୱାର୍ଟରଫାଇନାଲରେ ହଂକଂର ଲି ଚେକ୍ ୟିଉଙ୍କଠାରୁ ୧୬-୨୧, ୧୬-୨୧ରେ ହାରିଛନ୍ତି। ଏହା ପୂର୍ବରୁ ସେ ବିଶ୍ୱର ୯ ନମ୍ବର ଖେଳାଳି ଭିକ୍ଟର ଲାଇଙ୍କୁ ପରାସ୍ତ କରି ବଡ଼ ବିଜୟ ହାସଲ କରିଥିଲେ। ମହିଳା ଏକକରେ ଯୁବ ଭାରତୀୟ ଖେଳାଳି ତନ୍ୱୀ ଶର୍ମା ଜାପାନର ତୋମୋକା ମିୟାଜାକିଙ୍କଠାରୁ ୧୭-୨୧, ୨୧-୧୮, ୧୬-୨୧ରେ ପରାଜିତ ହୋଇଛନ୍ତି। ମିଶ୍ରିତ ଯୁଗଳରେ ଧ୍ରୁବ କପିଲା ଓ ତନିଷା କ୍ରାଷ୍ଟୋ ମଧ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଏବେ ଚାଇନା ମାଷ୍ଟର୍ସରେ ଭାରତର ଏକମାତ୍ର ଆଶା ସାତ୍ୱିକ-ଚିରାଗ ଯୋଡ଼ି।

---

### ଇଷ୍ଟଜୋନ୍ ବ୍ୟାଡ୍‌ମିଣ୍ଟନରେ ଉତ୍ତରାଖଣ୍ଡକୁ ସମସ୍ତ ଟାଇଟଲ

# ବାଳକ ବିଭାଗରେ ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର,୪।୯ (ସମିସ)

ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ସବ୍‌ଜୁନିଅର ଇଷ୍ଟଜୋନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଉତ୍ତରାଖଣ୍ଡ ସମସ୍ତ ବିଭାଗରେ ଚାମ୍ପିଅନ ହୋଇଛି। ଆଜି ସମସ୍ତ ବିଭାଗରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ଖେଳାଯାଇଥିବା ବାଳିକା ବିଭାଗରେ ଉତ୍ତରାଖଣ୍ଡ ୨-୦ରେ ପଶ୍ଚିମବଙ୍ଗକୁ ଓ ବାଳକ ବିଭାଗରେ ଓଡ଼ିଶାକୁ ମଧ୍ୟ ୨-୦ରେ ହରାଇ ଟାଇଟଲ ଜିତିନେଇଥିଲା। ଓଡ଼ିଶା ପକ୍ଷରୁ ସିଙ୍ଗଲ୍ସରେ ସୌମ୍ୟଜିତ ସାହୁ, ଡବଲ୍ସରେ ଦିବ୍ୟମ କେଜରିୱାଲ ଏବଂ ଶୁଭ୍ରକେତନ ମଲ୍ଲିକଙ୍କ ଯୋଡି ପରାଜିତ ହେବା ପରେ ତୃତୀୟ ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା।

ଏହା ପରେ ସିନିଅର ବିଭାଗର ଫାଇନାଲ ମୁକାବିଲା ହୋଇଥିଲା। ପ୍ରଥମେ ଖେଳାଯାଇଥିବା ମହିଳା ବିଭାଗରେ ଉତ୍ତରାଖଣ୍ଡ ୩-୧ ମୁକାବିଲାରେ ଉତ୍ତରପ୍ରଦେଶକୁ ଓ ପୁରୁଷ ବିଭାଗରେ ବିହାରକୁ ୩-୦ରେ ହରାଇ ଟାଇଟଲ ଜିତିନେଇଥିଲା। ସମସ୍ତ ୪ଟି ଯାକ ବିଭାଗ ଫାଇନାଲରେ ଉତ୍ତରାଖଣ୍ଡ ବିପକ୍ଷରେ ଉତ୍ତରପ୍ରଦେଶର ଦିବ୍ୟାଂଶୀ ଗୌତମ କେବଳ ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟକୁମାର ସ୍ୱାଇଁ ମୁଖ୍ୟଅତିଥି, ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଗୀତା ଦାସ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଲିନ କୁମାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଜିଠାରୁ ବ୍ୟକ୍ତିଗତ ବିଭାଗରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ୬ ତାରିଖ ବା ରବିବାର ଫାଇନାଲ ମୁକାବିଲା ସହ ପ୍ରତିଯୋଗିତା ଶେଷ ହେବ ବୋଲି କର୍ମକର୍ତ୍ତା ସୁରୁଲାଲ ମଟାରୀ ଜଣାଇଛନ୍ତି।

## ପାରା ଭଲିବଲ ଚାମ୍ପିଅନସିପ୍ ଆରମ୍ଭ




ଭୁବନେଶ୍ୱର,୪।୯ (ସମିସ): ପାରା ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ନୂଆପଲ୍ଲୀସ୍ଥିତ ଇଣ୍ଡୋର ହଲ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ରାଜ୍ୟ ପାରା ଭଲିବଲ ଚାମ୍ପିଅନସିପ୍। ରବିବାର ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଆୟୋଜକ ସଂଘ ସଭାପତି କମଳାକାନ୍ତ ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ୩ ଦିନ ଧରି ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୮ଟି ଜିଲ୍ଲାରୁ ୧୫୦ରୁ ଊର୍ଦ୍ଧ୍ୱ ପାରା ଭଲିବଲ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପୁରୁଷ ବିଭାଗରେ ୧୦ଟି ଓ ମହିଳା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରଥମେ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଏହା ପରେ ନକ୍‌ଆଉଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରୁ ଜାତୀୟ ପାରା ଭଲିବଲ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ ବୋଲି ଜଣାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS